- Vol.- 46, Issue No. 88
- Sunday, 28 June 2026
- ରବିବାର, ୨୮ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ପୁଣି ଟାରିଫ୍ ଲଗାଇବେ ଟ୍ରମ୍ପ

### ଆସନ୍ତା ବର୍ଷ ଭାରତ ଗସ୍ତରେ ଆସିବେ




ନୂଆଦିଲ୍ଲୀ, ୨୭।୬ : ପୁଣି ଟାରିଫ୍ ଲଗାଇବେ ଟ୍ରମ୍ପ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଏକ ବଡ଼ ଘୋଷଣା କରିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ ଯଦି କୌଣସି ଦେଶ ଆମେରିକୀୟ ଡିଜିଟାଲ୍ ସେବା କମ୍ପାନୀଗୁଡ଼ିକ ଉପରେ ଟିକସ ଲଗାଏ, ତେବେ ତାଙ୍କ ସରକାର ଏପରି ଦେଶଗୁଡ଼ିକ ଉପରେ ୧୦୦ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବ। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଏହି ଶୁଳ୍କ ସେହି ଦେଶଗୁଡ଼ିକ ଉପରେ ଲାଗୁ ହେବ ଯେଉଁମାନଙ୍କ ସହିତ ଆମେରିକାର ବାଣିଜ୍ୟ ଚୁକ୍ତି ଅଛି। ଡୋନାଲ୍ଡ ଟ୍ରମ୍ପଙ୍କ ଏହି ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ୟୁରୋପୀୟ ସଂଘ (ଇୟୁ) ଆମେରିକା ସହିତ ଏକ ବାଣିଜ୍ୟ ଚୁକ୍ତିର ସର୍ତ୍ତାବଳୀକୁ ପ୍ରାୟ ଚୂଡ଼ାନ୍ତ କରିସାରିଛି, ଏବଂ ଦୁଇ ଦେଶ ମଧ୍ୟରେ ଏହାକୁ ମୋହର ଲଗାଇବା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଅଛି। ଏହା ବ୍ୟତୀତ ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନାକୁ ତ୍ୱରାନ୍ୱିତ କରିଛି, ଏବଂ ଏହି ବର୍ଷ ଶେଷ କିମ୍ବା ଆସନ୍ତା ବର୍ଷ ଆରମ୍ଭ ସୁଦ୍ଧା ଏକ ବାଣିଜ୍ୟ ଚୁକ୍ତି ଦାଖଲ କରିବାକୁ ପ୍ରୟାସ ଚାଲିଛି। ୨୦୨୭ ଆରମ୍ଭରେ ଭାରତ ଗସ୍ତ କରିବେ ରାଷ୍ଟ୍ରପତି ଟ୍ରମ୍ପ। ଏନେଇ ଆମେରିକା ବିଦେଶ ମନ୍ତ୍ରୀ ମାର୍କ ରୁବିଓ ସୂଚନା ଦେଇଛନ୍ତି। ଏହି ଗସ୍ତ ଉଭୟ ଦେଶର ରାଜନୈତିକ ଓ ବ୍ୟବସାୟିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ।

# ମହାରାଷ୍ଟ୍ର ଟିଇଟି ପ୍ରଶ୍ନପତ୍ର ପ୍ରଘଟ

- ✦ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ
- ✦ ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦ ସ୍ଥଗିତ କଲେ ପରୀକ୍ଷା
- ✦ ୧୦୨୮ କେନ୍ଦ୍ରରେ ୪ ଲକ୍ଷରୁ ଅଧିକ ଆଶାୟୀ ଦେଇଥାଆନ୍ତେ ପରୀକ୍ଷା



ମୁମ୍ବାଇ, ୨୭।୬: ନିଟ୍ ୟୁଜି ପ୍ରଶ୍ନପତ୍ର ପ୍ରଘଟର ଦୁଃଖ ମନରୁ ପାସୋର ଯାଇ ନଥିବା ବେଳେ ଏବେ ଟିଚର୍ସ ଏଲିଜିବିଲିଟୀ ଟେଷ୍ଟ (ଟିଇଟି )ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇ ଯାଇଛି।ମହାରାଷ୍ଟ୍ର ଟିଇଟି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ ଘଟଣା ଆସିଛି। ରବିବାର ଅର୍ଥାତ୍ ଜୁନ ୨୮ରେ ମହାରାଷ୍ଟ୍ର ଟିଇଟି ପରୀକ୍ଷା ହେବାର ଥିଲା। କିନ୍ତୁ ଏହାର ୨୪ ଘଣ୍ଟା ପୂର୍ବରୁ ଅର୍ଥାତ୍ ଶନିବାର ପ୍ରଶ୍ନପତ୍ର ପ୍ରଘଟ ହୋଇଯାଇଛି। ଏଥିପାଇଁ ଆସନ୍ତାକାଲି ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ କରି ଦିଆଯାଇଛି।ଘଟଣା ସାମ୍ନାକୁ ଆସିବା ପରେ ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦ ପରୀକ୍ଷାକୁ ସ୍ଥଗିତ ରଖିଛି। ନୂତନ ତାରିଖ ଘୋଷଣା ନେଇ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାକୁ ନେଇ ମହାରାଷ୍ଟ୍ର ପୁଲିସ ତତ୍ପର ହୋଇଛି। ପ୍ରଶ୍ନପତ୍ର ପ୍ରଘଟ ଘଟଣା ସାମ୍ନାକୁ ଆସିବା ପରେ ପୁଲିସ ଥାନେର ଭିୱାଣ୍ଡି ଅଞ୍ଚଳର ଅନେକ ସ୍ଥାନରେ ଚଢାଉ କରିଛି। ଜବତ ପ୍ରଶ୍ନପତ୍ର ଯାଞ୍ଚ କରିବା ପାଇଁ ପରୀକ୍ଷା ପରିଷଦ ଅଧିକାରୀଙ୍କୁ ଡକାଯାଇଥିଲା। ପୋଲିସ କହିଛି ଯେ ଏହି ମାମଲାରେ ଅନେକ ଲୋକଙ୍କୁ ଅଟକ ରଖାଯାଇଛି, ଯଦିଓ ସଂଖ୍ୟା ପ୍ରକାଶ କରାଯାଇ ନାହିଁ। ଟିଇଟି ପରୀକ୍ଷାକୁ ୪.୨୮ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଦେଇଥାଆନ୍ତେ।ରାଜ୍ୟରେ ୧୦୨୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥାଆନ୍ତା। ୧୮୦୦ ଏଆଇ ଭିତ୍ତିକ ସିସିଟିଭି କ୍ୟାମେରା ଲଗାଯିବା ନେଇ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ପ୍ରାର୍ଥୀମାନଙ୍କ ପାଇଁ ବାୟୋମେଟ୍ରିକ୍ ଏବଂ ମୁହଁ ଚିହ୍ନଟ ବ୍ୟବସ୍ଥା ଥିଲା। ସ୍କ୍ରିନିଂ ପାଇଁ ମେଟାଲ୍ ଡିଟେକ୍ଟର ବ୍ୟବହାର କରାଯିବାକୁ ଥିଲା। ମୋବାଇଲ୍ ଫୋନ୍, ସ୍ମାର୍ଟୱାଚ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଜିନିଷ ନିଷେଧ କରିଥିଲା ବୋର୍ଡ। ପରୀକ୍ଷାକେନ୍ଦ୍ରକୁ ପ୍ରବେଶ ପାଇଁ ଆଧାର,ପ୍ୟାନ୍,ଭୋଟର ଆଇଡି କିମ୍ବା ଡ୍ରାଇଭିଂ ଲାଇସେନ୍ସ ଭଳି ପରିଚୟ ପତ୍ର ନେବାକୁ ବୋର୍ଡ ନିର୍ଦ୍ଦେଶନାମା ଜାରି କରିଥିଲେ। ମହାରାଷ୍ଟ୍ରରେ ଶିକ୍ଷକ ହେବାକୁ ଚାହୁଁଥିବା କିମ୍ବା ପୂର୍ବରୁ ସରକାରୀ ଚାକିରିରେ ଥିବା ଲୋକଙ୍କ ପାଇଁ ଟିଇଟି ବାଧ୍ୟତାମୂଳକ ନେଇ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଦେଇଥିଲେ।

## ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

### ଦୋଷୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ



ମୁମ୍ବାଇ, ୨୭।୬: ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଶନିବାର ରାଜ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ୨୦୨୬ ପରୀକ୍ଷା ପତ୍ର ଲିକ୍ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସମ୍ବାଦ ସରବରାହ ଏଜେନ୍ସି ଅନୁଯାୟୀ, ଥାନେ ଯୁଗ୍ମ ପୋଲିସ କମିଶନର ପଞ୍ଜାବରାଓ ଉଗାଲେଙ୍କ ନେତୃତ୍ୱରେ ଏସଆଇଟି ଗଠନ କରାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଫଡନାଭିସ୍ ରାଜ୍ୟ ସ୍କୁଲ ଶିକ୍ଷା ମନ୍ତ୍ରୀ ଦାଦା ଭୁସେ ଏବଂ ପୋଲିସ ମହାନିର୍ଦ୍ଦେଶକ ସଦାନନ୍ଦ ଦତେଙ୍କ ସହ କଥା ହୋଇ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମା' ଓ ଝିଅଙ୍କୁ ବୀଭତ୍ସ ହତ୍ୟା

ବାରିପଦା, ୨୭।୬: ମୟୂରଭଞ୍ଜ ଜିଲ୍ଲାର ମହୁଲଡିହା ଥାନା ସୀମା ଅନ୍ତର୍ଗତ ଡକେଇପାଳ ଗ୍ରାମରେ ଶନିବାର ଜଣେ ୩୦ ବର୍ଷୀୟା ମହିଳା ଏବଂ ତାଙ୍କ ଆଠ ବର୍ଷର ଝିଅଙ୍କୁ ତାଙ୍କ ଘର ଭିତରେ ହତ୍ୟା କରାଯାଇଥିବା ଅନୁମାନ କରାଯାଇଛି। ଘଟଣାଟି ତାରାମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡକେଇପାଳ ଗ୍ରାମର ମୁକ୍ତାଝରୀ ସାହିରେ ଘଟିଛି।ପ୍ରାଥମିକ ସୂଚନା ଅନୁଯାୟୀ, ଚୈତନ୍ୟ ଟୁଡୁ (୩୫) ସକାଳ ପ୍ରାୟ ୧୦ ଟା ସମୟରେ ନିକଟସ୍ଥ ଧାନ ବିଲକୁ କାର୍ଯ୍ୟ ପାଇଁ ବାହାରିଥିଲେ। ଯେତେବେଳେ ସେ ଅପରାହ୍ନ ପ୍ରାୟ ୨ ଟା ସମୟରେ ଘରକୁ ଫେରିଲେ, ସେ ଦେଖିଲେ ଯେ ଘରର ସମସ୍ତ ଦ୍ୱାର ବନ୍ଦ ଅଛି। ତାଙ୍କ ପରିବାର ସଦସ୍ୟଙ୍କୁ ବାରମ୍ବାର ଡାକିବା ସତ୍ତ୍ୱେ ତାଙ୍କୁ କୌଣସି ଉତ୍ତର ମିଳିଲା ନାହିଁ। ଶୋଇବା ଘର ଦ୍ୱାର ଭିତରୁ ବନ୍ଦ ଥିଲା। କିଛି ଅଘଟଣ ସନ୍ଦେହ କରି ଚୈତନ୍ୟ ଏକ ସିଡ଼ି ବ୍ୟବହାର କରି ଟାଇଲ ଛାତ ଉପରକୁ ଚଢ଼ି ସ୍କାଏଲାଇଟ୍ ଦେଇ ଦେଖିଲେ, ସେଠାରେ ସେ ତାଙ୍କ ସ୍ତ୍ରୀ ସୀତା ମଣି ଟୁଡୁ (୩୦) ଏବଂ ଝିଅ ଜବାମଣି ଟୁଡୁ (୮)ଙ୍କ ମୃତଦେହ ତଳେ ପଡ଼ି ରହିଥିଲା। କୋଠରି ଭିତରକୁ ପ୍ରବେଶ କରିବା ପରେ ସେ ଜାଣିପାରିଲେ ଯେ ଉଭୟଙ୍କୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଛି। ଝିଅଟିର ଗଳା କାଟି ଦିଆଯାଇଥିଲା, ଯେତେବେଳେ ମହିଳାଙ୍କ ଶରୀରରେ ଏକ ଧାରୁଆ ଅସ୍ତ୍ର ଦ୍ୱାରା ଗଭୀର ଆଘାତ ଲାଗିଥିଲା। କେଉଁ କାରଣରୁ ଏପରି ହତ୍ୟାକାଣ୍ଡ ଘଟାଇଲେ ଦୁର୍ବୃତ୍ତ ତାହାର କାରଣ ଜଣାପଡିନାହିଁ। ତୁରନ୍ତ ପୋଲିସକୁ ସେ ଜଣାଇଥିଲେ। ସୂଚନା ପାଇ ମହୁଲଡିହା ପୋଲିସ ଷ୍ଟେସନର ଭାରପ୍ରାପ୍ତ ଇନ୍ସପେକ୍ଟର ତୁଷାର ନାୟକ ଏକ ପୋଲିସଟିମ୍ ସହିତ ଓ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ ମଧ୍ୟ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି।

## 'ପ୍ରେସିଡେଣ୍ଟସ୍ କଲର' ରେ ସମ୍ମାନିତ ହେବେ ଓଡ଼ିଶା ପୋଲିସ

ଭୁବନେଶ୍ୱର, ୨୭।୬: ଓଡ଼ିଶା ପୋଲିସ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଅପେକ୍ଷାରେ ରହିଛି। ଦେଶର ଅନ୍ୟତମ ସର୍ବୋଚ୍ଚ ପୋଲିସ ସମ୍ମାନ 'ପ୍ରେସିଡେଣ୍ଟସ୍ କଲର' ରେ ଓଡ଼ିଶା ପୋଲିସକୁ ସମ୍ମାନିତ କରାଯିବ। ଆସନ୍ତା ଜୁଲାଇ ୫ ତାରିଖରେ ଭୁବନେଶ୍ୱରସ୍ଥିତ ୭ମ ବାଟାଲିଅନ୍ ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ସମ୍ମାନ ପ୍ରଦାନ କରିବେ। ଦୀର୍ଘ ବର୍ଷ ଧରି ଆଇନ-ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ବାମପନ୍ଥୀ ଉଗ୍ରବାଦ ମୁକାବିଲା, ବିପର୍ଯ୍ୟୟ ସମୟରେ ଜନସେବା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପୋଲିସର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଉଛି। 'ପ୍ରେସିଡେଣ୍ଟସ୍ କଲର' ହେଉଛି କୌଣସି ପୋଲିସ ବା ସଶସ୍ତ୍ର ବାହିନୀ ପାଇଁ ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଅନ୍ୟତମ। ଦୀର୍ଘକାଳୀନ ନିଷ୍ଠାପୂର୍ଣ୍ଣ ସେବା, ବୃତ୍ତିଗତ ଦକ୍ଷତା, ଶୃଙ୍ଖଳା ଏବଂ ଜାତୀୟ ସେବାରେ ବିଶେଷ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଏ।

## ବିଷ ବୋତଲ ଧରି ଧାରଣାରେ ଚାଷୀ



ବରଗଡ଼, ୨୭।୬: ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜିଲାର ବହୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ଧାନବିକ୍ରି ଟୋକନ ମିଳି ନ ଥିବାରୁ ଏ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢୁଛି। ଶନିବାର ବରଗଡ଼ ଡିଆରସିଏସଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାରେ ଜଣେ ଚାଷୀ ବିଷ ବୋତଲ ପ୍ରଦର୍ଶନ କରିଥିଲେ। ଚାଷୀ ଜଣଙ୍କ ଭଟଲି ବ୍ଲକ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର କନ୍ଦର୍ପ ବାରିକ। ବିଷ ବୋତଲ ଦେଖାଇବା ଏବଂ ଟୋକନ ନ ମିଳିଲେ ତାହା ସେଠାରେ ପିଇଦେବା ପାଇଁ କହିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେବାପରେ ଧାରଣାସ୍ଥଳରେ ଉପସ୍ଥିତ ସଂଯୁକ୍ତ କୃଷକ ସଂଗଠନର ଜଣେ ଉପଦେଷ୍ଟା ସେହି ବିଷ ବୋତଲକୁ ଛଡ଼ାଇ ନେଇ ପୋଲିସକୁ ଦେଇଥିଲେ। ପାକ୍ସ ସମ୍ପାଦକ, ଡିଆରସିଏସ୍‌ଙ୍କଠାରୁ ଆରମ୍ଭ କରି ଜିଲାପାଳ ଏବଂ ଭଟଲି ବିଧାୟକଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ସେ ଚାଷ କରିଥିବା ଜମି ଅନୁଯାୟୀ ତାଙ୍କୁ ଧାନ ବିକ୍ରି ଟୋକନ ମିଳିପାରିନାହିଁ ଏବଂ ସେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ବୋଲି କ୍ଷୋଭର ସହ କହିଛନ୍ତି।

# ଥରିଲା ଉତ୍ତର-ପଶ୍ଚିମ ଭାରତ

- ତୀବ୍ରତା ୬.୨ ଅନୁଭୂତ
- ଦିଲ୍ଲୀର କିଛି ଅଞ୍ଚଳରେ ଆତଙ୍କ



ନୂଆଦିଲ୍ଲୀ, ୨୭।୬: ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୨ ଅନୁଭୂତ ହୋଇଥିଲା। ଏହି ଭୂକମ୍ପ ଭାରତୀୟ ସମୟ ସନ୍ଧ୍ୟା ୭:୦୪ ମିନିଟରେ ଭୂପୃଷ୍ଠରୁ ୨୧୫ କିଲୋମିଟର ଗଭୀରତାରେ ସଂଘଟିତ ହୋଇଥିଲା, ଯାହାର ଝଟକା ପାକିସ୍ତାନ ଏବଂ ଉତ୍ତର-ପଶ୍ଚିମ ଭାରତର କିଛି ଅଞ୍ଚଳରେ ମଧ୍ୟ ଅନୁଭୂତ ହୋଇଥିଲା। ତେବେ ଏହି ଭୂକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି କିମ୍ବା ମୃତାହତ ସଂପର୍କରେ ତତ୍କାଳ କିଛି ସୂଚନା ମିଳିନାହିଁ। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଉତ୍ତର-ପୂର୍ବ ଆଫଗାନିସ୍ତାନର କାଲାଫଗାନଠାରୁ ପ୍ରାୟ ୮୧ କିଲୋମିଟର ଦୂରରେ ଥିଲା। ଏହି ଝଟକା ଆଫଗାନିସ୍ତାନ, ପାକିସ୍ତାନ, ଭାରତ, ଚୀନ, ତାଜିକିସ୍ତାନ, ଉଜବେକିସ୍ତାନ, କିର୍ଗିଜିସ୍ତାନ ଏବଂ ତୁର୍କମେନିସ୍ତାନରେ ଅନୁଭୂତ ହୋଇଛି। ଭୂକମ୍ପଟି ଅଧିକ ଗଭୀରତାରେ ହୋଇଥିବାରୁ ଏହାର ପ୍ରଭାବ ଏକ ବଡ଼ ଭୌଗୋଳିକ ଅଞ୍ଚଳରେ ଦେଖିବାକୁ ମିଳିଛି। ଯଦିଓ ସାଧାରଣତଃ ଅଧିକ ଗଭୀର କେନ୍ଦ୍ରବିନ୍ଦୁ ଥିବା ଭୂକମ୍ପଗୁଡ଼ିକ ଯୋଗୁଁ ଭୂପୃଷ୍ଠରେ ବ୍ୟାପକ କ୍ଷୟକ୍ଷତି ହେବାର ସମ୍ଭାବନା କମ୍ ଥାଏ।ଭୂକମ୍ପର ଝଟକା ଉତ୍ତର-ପଶ୍ଚିମ ଭାରତର କିଛି ଅଂଶରେ ଅନୁଭୂତ ହୋଇଛି। ଭୂକମ୍ପ ଅନୁଭୂତ ହେବାରୁ ଦିଲ୍ଲୀର କିଛି ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଲୋକେ ନିଜ ନିଜ ଘରୁ ଏବଂ ଅଫିସରୁ ବାହାରକୁ ଦୌଡ଼ି ବାହାରି ଆସିଥିଲେ। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଭୂକମ୍ପ ଝଟକାରେ ଦୋହଲି ଯାଇଛି ଭେନେଜୁଏଲା। ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଦୁଇ ଦୁଇଟି ବଡ଼ ଭୂକମ୍ପରେ ଛାରଖାର ହୋଇଯାଇଛି ଭେନେଜୁଏଲା। ଏଥିରେ ଏଯାବତ୍ ମୃତ୍ୟୁ ସଂଖ୍ୟା ୯୨୦ରେ ପହଞ୍ଚିଛି।

### ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ଭୀମସେନ ଟୁଡୁ ଚାକିରିରୁ ବିଦା



ଭୁବନେଶ୍ୱର, ୨୭।୬ (ନିପ୍ର): ନୂଆ କରି ନିଯୁକ୍ତି ପାଇଥିବା ଓଟିଏଏସ ଅଧିକାରୀ ଭୀମସେନ ଟୁଡୁଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସୂଚନାଯୋଗ୍ୟ ଯେ, ନୂଆ କରି ଓଟିଏଏସ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଂ ସମୟରେ ୨୦୨୬ ଜୁନ୍ ୪ ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୋଲିସ ଦ୍ୱାରା ଗିରଫ ହୋଇଥିଲେ ଏବଂ ତାଙ୍କୁ ଜୁଡିସିଆଲ୍ ହେପାଜତକୁ ପଠାଯାଇଛି। ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟଧରି ପୋଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି।

## ମହାନଦୀ ବିବାଦ: ଜୁଲାଇ ୧୧ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୨୭।୬: ଦୀର୍ଘଦିନ ଧରି ମହାନଦୀ ପାଣିକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଚାଲିଥିବା କନ୍ଦଳର ଅନ୍ତ ଘଟିବ। ଦୁଇ ରାଜ୍ୟ ମଧ୍ୟରେ ସଚିବସ୍ତରୀୟ ବୈଠକ ବସିବା ନେଇ ସୂଚନା ଦେଇଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଶନିବାର ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କରିଛନ୍ତି ଯୁଗ୍ମ ବୈଷୟିକ ଟିମ୍। ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ୨ ରାଜ୍ୟ ମଧ୍ୟରେ ସମାଧାନର ବାଟ ଧୀରେ ଧୀରେ ପ୍ରଶସ୍ତ ହେଉଥିବା ନେଇ ସଂକେତ ମିଳିଛି। ଆଡଭୋକେଟ ଜେନେରାଲ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଆସନ୍ତା ଜୁଲାଇ ୧୧ରେ ମହାନଦୀ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବେ ଟ୍ରିବ୍ୟୁନାଲ।

### ଡବ୍ଲୁଇପି ଓଡ଼ିଶା ଚାପ୍ଟରର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ମହିଳାମାନେ ନିଯୁକ୍ତି ସୃଷ୍ଟି କରିବେ




ଭୁବନେଶ୍ୱର, ୨୭।୬: ଓଡ଼ିଶାର ଅର୍ଥନୈତିକ ପରିବର୍ତ୍ତନର ଅଗ୍ରଭାଗରେ ମହିଳାମାନଙ୍କୁ ସ୍ଥାନିତ କରିବା ପାଇଁ ଏକ ଶକ୍ତିଶାଳୀ ପ୍ରୟାସ ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ମହିଳା ଉଦ୍ୟୋଗିତା ପ୍ଲାଟଫର୍ମ (ଡବଲୁଇପି) - ଓଡ଼ିଶା ଚାପ୍ଟରର ଶୁଭାରମ୍ଭ କରିଛନ୍ତି, ଯାହା ଏକ ନୂତନ ଯୁଗର ପରିଚୟ ଦିଏ ଯେଉଁଠାରେ ମହିଳାମାନେ କେବଳ ବିକାଶରେ ଅଂଶଗ୍ରହଣ କରିବେ ନାହିଁ ବରଂ ନେତୃତ୍ୱ ନେବେ। ଲୋକ ସେବା ଭବନ କନଭେନସନ ସେଣ୍ଟରରେ ଅନ୍ତର୍ଜାତୀୟ ଏମଏସଏମଇ ଦିବସ ପାଳନ ପାଇଁ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମେ ଏପରି ଏକ ଓଡ଼ିଶା ନିର୍ମାଣ କରିବାକୁ ଚାହୁଁଛୁ ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ ବରଂ ନିଯୁକ୍ତି ସୃଷ୍ଟି କରିବେ। ସେମାନେ କେବଳ ଉତ୍ପାଦର ଗ୍ରାହକ ହୋଇ ରହିବେ ନାହିଁ ବରଂ ଉତ୍ପାଦର ସୃଷ୍ଟିକର୍ତ୍ତା ହେବେ। ସେମାନେ କେବଳ ବିକାଶରେ ଅଂଶୀଦାର ହେବେ ନାହିଁ ବରଂ ବିକାଶର ନେତୃତ୍ୱ ନେବେ।' ନୀତି ଆୟୋଗ ଦ୍ୱାରା ସମର୍ଥିତ ଡବଲୁଇପି ଓଡ଼ିଶା ଚାପ୍ଟର, ମିଶନ ଶକ୍ତି, ଏମଏସଏମଇ ବିଭାଗ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକୁ ଏକ ଛାତ ତଳେ ଆର୍ଥିକ ସହାୟତା, ବଜାର ପ୍ରବେଶ, ପରାମର୍ଶ ଏବଂ ଦକ୍ଷତା ବିକାଶ ପ୍ରଦାନ କରିବା ପାଇଁ ଏକକ-ୱିଣ୍ଡୋ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏମଏସଏମଇ ପାଇଁ ପ୍ରମୁଖ ଭିତ୍ତିଭୂମି ପ୍ରୋତ୍ସାହନ: ଡବଲୁଇପି ଶୁଭାରମ୍ଭ ସହିତ, ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ତାହା ମଧ୍ୟରେ ରହିଛି:ବାଲେଶ୍ୱରରେ ଚାଉଳ ମିଲିଂ କ୍ଲଷ୍ଟର (୨୪.୧୮ କୋଟି) - ଚାଉଳ ବ୍ରାନ୍ ତେଲ ଏବଂ ମୂଲ୍ୟଯୁକ୍ତ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ। ପାହାଳରେ ରସଗୋଲା କ୍ଲଷ୍ଟର (୧୭.୭୦ କୋଟି) - ଦୈନିକ ଉତ୍ପାଦନ କ୍ଷମତା ୭,୦୦୦ କିଲୋଗ୍ରାମରୁ ୧୧,୦୦୦ କିଲୋଗ୍ରାମକୁ ବୃଦ୍ଧି କରିବ ବୋଲି ଆଶା ପ୍ରକଟ କରାଯାଉଛି।ଦୁଇଟି ବହୁ-ଉତ୍ପାଦ ଏମଏସଏମଇ ପାର୍କ - ବରପାଲି (ଗଞ୍ଜାମ) ଏବଂ କେସିଙ୍ଗା (କଳାହାଣ୍ଡି) ରେ ପ୍ରତ୍ୟେକ ପାଇଁ ୧୦ କୋଟି ଏବଂ ସରକାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ମଲ୍ଟି-ପ୍ରଡକ୍ଟ ଏମଏସଏମଇ ପାର୍କ ସ୍ଥାପନ କରିବାକୁ ଯୋଜନା କରିଛନ୍ତି, ଯେଉଁଥିରେ ଇଞ୍ଜିନିୟରିଂ, ପ୍ରିଣ୍ଟିଂ ଏବଂ ପ୍ୟାକେଜିଂ ଏବଂ କାଜୁ ପାଇଁ ଆଗାମୀ କ୍ଲଷ୍ଟର ମଧ୍ୟ ସ୍ଥାପନ କରାଯିବ।

- ■ ହେବେ ଉତ୍ପାଦର ସୃଷ୍ଟିକର୍ତ୍ତା
- ■ ବିକାଶର ନେବେ ନେତୃତ୍ୱ
- ■ ପ୍ରତ୍ୟେକ ଜିଲ୍ଲାରେ ହେବ ମଲ୍ଟି-ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ

# ମହାପ୍ରଭୁଙ୍କ ଦିବ୍ୟ ସ୍ନାନଯାତ୍ରା



**ମୁଖ ପ୍ରକ୍ଷାଳନ ବା ଅବକାଶ ନୀତି ଠାରୁ ଆରମ୍ଭ କରି ରାତ୍ରି ଶୟନ ବା ପହୁଡ଼ ନୀତି ପର୍ଯ୍ୟନ୍ତ ସମସ୍ତ କର୍ମାଦିମାନ। ମଣିଷ ଯେପରି ଶରୀର ତ୍ୟାଗ କରିଥାଏ ଏବଂ ତା'ର ଆତ୍ମା ଘଟ ପରିବର୍ତ୍ତନ କରେ, ସେଭଳି ଦାରୁବ୍ରହ୍ମଙ୍କ ବ୍ରହ୍ମ ପରିବର୍ତ୍ତନ ହେବା ସହ ନବକଳେବର ମଧ୍ୟ ହୋଇଥାଏ। ଭକ୍ତ ବିନୋଦିଆ ପ୍ରଭୁ ଭକ୍ତଙ୍କ ନିମନ୍ତେ , ସେ ବର୍ଷର ବାର ମାସରେ ତେର ଯାତ୍ରା କରିଥାନ୍ତି। ଯାହାକୁ ଦ୍ୱାଦଶ ଯାତ୍ରା କୁହାଯାଏ। ସେଥିମଧ୍ୟରୁ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା ଅନ୍ୟତମ।**



ବିଶ୍ୱ ବ୍ରହ୍ମାଣ୍ଡର ନିୟନ୍ତା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହେଉଛନ୍ତି ଜୀବନ୍ତ ଠାକୁର। ସେ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳ ଧାମରେ ରହି ମାନବୀୟ ଲୀଳା କରି ଚାଲିଛନ୍ତି। ମନୁଷ୍ୟ ଯେପରି ନିତ୍ୟ ନୈମିତ୍ତିକ କର୍ମ କରିଥାଏ, ସେପରି ମହାପ୍ରଭୁ ମଧ୍ୟ ସେବକ ମାନଙ୍କ ମାଧ୍ୟମରେ କରନ୍ତି। ଯେଭଳି ମୁଖ ପ୍ରକ୍ଷାଳନ ବା ଅବକାଶ ନୀତି ଠାରୁ ଆରମ୍ଭ କରି ରାତ୍ରି ଶୟନ ବା ପହୁଡ଼ ନୀତି ପର୍ଯ୍ୟନ୍ତ ସମସ୍ତ କର୍ମାଦିମାନ। ମଣିଷ ଯେପରି ଶରୀର ତ୍ୟାଗ କରିଥାଏ ଏବଂ ତା'ର ଆତ୍ମା ଘଟ ପରିବର୍ତ୍ତନ କରେ, ସେଭଳି ଦାରୁବ୍ରହ୍ମଙ୍କ ବ୍ରହ୍ମ ପରିବର୍ତ୍ତନ ହେବା ସହ ନବକଳେବର ମଧ୍ୟ ହୋଇଥାଏ। ଭକ୍ତ ବିନୋଦିଆ ପ୍ରଭୁ ଭକ୍ତଙ୍କ ନିମନ୍ତେ, ସେ ବର୍ଷର ବାର ମାସରେ ତେର ଯାତ୍ରା କରିଥାନ୍ତି। ଯାହାକୁ ଦ୍ୱାଦଶ ଯାତ୍ରା କୁହାଯାଏ। ସେଥିମଧ୍ୟରୁ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା ଅନ୍ୟତମ। ଏହା ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇଥାଏ।

ଏହି ସ୍ନାନଯାତ୍ରାର ବିଶେଷତ୍ୱ ପବିତ୍ର ସ୍କନ୍ଦ ପୁରାଣ, ପୁରୁଷୋତ୍ତମ ମାହାତ୍ମ୍ୟ, ବ୍ରହ୍ମ ପୁରାଣ ଓ ପଦ୍ମ ପୁରାଣାଦିରେ ବର୍ଣ୍ଣିତ ହୋଇଛି। ଉକ୍ତ ପୁରାଣଗୁଡିକରେ ଏହାର ଅଲୌକିକ ମହିମା ସମ୍ପର୍କରେ ବିସ୍ତୃତ ଭାବେ ଦେଖିବାକୁ ମିଳେ। ଯେପରି ସ୍କନ୍ଦ ପୁରାଣର 'ଉତ୍କଳ ଖଣ୍ଡ' ଅନୁଯାୟୀ, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କ ଶ୍ରୀବିଗ୍ରହ ପ୍ରତିଷ୍ଠା କରିଥିଲେ ଏବଂ ସ୍ୱୟଂ ବ୍ରହ୍ମା ଜ୍ୟେଷ୍ଠ ପୂର୍ଣ୍ଣିମାରେ ପ୍ରଭୁଙ୍କର ପ୍ରଥମ ଜଳାଭିଷେକ ବା ସ୍ନାନଯାତ୍ରା ସମ୍ପନ୍ନ କରିଥିଲେ ବୋଲି କୁହାଯାଇଛି। ଏହାର ମହିମା ବିଷୟରେ ବର୍ଣ୍ଣିତ ହୋଇଛି ଯେ:

*ଜ୍ୟେଷ୍ଠସ୍ୟ ଶୁକ୍ଳପକ୍ଷେ ତୁ ପୂର୍ଣ୍ଣିମାୟାଂ ଦ୍ୱିଜୋତ୍ତମାଃ।*
*ସୁସ୍ନାତଂ ସର୍ବତୀର୍ଥୌଘୈଃ ପଶ୍ୟେତ ପୁରୁଷୋତ୍ତମମ୍*
*ସର୍ବପାପ ବିନିର୍ମୁକ୍ତଃ ସ ଗଚ୍ଛେଦ୍ ବୈଷ୍ଣବଂ ପଦମ୍।*
*ଅଶ୍ୱମେଧସହସ୍ରସ୍ୟ ଫଳଂ ପ୍ରାପ୍ନୋତି ନିଶ୍ଚିତମ୍।।*

ଅର୍ଥାତ୍, ହେ ଶ୍ରେଷ୍ଠ ଦ୍ୱିଜଗଣ (ବ୍ରାହ୍ମଣମାନେ)! ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ସମସ୍ତ ପବିତ୍ର ତୀର୍ଥର ଜଳରେ ସ୍ନାନ କରିଥିବା ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ)ଙ୍କୁ ଯିଏ ଦର୍ଶନ କରେ, ସେ ନିଜର ସମସ୍ତ ପାପରୁ ମୁକ୍ତିଲାଭ କରି ଶେଷରେ ବିଷ୍ଣୁଲୋକ (ବୈକୁଣ୍ଠ)କୁ ପ୍ରାପ୍ତ ହୁଏ। ଏଥି ସହ ସେ ନିଶ୍ଚିତ ଭାବରେ ଏକ ହଜାର ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତି କରିଥାଏ।

ପ୍ରସିଦ୍ଧ ବ୍ରହ୍ମ ପୁରାଣରେ ଶ୍ରୀକ୍ଷେତ୍ର ଓ ସ୍ନାନବେଦୀର ଅଲୌକିକ ପ୍ରଭାବକୁ ବର୍ଣ୍ଣନା କରିବା ସହ କୁହାଯାଇଛି ଯେ,ଏହି ସ୍ନାନଯାତ୍ରା ଦିନ ଶ୍ରୀମନ୍ଦିରର 'ସୁନା କୂଅ'ରୁ ପବିତ୍ର ୧୦୮ ଗୋଟି ଗରା ଜଳ ଆସିଥାଏ। ତାହା ଅଧିବାସ ହେବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଏ। ଫଳରେ ସଂସାରର ସମସ୍ତ ପ୍ରାଣୀ ଶୀତଳତା



ପାଇଥାନ୍ତି। ତା'ସହ ପାବନ ଜନ୍ମୋତ୍ସବ ଉପରେ ମଧ୍ୟ ରଚନା କରାଯାଇଛି:ହେ ଦେବଦେବ! ହେ ଜଗନ୍ନାଥ! ଆପଣ ଏ ସଂସାର ରୂପକ ସମୁଦ୍ରରୁ ଉଦ୍ଧାର କରୁଥିବା ତାରକ ବ୍ରହ୍ମ ଅଟନ୍ତି। ଆପଣ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଶୁଭ ପୂର୍ଣ୍ଣିମା ଦିନ ଏହି ପୃଥିବୀ ପୃଷ୍ଠରେ ମାନବୀୟ ଲୀଳା କରିବା ପାଇଁ ଦାରୁବ୍ରହ୍ମ ସ୍ୱରୂପରେ ଆବିର୍ଭୂତ ହୋଇଥିଲେ। ତେଣୁ ଆପଣଙ୍କର ଏହି ଜନ୍ମୋତ୍ସବକୁ ସ୍ନାନଯାତ୍ରା ମହୋତ୍ସବ ଭାବେ ପାଳନ କରାଯାଉଛି।

**-ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
କବିସୂର୍ଯ୍ୟ ନଗର, ମୋ: ୯୮୬୧୩୩୪୮୬୮

## ସମ୍ରାଟ ଆକବର ଓ ବୀରବଲ



ଥରେ ସମ୍ରାଟ ଆକବର ବୀରବଲଙ୍କୁ ଏକ ଅଜବ ପ୍ରଶ୍ନ ପଚାରିଲେ: 'ମୋ ରାଜ୍ୟରେ କେତେ ସଂଖ୍ୟକ କାଉ ଅଛନ୍ତି ?'


କ୍ଷଣଟିଏ ଦ୍ୱିଧା ନକରି ବୀରବଲ ଉତ୍ତର ଦେଇଥିଲେ, 'ଅଶୀ ହଜାର କାଉ ଅଛନ୍ତି, ଜାହାଁପନା।'

ଆକବର ପଚାରିଲେ ଯଦି ସଂଖ୍ୟା ଭିନ୍ନ ଥାଏ, ଏନେଇ ତୁମେ କ'ଣ କହିବ ?

ବୀରବଲ ଚତୁରତାର ସହିତ କହିଲେ, 'ଯଦି ଅଧିକ କାଉ ଥାଆନ୍ତି, ତେବେ ସେମାନେ ନିଶ୍ଚିତ ଭାବରେ ସେମାନଙ୍କ ସମ୍ପର୍କୀୟଙ୍କୁ ଭେଟିବାକୁ ଆସିଥିବେ। ଯଦି କମ୍ ଥାଆନ୍ତି, ତେବେ କିଛି ସେମାନଙ୍କ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇଥିବେ।'

## ଜୀବନର ଦିଗ୍‌ଦର୍ଶକ
# ଭାଗବତ

ଭାଗବତ ପଦାବଳୀ ଆବୃତ୍ତି କରି ଓଡ଼ିଆ ଜାତିର ପ୍ରାଣସତ୍ତା ତୃପ୍ତ ହୋଇଉଠେ । ଭାଗବତ (ସଂସ୍କୃତ) ଐକାନ୍ତିକ ଶୁଦ୍ଧାଭକ୍ତି ଧର୍ମର ଶାସ୍ତ୍ର ହୋଇଥିଲେ ହେଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଶୁଦ୍ଧ ଭକ୍ତିଭାବ ପରିବର୍ତ୍ତେ ଜ୍ଞାନମିଶ୍ରା ଭକ୍ତିଧର୍ମ ଓ ଶୂନ୍ୟ ସାଧନା ପ୍ରବର୍ତ୍ତିତ ହୋଇଅଛି । ଏହା ମୂଳ ଭାଗବତ ସମର୍ଥିତ ନୁହେଁ । ଏହା ନବାକ୍ଷରୀ ଛନ୍ଦ ବା ଗୁଜ୍ଜରୀ ଛନ୍ଦରେ ଲିଖିତ । ଅଲୌକିକ ସାଧନା ବା ସିଦ୍ଧିସମ୍ପନ୍ନ ଅତିବଡ଼ି ରୂପେ ନୁହେଁ, ନୈସର୍ଗିକ କବିତ୍ୱର ଅଧିକାରୀ, ଓଡ଼ିଆ ଜନଜୀବନର ଅଗ୍ରପୂଜ୍ୟ ହିଁ ଜଗନ୍ନାଥ ଦାସ । ଓଡ଼ିଶାର ବେଦ ହିଁ ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ । ଓଡ଼ିଶାର ଆଧ୍ୟାତ୍ମିକ ଜାଗରଣ, ସାଂସ୍କୃତିକ ବିକାଶ, ପାରସ୍ପରିକ ସଦ୍ଭାବ ପ୍ରତିଷ୍ଠା, ଶୃଙ୍ଖଳିତ ସମାଜ ଗଠନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଗ୍ରାମ୍ୟ ଏକତା, ଭେଦାଭେଦ ନିରୋଧ, ଚାରିତ୍ରିକ ଶିକ୍ଷା, ପାରିବାରିକ ଏକତ୍ୱ ଏବଂ ସର୍ବୋପରି ଓଡ଼ିଆଙ୍କ ଅଭ୍ୟୁଦୟ ହିଁ ଜଗନ୍ନାଥ ଦାସ କୃତ ଭାଗବତ ! ଏବଂ ସେଇଥିପାଇଁ –"ସକଳ ଶାସ୍ତ୍ର ଭାଗବତ । ଅଭ୍ୟାସ କରୁଥିବ ନିତ୍ୟ।" ଜଗନ୍ନାଥ ଦାସ କୃତ ଭାଗବତ ସତେ ଯେମିତି ଆମର ଲୋକସାହିତ୍ୟ ! ଏହାର ବହୁ ପଦ,




ସଦୁକ୍ତି ବା ସୁଭାଷିତ ରୂପେ ଓଡ଼ିଶାର ଜନମାନସରେ ଦୈନନ୍ଦିନ ଜୀବନରେ ଉଚ୍ଚାରିତ ହୋଇଥାଏ, ଯଥା- ଆତ୍ମା କୁଶଳେ ସର୍ବସିଦ୍ଧି । ତରଇ ସଂସାର ଜଳଧି । ଭାଗବତ ଶବ୍ଦର ଅର୍ଥ ହେଲା 'ଭା'ର ଅର୍ଥ ଭାବ, 'ଗ'ର ଅର୍ଥ ଜ୍ଞାନ 'ବ' ର ଅର୍ଥ ବୈରାଗ୍ୟ ଏବଂ 'ତ'ର ଅର୍ଥ ତତ୍ତ୍ୱ । କିନ୍ତୁ ବ୍ୟାକରଣ ସୂତ୍ରାନୁସାରେ ଭାଗବତ କୃତଂ ଭାଗବତମ୍, ଅର୍ଥାତ୍ ଯାହା ଭଗବାନଙ୍କ କୃତ ତାହାହିଁ ଭାଗବତ। ଏହି ଭାଗବତରେ ଭଗବାନଙ୍କ କୀର୍ତ୍ତି ଏବଂ ମହାତ୍ମ୍ୟ ବର୍ଣ୍ଣିତ।ଷୋଡ଼ଶ ଶତାବ୍ଦୀରେ ଯେଉଁ ମହାମନୀଷୀମାନେ ଶ୍ରୀମଦ୍ ଭାଗବତକୁ ଆଧାରକରି ପ୍ରାନ୍ତୀୟ ଭାଷାରେ ନିଜନିଜ ଭକ୍ତିପୂର୍ଣ୍ଣ କୃତିସମୂହ ଦ୍ୱାରା ସମାଜରେ ଭକ୍ତିଧାରା ସୃଷ୍ଟି କରିବାରେ ମହାନ କାର୍ଯ୍ୟ କରିଛନ୍ତି ସେମାନଙ୍କ ମଧ୍ୟରେ ଓଡିଶାର ମହାନ ସନ୍ଥ ଅତିବଡୀ ଜଗନ୍ନାଥ ଦାସ ଅନ୍ୟତମ। ତାଙ୍କ ପ୍ରଣୀତ ଓଡ଼ିଆ ଭାଗବତ ଉତ୍କଳୀୟ ଜନଜୀବନ ଓ ଉତ୍କଳୀୟ ସଂସ୍କୃତିର ଏକ ବଳିଷ୍ଠ ଅଙ୍ଗ ପାଲଟି ଯାଇଛି ।

ଶ୍ରୀମଦ୍ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି । ଭାଗବତ ପାଠ କଲେ ସମସ୍ତ ପାପ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି । ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି । ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର




ହୋଇଥାଏ। ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋତ୍କୃଷ୍ଟ ପରିଣତି । ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୈରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ । ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ।

**- ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
ମୋ - ୮୨୪୯୫୦୨୭୭୬

# ଅତୁଳନୀୟ ଶକ୍ତି

***ନିମ୍ନଶ୍ରେଣୀର ବିଧବାମାନେ ଜୀବନ ନିର୍ବାହ ପାଇଁ ମେହେନତ କରିବା ବ୍ୟତୀତ ସେମାନଙ୍କ ସମ୍ମୁଖରେ ଅନ୍ୟ ରାସ୍ତା ନଥିଲା...***





ପ୍ରାଚୀନ ଭାରତରେ ପ୍ରଚଳିତ ଥିବା ବାଲ୍ୟ ବିବାହ ପ୍ରଥାର ସବୁଠାରୁ ଅଧିକ ଦୁଷ୍ପରିଣାମ ଝିଅମାନେ ହିଁ ଭୋଗ କରୁଥିଲେ। ଝିଅମାନେ ସଂସାର ଯାତ୍ରା ନିର୍ବାହ କ'ଣ ତାହା ଜାଣିବା ପୂର୍ବରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧି ଦିଆଯାଉଥିଲା। ୭/୮ ବର୍ଷର ବାଳିକା ସଂସାର ଧର୍ମ ଜାଣିବା ପୂର୍ବରୁ ଯେ ବିବାହ କରୁଥିଲା ପରବର୍ତ୍ତୀ ସମୟରେ ଦୁର୍ଭାଗ୍ୟବଶତଃ ଯଦି ସ୍ୱାମୀଙ୍କର ମୃତ୍ୟୁ ହୋଇଯାଉଥିଲା ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡୁଥିଲା। କାରଣ ବିଧବା ବିବାହକୁ ନିଷିଦ୍ଧ କରାଯାଇଥିଲା ସମାଜରେ। ନିମ୍ନଶ୍ରେଣୀର ବିଧବାମାନେ ଜୀବନ ନିର୍ବାହ ପାଇଁ ମେହେନତ କରିବା ବ୍ୟତୀତ ସେମାନଙ୍କ ସମ୍ମୁଖରେ ଅନ୍ୟ ରାସ୍ତା ନଥିଲା। ତତ୍କାଳୀନ ସମାଜ ବ୍ୟବସ୍ଥାରେ ଏହି ଭାବ ସେମାନଙ୍କ ଜୀବନଯାତ୍ରାକୁ ଅଭିଶପ୍ତ କରିଦେଇଥିଲା। ଅନେକ ବର୍ଷ ପୂର୍ବେ ମଥୁରା ନିକଟବର୍ତ୍ତୀ ଏକ ଗ୍ରାମରେ ଏହି ଭଳି ଜଣେ ବାଲ୍ୟବିଧବା ରହୁଥିଲେ। ପରିବାରରେ ସେ ଏକାକିନୀ ଥିଲେ; ପେଟ ପୋଷିବା ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚକି ପେଷିବାକୁ ପଡୁଥିଲା। ଦିନେ ତାଙ୍କର ମନକୁ ଆସିଲା, ଗ୍ରାମରୁ ସହରକୁ ଲମ୍ବି ଯାଇଥିବା ରାସ୍ତାପାର୍ଶ୍ୱରେ ଏକ କୂଅ ଖୋଳିବାକୁ। କାରଣ ଏହି ମାର୍ଗରେ ପିଇବା ପାଣିର କିଛି ସୁବିଧା ନଥିଲା। ପଥଚାରୀମାନେ ପାଣି ବିନା ଜଟିଳସ୍ଥିତିର ସମ୍ମୁଖୀନ ହେଉଥିଲେ; ହେଲେ ଏଇ ଇଚ୍ଛା ଫଳବତୀ ହେବା ଆକାଶକୁସୁମ ସଦୃଶ ଥିଲା। କାରଣ ପାଖରେ ସେଭଳି ଧନ ନ ଥିଲା। ଯାହାଦ୍ୱାରା କୂଅ ଖୋଳିବାକୁ ସକ୍ଷମ ହେବେ। ଶେଷରେ ଇଚ୍ଛାକୁ ସାକାର କରିବା ପାଇଁ ଏ ଭ ଳି ଏକ ଦୃଢ଼ ନିଷ୍ପତ୍ତି ନେଲେ ଯାହା ଅନ୍ୟମାନଙ୍କ ପାଇଁ ଥିଲା ଏକ ବଳିଷ୍ଠ ଦୃଷ୍ଟାନ୍ତ। ଦିନଭରି ମେହେନତ କରି ମଜୁରି ବାବଦରେ ପ୍ରତ୍ୟହ ଯେଉଁ ୨ଅଣା (ଟଙ୍କାକ ଷୋଳ ଅଣା ହିସାବ କରାଯାଏ) ସେଥିରୁ ଯେମିତି ହେଉ ଦୁଇପଇସା ସଞ୍ଚିବେ। ନିଜ ପାଇଁ ଏଇ କଠୋର ନିୟମକୁ ନିଷ୍ଠାର ସହ ପାଳନ କରିଥିଲେ; ଲକ୍ଷ୍ୟଥିଲା ପରୋପକାର ତୃଷାର୍ତ୍ତ ପଥିକଙ୍କୁ ଜଳଦାନ ବ୍ୟବସ୍ଥା। ବୃଦ୍ଧାବସ୍ଥାରେ ସେହି ସଞ୍ଚିତ ଅର୍ଥ ଏକହଜାର ଟଙ୍କା ପାଖାପାଖି ହୋଇଯାଇଥିଲା। ଏହି ଅର୍ଥରେ ସେ ଦିଲ୍ଲୀ-ଆଗ୍ରା ରାସ୍ତା ପାର୍ଶ୍ୱରେ ଏକ ପକ୍କା କୂଅ ଖୋଳାଇଥିଲେ। ଏହିକୂଅ ତାଙ୍କର ନାମାନୁଯାୟୀ 'ପିସନ୍-ହାରି' କୂପ ଭାବରେ ନାମିତ ଥିଲା। ସେ ସମୟରେ ପଥଚାରୀଙ୍କ ସଂଖ୍ୟା ସର୍ବାଧିକ ଥିଲା। କାରଣ ଗମନାଗମନ ନିମନ୍ତେ ବିଶେଷ ସୁବିଧା ନଥିଲା। ପଥଚାରୀମାନେ କୂପ ନିକଟରେ ଅଟକି ତୃଷା ନିବାରଣ କରୁଥିଲେ। ଏହାର ସାରବତ୍ତା ହେଲା- 'ସାଧନ ସୀମିତ ହୋଇପାରେ, ହେଲେ ଯଦି 'ସଂକଳ୍ପ- ଶକ୍ତି' ଦୃଢ଼ ତେବେ ଅସମ୍ଭବ ବୋଧ ହେଉଥିବା କାର୍ଯ୍ୟ ସମ୍ଭବ ହୋଇପାରେ, କଠିନ, ଅସହଜ ବୋଧ ହେଉଥିବା କାର୍ଯ୍ୟ ସରଳ ଓ ସହଜ ହୋଇଯାଇଥାଏ। ବାସ୍ତବରେ ଦୃଢ଼ ସଂକଳ୍ପର ଶକ୍ତି ଅକଳ୍ପନୀୟ।

# ରାବଣର ଆକ୍ରମଣ

କୁବେର ଏବଂ ରାବଣ ଦୁଇଜଣ ଋଷି ବିଶ୍ରବାଙ୍କ ସନ୍ତାନ ଥିଲେ । ଋଷି ବିଶ୍ରବା ସୁନାର ରାଜ୍ୟ ଲଙ୍କାକୁ କୁବେରଙ୍କୁ ଦେଲେ କିନ୍ତୁ କୌଣସି କାରଣବଶତଃ କୁବେର ଲଙ୍କା ପରିତ୍ୟାଗ କରି ହିମାଚଳକୁ ଚାଲିଗଲେ । କୁବେର ଚାଲିଯିବା ପରେ ଦଶାନନ ବହୁତ୍ ଖୁସିହେଲେ ଏବଂ ଲଙ୍କାର ରାଜା ହେଲେ । ରାଜ୍ୟ ପ୍ରାପ୍ତି କରିବା ପରେ ରାବଣ ଅହଂକାରୀ ହେବାସହ ସାଧୁସନ୍ଥଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ । ରାବଣର ଅତ୍ୟାଚାର ସଂପର୍କରେ ଜାଣିପାରି ଭାଇ କୁବେର ନିଜ ଭାଇକୁ ବୁଝାଇବା ପାଇଁ ଜଣେ ଦୂତକୁ ରାବଣ ନିକଟକୁ ପଠାଇଲେ। ମାତ୍ର ଦୁରାଚାରୀ ରାବଣ ଦୂତ କଥା ଶୁଣିବା ପରିବର୍ତ୍ତେ ତାକୁ ମାରିଦେଲା । କୁବେରଙ୍କ ପରାମର୍ଶ ଯୋଗୁଁ ରାବଣ ଏତେ କ୍ରୋଧିତ ହୋଇଥିଲା ଯେ, ଭାଇ କୁବେର ଉପରେ ମଧ୍ୟ ଆକ୍ରମଣ କରି କୁବେର ନଗରୀ ଏବଂ ତାଙ୍କ ପୁଷ୍ପକ ବିମାନକୁ ମଧ୍ୟ ନିଜ ଅଧୀନକୁ ଆଣିଲା । ତେବେ କୁବେରଙ୍କ ସେନାପତି କୌଣସି ପ୍ରକାରେ କୁବେରଙ୍କୁ ନନ୍ଦନବନରେ ପହଞ୍ଚାଇ ଦେଲେ।



## ଶ୍ରୀମନ୍ଦିରରେ ଦଇତାପତି ପ୍ରବେଶ

ପୁରୀ,(ନିପ୍ର): ଆଉ ଦିନକ ପରେ ଦେବସ୍ନାନ ପୂର୍ଣ୍ଣିମା। ଆଜିଠାରୁ ଆରମ୍ଭ ହୋଇଛି ଦେବସ୍ନାନ ପୂର୍ଣ୍ଣିମା ନେଇ ପ୍ରସ୍ତୁତି ପର୍ବ। ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ଶ୍ରୀମନ୍ଦିରରେ ଦଇତାପତି ପ୍ରବେଶ କରିଛନ୍ତି । ପରମ୍ପରା ଅନୁଯାୟୀ ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ମଙ୍ଗଳଆଳତି ସମୟରେ ହୋଇଥାଏ ଦଇତା ପ୍ରବେଶ ନୀତି । ସମସ୍ତ ଦଇତାପତି ସେବକ ଗୋଷ୍ଠୀଗତ ଭାବେ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ସେବକ ହେଉଛନ୍ତି ଦଇତାପତି । ନୀଳମାଧବଙ୍କୁ ପୂଜା କରୁଥିବା ବିଶ୍ୱାବସୁଙ୍କ ବଂଶଧର ଭାବେ ଦଇତାପତିଙ୍କୁ ଦିଆଯାଇଛି ଶ୍ରୀମନ୍ଦିରରେ ଗୁପ୍ତସେବା । ବର୍ଷକ ଯାକ ଶ୍ରୀମନ୍ଦିରକୁ ଦଇତାପତିମାନେ ଯାଇଥାନ୍ତି କିନ୍ତୁ ଆଜିଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଦଇତାପତିଙ୍କର ରହିଥାଏ ବିଶେଷସେବା । ଦଇତାପତିଙ୍କର ଶ୍ରୀମନ୍ଦିରରେ ହେଉଛି ଜନ୍ମଗତ ସେବା । ବଡ ସିଂହାର ବେଶ ସରିବା ପରେ ଭୋଗ ଆଉ ତା ପରେ ପହୁଡ ଆଳତି ହେବ । ତା ପରେ ଶ୍ରୀମୁଖ ଖଣ୍ଡୁଆ ପରେ ବାହୁଟ କଣ୍ଠ କରାଯିବ। ପର ପରେ କୋଠ ସୁଆଁସିଆ ରନ୍ ସିଂହାସନରେ ଚାରବାନ୍ଧିବା ପାଇଁ ପ୍ରବେଶ କରିବେ ।

## ଗୁଦଗୁଦା କପ୍ ରାତ୍ରି ଫୁଟବଲ୍ ଟୁର୍ନାମେଣ୍ଟ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଥଲେଟିକ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ମୁକୁନ୍ଦିଷ୍ଟାଡିୟମ ଠାରେ ପ୍ରଥମଥର ପାଇଁ ରାତ୍ରୀକାଳୀନ ରାଜ୍ୟ ସ୍ତରୀୟ ଗୁଦଗଦା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୮ ଗୋଟି ଫୁଟବଲ୍ ଟିମ ଅଂଶଗ୍ରହଣ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳକୁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ଓଡ଼ିଶା ଫୁଟବଲ୍




ଆସୋସିଏସନ୍ ସଭାପତି ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସ୍ୱତନ୍ତ୍ର ଅତିଥି, କୁଚିଣ୍ଡା ଆଥଲେଟିକ ଆସୋସିଏସନ୍ ସଭାପତି ତଥା ଉପଜିଲ୍ଲାପାଳ ସରୱନନ୍ସ ଓ କୁଚିଣ୍ଡା ମେଡ଼ିକାଲର ଏସଡିଏମଓ ଡା.ସୁବୋଧ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ବରଗଡ଼ ୟୁନାଇଟେଡ଼ ଓ ସୋନପୁର ଫକୀରମାହାରାଜପୁର ସିସିଏଫଏ ମଧ୍ୟରେ ହୋଇଥିବା ବେଳେ ବରଗଡ଼ ୨-୧- ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚଟି ସୁନ୍ଦରଗଡ ଦୋସ୍ତି ବ୍ରଦର୍ସ ଏବଂ ସୁନ୍ଦରଗଡ଼ ଜଲଦା ୟୁନାଇଟେଡ ସ୍ପୋର୍ଟସ ମଧ୍ୟରେ ହୋଇଥିଲା। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଦୋସ୍ତି ବ୍ରଦର୍ସ ଟିମ ୧-୦ ଗୋଲରେ ଅଗ୍ରଣୀ ରହିଛ।

## ବେଆଇନ ଦେଶୀ ମଦ ପ୍ରସ୍ତୁତି, ପୋଲିସର ଚଢ଼ାଉ


ପାରଳାଖେମୁଣ୍ଡି,(ନିପ୍ର): ଲଗାତାର ଗୁଇନ୍ଦା ସୂଚନା ଆଧାରରେ ପାରଳାଖେମୁଣ୍ଡି ପୋଲିସ ସିଙ୍ଗିପୁର ଗ୍ରାମରେ ଚଢ଼ାଉ କରି ରେଳ ଲାଇନ ନିକଟରେ ଓ ବିଭିନ୍ନ ଘରର ପଛପଟେ ଚାଲିଥିବା ବେଆଇନ ଦେଶୀ ମଦ ପ୍ରସ୍ତୁତି କେନ୍ଦ୍ରଗୁଡ଼ିକୁ ଠାବ କରିଥିଲା। ପୋଲିସକୁ ଦେଖି ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚଢ଼ାଉ ସମୟରେ ପ୍ରାୟ ୧୦୦ ଲିଟର ବେଆଇନ ଦେଶୀ ରନ୍ଧାମଦ, ଏହାର ପ୍ରସ୍ତୁତିରେ ବ୍ୟବହୃତ କଣ୍ଡେନସର ପାଇପ, ଫନେଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା । ଏହାସହ ପ୍ରାୟ ୬୦୦ ଲିଟର ମହୁଲ ପଚା ରସକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅତ୍ୟନ୍ତ ଅପରିଷ୍କାର ପରିବେଶରେ ଦୂଷିତ ପାଣି ଓ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥ



ମିଶାଇ ଏହି ମଦ ପ୍ରସ୍ତୁତ କରାଯାଉଥିଲା, ଯାହା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଅଛି । ତଦନ୍ତରୁ ଜଣାପଡ଼ିଛି ଯେ ଗ୍ରାମର କେତେକ ବ୍ୟକ୍ତି ସଙ୍ଗଠିତ ଭାବରେ ଏହି ବେଆଇନ ଦେଶୀ ମଦ ପ୍ରସ୍ତୁତ କରି ପାରଳାଖେମୁଣ୍ଡି ସହର ଓ ଆଖପାଖ ଗ୍ରାମାଞ୍ଚଳକୁ ବହୁବର୍ଷ ହେବ ଯୋଗାଣ କରୁଥିଲେ । ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା କେସ ନଂ. ୨୬୦/୨୦୨୬ ରୁଜୁ କରାଯାଇଛି।


## ଅଧାତ୍ମବାଦୀ କମଳାକାନ୍ତଙ୍କ ସ୍ମୃତିଚାରଣ

ବଡ଼ସାହି,(ନିପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀର ବର୍ଡ଼ନା ଗ୍ରାମର ବିଶିଷ୍ଟ ଅଧାତ୍ମବାଦୀ ସ୍ୱର୍ଗତ କମଳାକାନ୍ତ ଜେନାଙ୍କ ଏକାଦଶାହ ଅବସରରେ ତାଙ୍କ ବର୍ଡ଼ନାସ୍ଥିତ ବାସଭବନ ପରିସରରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି । ଉକ୍ତ ସଭାରେ କବି ସଙ୍ଗମ୍ ର ସଭାପତି ବାସୁଦେବ ନାପିତ ଅଧକ୍ଷତା କରିଥିଲେ । ସଭାରେ ମୟୂର ସାହିତ୍ୟ ସଂସଦର କାର୍ଯ୍ୟକାରୀ



ସଭାପତି ସଚ୍ଚିଦାନନ୍ଦ ମହାନ୍ତି, ସଂଗଠନ ସଂପାଦକ ମୀନକେତନ ମହାନ୍ତି, ସହ ସଂପାଦକ ରତିକାନ୍ତ ବେହେରା, ଶିଶୁ ପତ୍ରିକ। କଇଁଫୁଲର ସଂପାଦକ ପର୍ଶୁରାମ ସାହୁ ତଥା ବିଶିଷ୍ଟ ପରିବେଶବିତ୍ ଡଃ ରମାକାନ୍ତ ମହାନ୍ତ ଯୋଗ ଦେଇ ସ୍ୱର୍ଗତ ଆତ୍ମାଙ୍କ ବହୁମୁଖୀ ପ୍ରତିଭା ସମ୍ବନ୍ଧରେ ଆଲୋକପାତ କରିଥିଲେ।

# ପୁରୀ : ସ୍ନାନଯାତ୍ରା ପାଇଁ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା, ୭୯ ପ୍ଲାଟୁନ୍ ଫୋର୍ସ ମୁତୟନ



## ଦେବସ୍ନାନ ପୂର୍ଣ୍ଣିମାରେ ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯିବ - ପୁରୀ ଏସପି

ପୁରୀ,(ନିପ୍ର)- ଆସନ୍ତା ୨୯ ତାରିଖରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ଏ ସମ୍ପର୍କରେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସପି) ପ୍ରତୀକ ସିଂହ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଶ୍ରୀମନ୍ଦିର ଭିତର ବାହାର, ସହରର ଭିତର ବାହାରକୁ ସୁରକ୍ଷା ଯୋଗାଇ ଦିଆଯିବ । ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ସଜାଗ ରହିବ । ସୁରକ୍ଷା ବ୍ୟବସ୍ଥାରେ ୪ ଜଣ ଏସପି, ୧୪ ଜଣ ଅତିରିକ୍ତ ଏସପି, ୩୧ ଜଣ ଡିଏସପି, ୮୩ ଜଣ ଇନ୍ସପେକ୍ଟର, ୩୬୦ ଜଣ ଏସଆଇ/ଏଏସଆଇ,୫୪ ଜଣ ହାବିଲଦାର, ୪୫୩ କନଷ୍ଟେବଲ, ୫୫ ଜଣ ଟ୍ରାଫିକ୍ କନଷ୍ଟେବଲ, ୯୧୨ ଜଣ ହୋମଗାର୍ଡ, ୩ ଜଣ ବଗଲ୍, ୭୯ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ଏସଟିୟୁ ୧ ୟୁନିଟ୍ ନିୟୋଜିତ ହେବେ । ନିର୍ଦ୍ଧାରିତ ଟ୍ରାଫିକ୍ ରୁଟ୍ ଅନୁଯାୟୀ ଗାଡ଼ି ପାର୍କିଂ ବ୍ୟବସ୍ଥା ମଧ କରାଯିବ ।

ପୁରୀ(ନିପ୍ର): ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପୁରୀରେ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଏନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଭକ୍ତଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ୭୯ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ଉଚ୍ଚ ଅଟ୍ଟାଳିକାଗୁଡ଼ିକ ଉପରେ ସୁରକ୍ଷାକର୍ମୀ ମୁତୟନ ହୋଇ ସମଗ୍ର ଅଞ୍ଚଳ ଉପରେ କଡ଼ା ନଜର ରଖିବେ।

ସ୍ନାନଯାତ୍ରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା ଲାଗୁ କରାଯାଇଛି। ନିର୍ଦ୍ଧାରିତ ଟ୍ରାଫିକ୍ ନିୟମ ଅନୁଯାୟୀ ପାର୍କିଂ ବ୍ୟବସ୍ଥା କରାଯାଇଥିବା ବେଳେ ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ସାଧାରଣ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି।

ଭକ୍ତମାନଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି।

ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡକୁ ଅତ୍ୟାଧୁନିକ ସିସିଟିଭି କ୍ୟାମେରାର ନଜରରେ ରଖାଯିବ। ଶ୍ରୀମନ୍ଦିର ଭିତରେ ୫୨ଟି ଏବଂ ବାହାରେ ୨୫୦ଟି ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଏହାବ୍ୟତୀତ ପୁରୀ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଆହୁରି ୩୦ଟି ସିସିଟିଭି କ୍ୟାମେରା ଲଗାଯିବ। ପୁରୀ ପୋଲିସ ପକ୍ଷରୁ ଭକ୍ତମାନଙ୍କ ସହାୟତା ପାଇଁ ୮୭୬୩୧୯୯୪୦୦ ନମ୍ବର ବିଶିଷ୍ଟ ଏକ ହ୍ୱାଟସ୍‌ଆପ୍ ହେଲ୍ପଲାଇନ୍ ଜାରି କରାଯାଇଛି। ସେହିପରି ଯେକୌଣସି ଜରୁରି ପରିସ୍ଥିତିରେ ୧୧୨ ନମ୍ବରକୁ କଲ୍ କରି ସହାୟତା ନିଆଯାଇପାରିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ଲାଷ୍ଟିକ ବର୍ଜ୍ୟ ଗଦା କରିବା ଅଭିଯୋଗରେ ହୋଟେଲ ମାଲିକଙ୍କୁ ଜରିମାନା

ନୂଆପଡ଼ା,(ହି.ସ.): ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମର କଡ଼ାକଡ଼ି ଅନୁପାଳନ ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ଅଭିଯାନ ଅନ୍ତର୍ଗତ ନୂଆପଡ଼ା ବ୍ଲକ ଅଧୀନ ଗୋତମା ଛକ ନିକଟରେ ଥିବା ଏକ ହୋଟେଲ ଉପରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ହୋଟେଲ ନିକଟରେ ଖୋଲା ସ୍ଥାନରେ ଏକ କ୍ୱିଣ୍ଟାଲରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ଗଦା କରାଯାଇଥିବା ଜଣାପଡ଼ିଥିଲା। ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମ ଉଲ୍ଲଂଘନ ଅଭିଯୋଗରେ ହୋଟେଲ ମାଲିକ ବିଜୟ କୁମାର ସାହୁଙ୍କ ଠାରୁ ୧୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ଯେ, ଖୋଲା ସ୍ଥାନରେ ପ୍ଲାଷ୍ଟିକ ବର୍ଜ୍ୟ ଫିଙ୍ଗିବା କିମ୍ବା ପୋଡ଼ିବା ଆଇନଗତ ଅପରାଧ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ପ୍ରଚଳିତ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ନିୟମ-୨୦୨୬ ଅନୁଯାୟୀ ଏପରି ଉଲ୍ଲଂଘନକାରୀଙ୍କ ବିରୋଧରେ ଜରିମାନା ସହ ଆବଶ୍ୟକ କ୍ଷେତ୍ରରେ ବିଦ୍ୟୁତ ଓ ଜଳ ସଂଯୋଗ ବିଚ୍ଛିନ୍ନ କରିବା ସମେତ କଡ଼ା ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବ।ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ଉରେ ଉପଜିଲ୍ଲାପାଳ ସୂର୍ମୀ ସୋରେନ, ଅତିରିକ୍ତ ଟ୍ରେଜେରୀ ଅଫିସର ମଧୁସ୍ମିତା ପରିଜା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା, ବିଡିଓ ରୋହିତ କୁମାର ଭୋଇ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ପାଣିଗ୍ରାହୀ, ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା, ବ୍ଲକ ସଂଯୋଜକ ଅବିନାଶ ମହାପାତ୍ର ଏବଂ ଆମସେନା ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତ ବ୍ୟବସାୟୀ, ଅନୁଷ୍ଠାନ ଓ ସାଧାରଣ ଜନତାଙ୍କୁ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମକୁ କଡ଼ାକଡ଼ି ପାଳନ କରିବା ସହ ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛ ନୂଆପଡ଼ା ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି।

## ଦିଲ୍ଲୀପଙ୍କ ଅସାଧାରଣ କଳାତ୍ମକ ଅବଦାନ ସର୍ବଦା ସ୍ମରଣୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର :ବିଶିଷ୍ଟ ସିନେମାଟୋଗ୍ରାଫର ଦିଲ୍ଲୀପ ରାୟଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିବାରେ ଦିଲ୍ଲୀପ ରାୟଙ୍କ ଅସାଧାରଣ କଳାତ୍ମକ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ।ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦିଲ୍ଲୀପ ରାୟଙ୍କବିୟୋଗ ଓଡ଼ିଶାର କଳା ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ସୃଜନଶୀଳ କାର୍ଯ୍ୟ ଓଚଳଚ୍ଚିତ୍ର କ୍ଷେତ୍ରରେ ଅବଦାନ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ପାଟଣାଗଡ଼ରେ ଅଟଳ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର: ରାଜ୍ୟର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଶନିବାର ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ନିର୍ମାଣ ହେବାକୁ ଥିବା ଅଟଳ ବସ୍‌ଷ୍ଟାଣ୍ଡର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଧୁନିକ ସୁବିଧାସମ୍ପନ୍ନ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପରେ ସ୍ଥାନୀୟ ଜନସାଧାରଣ ଏବଂ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଅଧିକ ଉନ୍ନତ, ସୁରକ୍ଷିତ ଓ ସୁବିଧାଜନକ ପରିବହନ ସେବା ପାଇପାରିବେ।ସେ କହିଛନ୍ତି, ଏହି ପ୍ରକଳ୍ପ କେବଳ ଯାତାୟାତ ବ୍ୟବସ୍ଥାକୁ ସହଜ କରିବ ନାହିଁ, ବରଂ ସ୍ଥାନୀୟ ବ୍ୟବସାୟ, ବାଣିଜ୍ୟିକ କାର୍ଯ୍ୟକଳାପ ଓ ଆର୍ଥିକ ବିକାଶକୁ ମଧ ଅଧିକ ଗତିଶୀଳ କରିବ। ଏହା ମାଧ୍ୟମରେ ପାଟଣାଗଡ଼ ଓ ଏହାର ଆଖପାଖ ଅଞ୍ଚଳର ସାମଗ୍ରିକ ବିକାଶରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ଏମ୍‌ଏସ୍‌ଏମ୍‌ଇ କେବଳ ଉଦ୍ୟୋଗ ନୁହେଁ ଆତ୍ମନିର୍ଭର ଭାରତର ନିର୍ମାତା: କେଭି ସିଂହଦେଓ

ଭୁବନେଶ୍ୱର: ବିଶ୍ୱ ଏମଏସଏମଇ ଦିବସରେ ଏମଏସଏମଇ କେବଳ ଉଦ୍ୟୋଗ ନୁହେଁଆତ୍ମନିର୍ଭର ଭାରତର ନିର୍ମାତା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ସେ କହିଛନ୍ତି ଯେ, ବିଶ୍ୱ ଏମଏସଏମଇ ଦିବସରେ, ଭାରତର ଅର୍ଥନୀତିର ମେରୁଦଣ୍ଡ ସ୍ୱରୂପ ଲକ୍ଷ ଲକ୍ଷ ଉଦ୍ୟୋଗୀ, କାରିଗର ଏବଂ ନବସୃଜନକାରୀଙ୍କ ଅଦମ୍ୟ ସାହସ, ଦୂରଦୃଷ୍ଟି ଓ ଅବଦାନକୁ ମୁଁ ହୃଦୟର ଗଭୀରତମ ସମ୍ମାନ ଜଣାଉଛି। ଆମର ଏମଏସଏମଇଗୁଡ଼ିକ କେବଳ ଉଦ୍ୟୋଗ ନୁହେଁ—ସେମାନେ ଆତ୍ମନିର୍ଭର ଭାରତର ନିର୍ମାତା, ନବସୃଜନର ପ୍ରେରଣାଶକ୍ତି ଏବଂ ସମାବେଶୀ ବିକାଶର ଜୀବନରେଖା। ସେମାନଙ୍କର ଏହି ଉଦ୍ୟମୀ ମନୋଭାବ ଓ ଅଦମ୍ୟ ସଂକଳ୍ପ ଆହୁରି ଏକ ସଶକ୍ତ, ସମୃଦ୍ଧ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗୀ ଭାରତ ଗଢ଼ିବାରେ ନିରନ୍ତର ପ୍ରେରଣା ଯୋଗାଉ।


## ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ଦିବସ

ନୟାଗଡ଼,(ନିପ୍ର): ଓଡ଼ିଆ ନାଟ୍ୟଜଗତର ପ୍ରଖ୍ୟାତ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ଦିବସ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍କୃତି ଭବନ ପ୍ରାଙ୍ଗଣରେ ଥିବା ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଆବାହକ ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତାମାନେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଓଡ଼ିଆ ସାରସ୍ୱତ ଓ ନାଟ୍ୟ ସାହିତ୍ୟ ପ୍ରତି ଥିବା ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ଏହି ମହାନ ଶିଳ୍ପୀ ନିଜ ଲେଖନୀ ମାଧ୍ୟମରେ ଗ୍ରାମୀଣ ଜୀବନର ସରଳତା, ପାରିବାରିକ ମୂଲ୍ୟବୋଧ, ସାମାଜିକ ସମସ୍ୟା ଓ ନିବିଡ଼ ମାନବୀୟ ସମ୍ପର୍କକୁ ମଞ୍ଚରେ ଜୀବନ୍ତ ରୂପ ଦେଇଥିଲେ। ତାଙ୍କ ନାଟକଗୁଡ଼ିକର ସରଳ ଭାଷା, ସଶକ୍ତ ସଂଳାପ ଓ ମଞ୍ଚୋପଯୋଗୀ ଶୈଳୀ ଆଜି ବି ଦର୍ଶକଙ୍କ ମନରେ ସ୍ମରଣୀୟ ହୋଇ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ରାୟଗଡ଼ାରେ ଏମ୍‌ଏସ୍‌ଏମଇ କାର୍ଯ୍ୟକ୍ରମ

## ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ

ରାୟଗଡା,(ନି:ପ୍ର): ବିଶ୍ୱ ବିଶ୍ୱ ଏମ ଏସ ଏମ ଇ ଦିବସ ଉପଲକ୍ଷେ ରାୟଗଡା ଜିଲ୍ଲା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଏହି ଯୋଜନାରେ ଏକ ଜିଲ୍ଲା ଏକ ଉତ୍ପାଦ ସିଦ୍ଧାନ୍ତ ଅନୁସାରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଏକ ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରାଯିବା ପାଇଁ ଯୋଜନା କରାଯାଇଛି। ଆମେ ଯାହାବି କଞ୍ଚାମାଲ, ଅଭ୍ୟସ୍ତ ଉଦ୍ୟୋଗୀ, ପ୍ରମୁଖ ଖାଦ୍ୟାଭ୍ୟାସକୁ ପ୍ରାଥମିକତା ଦିଆଯାଇ ଏହା କାର୍ଯ୍ୟକାରି କରାଯାଉଛି ବୋଲି କହିଥିଲେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ। ଜିଲ୍ଲାରେ ଶିଳ୍ପ କେନ୍ଦ୍ର ପକ୍ଷରୁ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ସହ ଭାଗିଦାରେ ଏକ ନୂତନ ଯୋଜନା -'ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ବୈଧିକରଣ ଯୋଜନା' କାର୍ଯ୍ୟକାରୀ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଥିବା ବେଳେ ହିତାଧିକାରୀ ବା ଉଦ୍ୟମୀ ଓଡ଼ିଶା ଏମ ଏସ ଏମ ଇ ୨୦୨୬ ରେ କପରି ଉପକୃତ ହୋଇପାରିବେ ସେ ଉପରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଉଥିବା ରାୟଗଡା ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀ ଚିତ୍ତରଞ୍ଜନ ମଲ୍ଲିକ ବିଷଦ ଓ ପ୍ରାଞ୍ଜଳ ଭାବେ ବିଝାଇ କହିଥିଲେ।ଏହି ଯୋଜନାର ପ୍ରମୁଖ୍ୟ ଲକ୍ଷ୍ୟ ଉପରେ ଆଲୋକପାତ କରି ଶ୍ରୀ ନାୟକ କହିଥିଲେ ଯେ, ଜିଲ୍ଲାରେ କାର୍ଯ୍ୟରତ କିମ୍ବା ପ୍ରତିଷ୍ଠା ହେବାକୁ ଥିବା ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀମାନଙ୍କୁ ଅଧିକ ବ୍ୟବସ୍ଥିତ କରିବା ସହିତ ଋଣ ଓ ରିହାତି ପ୍ରଦାନ କରି ଉକ୍ତ ଉଦ୍ୟୋଗ ଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ ସରକାର, ଆଧୁନିକ ବୈଷୟିକ




ପ୍ରଣାଳୀ ଅବଲମ୍ବନ କରି ଉତ୍ପାଦନ ବୃଦ୍ଧି କରିବା ସହ ବିକ୍ରୀବଟା ପାଇଁ ବଜାର ସୃଷ୍ଟି, ଉଦ୍ୟୋଗୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ ଆଉ ଯାହା ଯାହା ଆବଶ୍ୟକ ରହିଛି, ଏସଏଚ ଜି, ଓ ଏଲ ଏମ ର ମହିଳା ଉଦ୍ୟୋଗୀମାନେ ଯୋଗ ଦେଇ ଥିବା ବେଳେ ୩୦ ଗୋଟି ଷ୍ଟଲ ଖୋଲାଯାଇଥିଲା। ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ ଏପରି ଏକ କାର୍ଯ୍ୟକ୍ରମ ଯାହାକି ଆତ୍ମନିର୍ଭରଶୀଳତା ନିମନ୍ତେ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ଏହା ଏକ ଅଭିନବ ଯୋଜନା, ଯାହାର କାର୍ଯ୍ୟକାରିତା ଦ୍ୱାରା ଦେଶରେ ଉତ୍ପାଦକତା ଅଭିବୃଦ୍ଧି ତଥା ଆତ୍ମନିର୍ଭରଶୀଳ ନିଯୁକ୍ତି ଏବଂ କର୍ମ ନିଯୁକ୍ତି ସହିତ ପୁଞ୍ଜି ନିବେଶରେ ଆୟ ବୃଦ୍ଧି ଘଟିଥାଏ । ଏହି ଯୋଜନାରେ ଔଦ୍ୟାଜିକ ବିକାଶ ଧାରାରେ ନୂତନ ଉଦ୍ୟୋଗ ତଥା । ଏ ଯୋଜନା କିମ୍ବା ମୁଦ୍ରା ଯୋଜନାରେ ପ୍ରତିଷ୍ଠିତ ହୋଇଥିବା ଉଦ୍ୟୋଗକୁ ପରିବୃଦ୍ଧି କିମ୍ବା ଆଧୁନିକିକରଣ ପାଇଁ ପୁଞ୍ଜି ବିନିଯୋଗ ବ୍ୟାଙ୍କ ଋଣ ମାଧ୍ୟମରେ କରାଯାଏ ଯହିଁରେ ପ୍ରକଳ୍ପ ମୂଲ୍ୟର ଶତକଡା ୧୫ ରୁ ୩୫ %ସରକାରୀ ଅନୁଦାନ ଦିଆଯିବାର ବ୍ୟବସ୍ଥା ରହିଥିବା ଏବଂ ନିଜସ୍ୱ ପୁଞ୍ଜି ୫%ରୁ ୧୦%ବିନିଯୋଗରେ ଆବଶ୍ୟକତା ପଡିଥାଏ ବୋଲି କହିଥିଲେ। ଏଥି ସହିତ, ଋଣର ପରିମାଣ, ନିଜସ୍ୱ ପୁଞ୍ଜି, ରିହାତି, କେଉଁ କେଉଁ ଉଦ୍ୟୋଗ ପାଇଁ ସହାୟତା ପ୍ରଦାନ, କେଉଁ କେଉଁ ବ୍ୟବସାୟ ପାଇଁ ଅଣ ଅନୁମୋଦିତ, କି କି ପ୍ରମାଣ ପତ୍ର ର ଆବଶ୍ୟକତା ରହିଛି, ତାଲିମ, ବଜାରୀକରଣ, ଆଦି ସବୁ ବିଷୟରେ ଉପସ୍ଥିତ ଉଦ୍ୟୋଗୀ ଆଶାୟୀ ଉଦ୍ୟୋଗୀ ମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇ ନୂଆ ଉଦ୍ୟୋଗୀ, ଆଶାୟୀ ଉଦ୍ୟୋଗୀ ମାନଙ୍କୁ ଅତି ପ୍ରାଞ୍ଜଳ ଭାବେ ବୁଝାଇ ସବୁ ପ୍ରକାର ସାହାଯ୍ୟ ପ୍ରଦାନ କରାଯାଉଛି ବୋଲି ପ୍ରୋତ୍ସାହିତ କରିଥିଲେ ବକ୍ତାମାନେ।

## ରୋଟାରୀ ଗଭର୍ଣରଙ୍କ ଫୁଲବାଣୀ ଗସ୍ତ, ବିଭିନ୍ନ କାର୍ଯ୍ୟର ସମୀକ୍ଷା

ଫୁଲବାଣୀ,(ହି.ସ.): ରୋଟାରୀ ଗଭର୍ଣ୍ଣର ୨୦୨୫।୨୬ ରୋଟାରିଆନ ମନୋଜ ତ୍ରିପାଠୀ ଓ ଫାଷ୍ଟ ଲେଡୀ ମଧୁସ୍ମିତା ତ୍ରିପାଠୀ ଫୁଲବାଣୀ ଗସ୍ତରେ ଆସି ସ୍ଥାନୀୟ ନାରାୟଣୀ ରୋଡରେ ଥିବା ରୋଟାରୀ କ୍ଲବ ପରିଦର୍ଶନରେ ଯାଇ ଚଳିତ ୨୦୨୫। ୨୬ ବର୍ଷରେ ଫୁଲବାଣୀ ରୋଟାରୀ କ୍ଲବର ଆୟ ବ୍ୟୟ ହିସାବ ଓ କ୍ଲବ୍ ପକ୍ଷରୁ କ'ଣ ସବୁ କାର୍ଯ୍ୟ ହାତକୁ ନିଆଯାଇଥିଲା ସେ ସମ୍ପର୍କରେ ସଭାପତି ପ୍ରକାଶ ପଣ୍ଡା ଓ ସମ୍ପାଦକ ବିରଜା ପ୍ରସାଦ ନାହାକଙ୍କ ସହ ଆଲୋଚନା କରିଥିଲେ। କ୍ଲବ୍ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କ ପାଇଁ ଅଧିକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ରୋଟାରୀ ଗଭର୍ଣ୍ଣର ମନୋଜ ତ୍ରିପାଠୀ ଓ ମଧୁସ୍ମିତା ଫୁଲବାଣୀରେ ପହଞ୍ଚିବା ପରେ ତାଙ୍କୁ କ୍ଲବ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

ଏହି ଅବସରରେ କ୍ଲବ୍ ପକ୍ଷରୁ ଆୟୋଜିତ ସହରରେ ଥିବା ବାଳାଶ୍ରମ ଠାରେ ଥିବା ୫୦ ଜଣ ଅନ୍ତେବାସୀଙ୍କୁ ଖାତା ପେନସିଲ, ରବର, ବିସ୍କୁଟ, ଚକ୍ଲେଟ ଗାମୁଛା ଆଦି ଗଭର୍ଣ୍ଣର ମନୋଜ ତ୍ରିପାଠୀ ଓ ଅନ୍ୟ ପ୍ରଦାନ କରିବା ସହ ପିଲାଙ୍କୁ ଉଚିତ୍ ମାର୍ଗଦର୍ଶନ କରିଥିଲେ । ସେହିପରି ଶକ୍ତି ସଦନ ଯାଇ ସେଠାରେ ଥିବା ନିର୍ଯ୍ୟାତିତକ୍ଷ ମହିଳାମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ । ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରିବେ ସେ ନେଇ କାର୍ଯ୍ୟ କରିବା ପାଇଁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୨୦୨୫/୨୬ ସଭାପତି ଓ ସମ୍ପାଦକଙ୍କ ସମେତ ବରିଷ୍ଠ ରୋଟାରିଆନ ତଥା ଆସିଷ୍ଟାଣ୍ଟ ଗଭର୍ଣ୍ଣର ବିପ୍ରଚରଣ ପାତ୍ର, ପ୍ରଶାନ୍ତ କୁମାର ପାଣିଗ୍ରାହୀ, କେ ଜ୍ଞାନ ଦୋରା, ୨୦୨୬/୨୭ବର୍ଷ ସଭାପତି ତଥା ବରିଷ୍ଠ ଆଇନ ଜିବୀ ବିଜୟ ପଟ୍ଟନାୟକ ଓ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, ଡି ଅରୁଣା, ଉର୍ମିଳା ପଣ୍ଡା ଓ ଅନ୍ୟ ମାନେ ଉପସ୍ଥିତ ଥିଲେ। ଏଥି ସହିତ ଆୟୋଜିତ ଏକ ବନ୍ଧୁମିଳନ ସଭାରେ ରୋଟାରୀ ଗଭର୍ଣ୍ଣର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେବାମୂଳକ କାର୍ଯ୍ୟ ଅଧିକ କରିବା ଦିଗରେ ଆନ୍ତରିକତାର ସହ ଉଦ୍ୟମ କରିବାକୁ ପରାମର୍ଶ ଦେବା ସହ ଫୁଲବାଣୀ ରୋଟାରୀ କ୍ଲବକୁ ନିଜେ ବ୍ୟକ୍ତିଗତ ଭାବେ ଯଥା ସମ୍ଭବ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## କୁଡାସିଂହାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର,(ହି.ସ.)- ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ସଂଗଠନ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ଏବଂ ଜ୍ଞାନଜ୍ୟୋତି ତପୋବନ ଶିକ୍ଷା ମନ୍ଦିର କୁଡାସିଂହାର ମିଳିତ ଉଦ୍ୟମରେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ସଚେତନତା କାର୍ଯ୍ୟକ୍ରମ କୁଡାସିଂହା ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ଲିଙ୍ଗରାଜ ପୁଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସମାଜରେ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଏହି ରାଲି ମାଧ୍ୟମରେ ସ୍ଥାନୀୟ ଅଂଚଳର ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା । ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଫକିର ସାହୁ, ବାଗଦଲ ପୁଟେଲ, ରଂଜିପ୍ରଭା ମିଶ୍ର, ମମତା ପରୁଆ, ନିକି ତାଣ୍ଡ, ମଣ୍ଟୁ ମଲ୍ଲିକ, ରାକେଶ୍ୱରୀ ମିଶ୍ର, ଯୁବ କୁଲୁତା ସମାଜର ଜିଲ୍ଲା ସଦସ୍ୟ ପ୍ରଫୁଲ୍ଲ ପ୍ରଧାନ, ବବିତା ସା, ମିନତି ରାଉତ, ଅଙ୍କିତା ନାଏକ ଓ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ଗଜପତି କପିଳେନ୍ଦ୍ର ଦେବଙ୍କ ୫୯୧ତମ ରାଜ୍ୟାଭିଷେକ ଉତ୍ସବ ଓଡ଼ିଶାରେ ଆୟୋଜିତ ହେବ 'ଗଜପତି ଦିବସ'

ଭୁବନେଶ୍ୱର, (ନିପ୍ର): ୨୯ ଜୁନ୍ ୧୪୩୫ ମସିହାରେ କୃତ୍ତିବାସ କଟକଠାରେ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ସାମ୍ରାଜ୍ୟ କାଶୀଠାରୁ ରାମେଶ୍ୱରମ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା। ଏହି ଗୌରବମୟ ଇତିହାସର ୬ ଶତାବ୍ଦୀ ପରେ, ଓଡ଼ିଶାର ସେହି ମହାନ ସୂର୍ଯ୍ୟବଂଶୀ ସାମ୍ରାଜ୍ୟର ପ୍ରତିଷ୍ଠାତା ଓ ତାଙ୍କର ବୀରତ୍ୱକୁ ମନେ ପକାଇବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁକୁଲ୍ୟରେ ବିୟଣ୍ଡ ହେରିଟେଜ୍ ଟ୍ରଷ୍ଟ, ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଆସନ୍ତା ୨୯ ଜୁନ୍ ୨୦୨୬ (ସୋମବାର) ପ୍ରାତଃ ୧୦ ଘଟିକା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍.କେ.ସି.ଜି. ପ୍ରେକ୍ଷାଳୟଠାରେ 'ଗଜପତି ଦିବସ' ସମାରୋହ ଅନୁଷ୍ଠିତ ହେବ।

ଏହି ଭବ୍ୟ ସମାରୋହରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏଥିସହିତ ବିଶିଷ୍ଟ ଐତିହାସିକ ତଥା ହରିୟାଣା ସଂସ୍କୃତି ବୋର୍ଡର କୁଳପତି ପ୍ରଫେସର କୁଳଦୀପ୍ ଚନ୍ଦ୍ର ଅଗ୍ନିହୋତ୍ରୀ ବିଶିଷ୍ଟ ଅତିଥି ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବେ। ସମ୍ମାନିତ ଅତିଥି ଭାବେ କଟକର ସାଂସଦ ଭର୍ତ୍ତୃହରି ମହତାବ, ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ଟ୍ରଷ୍ଟି ସଦସ୍ୟ ପ୍ରଫେସର କିଶୋର କୁମାର ବାସା ଏବଂ କିଟ୍ ଆର୍ଟ ଏକାଡେମୀର ମହାନିର୍ଦ୍ଦେଶକ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ ଉପସ୍ଥିତ ରହିବେ। ଏହି ସମଗ୍ର କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଏବଂ ବିୟଣ୍ଡ ହେରିଟେଜ ଟ୍ରଷ୍ଟର ଅଧ୍ୟକ୍ଷ ଆର୍କିଟେକ୍ଟ ସୁଭଜ ମହାନ୍ତି ମଧ ଗରିମାମୟ ଉପସ୍ଥିତି ପ୍ରଦାନ କରିବେ।

ଏହି ତିନି ଘଣ୍ଟାର କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ "ସମର, ସମ୍ରାଟ, ଓ ସନାତନ: ଗଜପତି କପିଳେନ୍ଦ୍ର ଦେବ"ର ଉଦ୍ଘାଟନ ସହିତ ଆରମ୍ଭ ହେବ, ଯେଉଁଠାରେ ବିଭିନ୍ନ ମାନଚିତ୍ର, ଶିଳାଲେଖ ଏବଂ ପ୍ରତିକୃତି ମାଧ୍ୟମରେ ଗଜପତିଙ୍କ ବୀରତ୍ୱ ଓ ସାମ୍ରାଜ୍ୟ ବିସ୍ତାରର ଗାଥା ପ୍ରଦର୍ଶିତ କରାଯିବ। ଏହାପରେ ଗଜପତିଙ୍କ ଜୀବନୀ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଆନିମେଟେଡ୍ କ୍ଷୁଦ୍ର ଚଳଚ୍ଚିତ୍ର "ଲକ୍ଷେ ରଜାର ମଉଡ଼ମଣି: ଗଜପତିଙ୍କ ଗୌରବମୟ ଗାଥା" ଉନ୍ମୋଚନ କରାଯିବ, ଯାହା ଜାତୀୟ ସ୍ତରରେ ଓଡ଼ିଶାର ଏହି ମହାନ ଇତିହାସର ପ୍ରଚାର ପାଇଁ ମୁଖ୍ୟ ମାଧ୍ୟମ ସାଜିବ। କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପ୍ରଥମ ଆଲୋଚନାଚକ୍ରରେ "ଓଡ଼ିଶାର ଗୌରବମୟ ଇତିହାସ ସନ୍ଦର୍ଭରେ ଗବେଷଣା ଏବଂ ଶିକ୍ଷାର ନବଜାଗରଣ" ବିଷୟବସ୍ତୁ ଉପରେ ସ୍ୱାଧୀନ ଗବେଷକ ଦୀପକ କୁମାର ନାୟକ, ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ପ୍ରଫେସର କିଶୋର କୁମାର ବାସା ନିଜର ମତାମତ ଉପସ୍ଥାପନ କରିବେ।

## ପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ଯାତ୍ରା

ତିଗିରିଆ,(ନିପ୍ର): ଓଡ଼ିଶା ପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ଯାତ୍ରା ଶଙ୍କରେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନମଣିଙ୍କ ଚଳନ୍ତି ବିଗ୍ରହଙ୍କୁ ସୁସଜ୍ଜିତ ଦେବ ବିମାନରେ ବସାଇ ଘଣ୍ଟ,ଘଣ୍ଟା,କାହାଳୀ,ମର୍ଦ୍ଦଳ, ଆଳଟ, ଚାମର, ରୋଷଣୀ,ବାଜା, ବାଣ ସମେତ ଛତିଶ ନିଯୋଗ ଓ ନିଜିଗଡ ବାସୀ ଶଙ୍କରେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ।ପ୍ରସନ୍ନମଣିଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ପୁରୁଣା ତିଗିରିଆର ପ୍ରଭୁ ଚନ୍ଦ୍ରଶେଖର, ଗୋପିନାଥପୁର ଶାସନର ପ୍ରଭୁ ଗୋପୀନାଥଙ୍କ ସମେତ ପାର୍ଶ୍ୱ ଦେବତାମାନେ ଉପସ୍ଥିତ ଥାନ୍ତି ।ପୁରୁଣା ତିଗିରିଆ ଗ୍ରାମବାସୀ ଙ୍କ ସକ୍ରିୟ ସହଯୋଗ ରେ ପ୍ରତିବର୍ଷ ପରି ଚଳିତ ବର୍ଷ ଯାତ୍ରା ଅନୁଷ୍ଠିତ ହୋଇଛି । ଏହାକୁ ହରି ହର ଭେଟ ମଧ୍ୟ କୁହା ଯାଇଥାଏ। ଏଠାରେ ପ୍ରତିବର୍ଷ ପରି ଓଡ଼ିଶା ପ୍ରସିଦ୍ଧ ରଙ୍ଗ ବେରଙ୍ଗ ବାଣ ମରାଯାଇଛି ।

ତିଥି :(ଚତୁର୍ଦ୍ଦଶୀ): (ଜ୍ୟେଷ୍ଠା)

ଅମୃତ ବେଳା: ଦିବା ଘ ୬।୪୯ ଗତେ ଘ ୯।୧୪ ମଧ୍ୟେ

## ଆଜିର ଅନୁଚିନ୍ତନ

ସମସ୍ତ କର୍ମ ଓ ପଦାର୍ଥ, ଜ୍ଞାନ(ତତ୍ତ୍ୱ ଜ୍ଞାନ)ରେ ସମାପ୍ତ ବା ଲୀନ ହୋଇଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଅନ୍ୟାୟ ସଂପତ୍ତି

ପାହାଡ଼ ଉପରକୁ ଆଗେ ଆଗେ ଚଢୁଥାନ୍ତି ସାଧୁଜଣଙ୍କ। ଉଦ୍ଦେଶ୍ୟ : କିଛି ବିରଳ ଔଷଧୀୟ ଉଦ୍ଭିଦର ସନ୍ଧାନ କରିବେ। ପଛରେ ପଛରେ ଆସୁଥାନ୍ତି ଜଣେ ଧନୀ ଯୁବକ। ତାଙ୍କ କାନ୍ଧରେ ଥାଏ ବାଲିର ଏକ ବଡ଼ ପୁଟୁଳି। ଯୁବକ ଜଣଙ୍କ ଶାନ୍ତି ଅନ୍ୱେଷଣରେ ଆସି ସାଧୁଙ୍କ ଶରଣାପନ୍ନ ହୋଇଥାନ୍ତି। ବିଶ୍ୱାସ ରଖିଥାନ୍ତି ଯେ ସାଧୁ ନିଶ୍ଚୟ ତାଙ୍କୁ ଉଚିତ ମାର୍ଗ ପ୍ରଦର୍ଶନ କରାଇବେ। ପାହାଡ଼ କ୍ରମେ ତୀଖ ଦିଶୁଥାଏ। ଚଢିବା କଷ୍ଟକର ହେଉଥାଏ। ଯୁବକ ଜଣଙ୍କ କହିଲେ, ଆଜ୍ଞା ବହୁ କଷ୍ଟ ହେଲାଣି। ପୁଟୁଳି ଭାରରେ ଏ କାନ୍ଧ ଫାଟିପଡୁଛି। କିଛି ବ୍ୟବସ୍ଥା କରନ୍ତୁ।

ତହୁଁ ସାଧୁ ଜଣଙ୍କ ଶାନ୍ତ ଭାବରେ କହିଲେ, ସେ ପୁଟୁଳି ଏଥର ଫିଙ୍ଗିଦିଅ। କେବଳ ମୋ ପଛେ ପଛେ ଚାଲ। ଯୁବକ ଜଣଙ୍କ ସେଇଆ କଲେ।

ବୋଝ ହାଲୁକା ହେବା ପରେ କହିଲେ, ଓଃ କି ଶାନ୍ତି ! ସାଧୁ ଶୁଣାଇଲେ । ଯେତିକି ମିଳୁଛି ସେତିକିରେ ସନ୍ତୁଷ୍ଟ ନ ରହି ଅଧିକରୁ ଅଧିକ ଅନ୍ୟାୟ ସଂପତ୍ତି ଠୁଳ କଲେ କିଛି ଲାଭ ନାହିଁ। ଯାବତୀୟ ଅଶାନ୍ତି ଗୋଡ଼ାଇ ଚାଲିବ। ହରାଇବାର ଭୟ ଲାଗିରହିବ। ମୃତ୍ୟୁ ପରେ ଜୀବନ ସହିତ କେବେହେଲେ ସଂପତ୍ତି ଯିବ ନାହିଁ। ଯିବ ନିଜର କର୍ମ। କାନ୍ଧରେ ଯେଉଁ ପୁଟୁଳି ବୋହୁଥିଲ ତାହା ହେଉଛି ଅନ୍ୟାୟ ସଂପତ୍ତି। ମନକୁ ତାହା ସର୍ବଦା ଭାରାକ୍ରାନ୍ତ କରେ। କେବେହେଲେ ଏପରି ସଂପତ୍ତି ପଛରେ ଗୋଡ଼ାଇବ ନାହିଁ। ସାଧୁ ଜଣଙ୍କ ଏତିକି କହି ନୀରବ ରହିଲେ।

ଆଜିକାଲି ଅନ୍ୟାୟ ସଂପତ୍ତି ଆହରଣ କରିବାରେ ସମାଜରେ କିଛି ଲୋକ ବେଶ୍ ସକ୍ରିୟ ଅଛନ୍ତି। ତାହା ଯେ ସମୟକ୍ରମେ ଧରାପଡ଼ିପାରେ। ଧରାପଡ଼ିଲେ ଲୋକଚକ୍ଷୁରେ ନିନ୍ଦିତ ହେବେ। ଏପରି ଭୟ କି ଶଙ୍କା ସେମାନଙ୍କ ଠାରେ ଆଦୌ ନଥାଏ। ବରଂ ସେମାନଙ୍କ ମୁହଁ ପାଇଥାଏ,କିଏ ଦେଖୁଛି କି ? ଏପରି ବେପରୁଆପଣ ସେମାନଙ୍କ ନିକଟରେ ଥାଏ। ଅଯୋଧ୍ୟା ରାମମନ୍ଦିର ଦାନ ଅର୍ଥ ଲୁଟ୍ ନେଇ ଢେର ଦିନ ହେବ ଚର୍ଚ୍ଚା ଚାଲିଥିଲା। କେବେ ନିକଟରେ ଏତଲା ରୁଜୁ ହେବା ପରେ ୮ ଜଣ ଗିରଫ ହୋଇଛନ୍ତି ଓ ଦୁଇ ଜଣ କର୍ମକର୍ତ୍ତା ଇସ୍ତଫା ଦେଇଛନ୍ତି। ସମସ୍ୟା: ଅନ୍ୟାୟ ସମ୍ପତ୍ତି ଆହରଣ। ଶ୍ରଦ୍ଧାଳୁମାନେ ଶ୍ରଦ୍ଧା ଓ ବିଶ୍ୱାସର ସହ ଟ୍ରଷ୍ଟକୁ ଦାନ ଆକାରରେ ଦେଇଥିବା ମୂଲ୍ୟବାନ ସାମଗ୍ରୀ ଓ ଅର୍ଥ ଦେବାବେଳେ ଆଶା ରଖିଥାନ୍ତି, ଏହା ପ୍ରଭୁଙ୍କ ସେବାରେ ଲାଗୁ, ଜନକଲ୍ୟାଣ ବା ଭକ୍ତଙ୍କ କାମରେ ଆସୁ। ଦାନ ଅର୍ଥ ଯେ ଲୁଟ୍ ହୋଇପାରେ, ତାହା ସେହି ଦାନ ଦେଇଥିବା ଶ୍ରଦ୍ଧାଳୁମାନେ କଳ୍ପନାରେ ସୁଦ୍ଧା ଭାବି ପାରିନଥାନ୍ତି। ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛନ୍ତି ଅଭିଯୁକ୍ତମାନେ ମନ୍ଦିରର ସିସିଟିଭି କ୍ୟାମେରା ଉପରେ କପଡ଼ା ପକାଇଥିଲେ ଚୋରିବେଳେ। ଏ ଘଟଣା ନେଇ ଅଭିଯୁକ୍ତମାନେ ବିଚାର ବିଭାଗୀୟ ହାଜତ ଗଲେଣି। ଆଖପାଖ ଶୌଚଳାୟରେ ନଗଦ ୮୦ ଲକ୍ଷ ଟଙ୍କା ଜବତ ହୋଇଥିବା ଖବର ଆସିଛି। ଏ ମାମଲା ଚାଲିବ, ରାୟ ଆସିବ। ଲୁଟ୍ ହିଁ ଲୁଟ୍ । ସାଧୁ ଲୁଟ୍ କଲେ ଲୁଟେରା, ସୈତାନ ବି ଲୁଟ୍ କଲେ ଲୁଟେରା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ବା ଏସ୍ଆଇଟି ଗଠନ କରିବା ଫଳରେ ଅନୁସନ୍ଧାନ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଲା, ଯାହାକି କି ସ୍ୱାଗତଯୋଗ୍ୟ। ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଭାରତର ସଂସ୍କୃତି ଓ ପରମ୍ପରାରେ ଚିରକାଳ ଜାଜ୍ଜ୍ୱଲ୍ୟମାନ। ସତ୍ୟ ଅନୁସରଣ ତାଙ୍କ ମାର୍ଗ। ଅନ୍ୟାୟରେ ସଂପତ୍ତି ଆହରଣ କରୁଥିବା ଲୋକଙ୍କ ପାଇଁ ଏହି ମାମଲା ନିଶ୍ଚୟ ଏକ ଶକ୍ତ ଚେତାବନୀ।

# ଓଡ଼ିଶାରେ ଭୂ-ଲୁଣ୍ଠନ: ବୈଷମ୍ୟର ପୂର୍ବାଭାସ

**ଶ୍ରୀଧର ବେହେରା**

**ଜବରଦଖଲ ସମସ୍ୟା ଆଜି ଓଡ଼ିଶାର ବିକାଶ ପଥରେ ଏକ ଦୁର୍ଲଂଘ୍ୟ ପ୍ରାଚୀର ସୃଷ୍ଟି କରିଛି, ଏକ ଅଭିଶାପ ପାଲଟିଛି । ଯଦି ଏବେ ମଧ୍ୟ ଆମେ ନିଦ୍ରାଭଙ୍ଗ ନ କରୁ, ଶାସକ-ପ୍ରଶାସକ-ନାଗରିକ ସମସ୍ତେ ନିଜ ଦାୟିତ୍ୱ ନ ବୁଝୁ, ତେବେ ଆଗାମୀ ପିଢ଼ି ଆମକୁ ଇତିହାସର କାଠଗଡାରେ ଛିଡ଼ା କରିବ, କ୍ଷମା କରିବ ନାହିଁ । ରାଜ୍ୟର ଭୂ-ସମ୍ପଦ କୌଣସି ବ୍ୟକ୍ତିବିଶେଷର ପୈତୃକ ସମ୍ପତ୍ତି ନୁହେଁ, ଏହା ସମଗ୍ର ଜନସାଧାରଣଙ୍କ ଅମୂଲ୍ୟ ସମ୍ପତ୍ତି, ଏକ ପବିତ୍ର ଅମାନତ, ଯାହାକୁ ଆମେ ଆଗାମୀ ପିଢି ପାଇଁ ସୁରକ୍ଷିତ ରଖିବାକୁ ବାଧ୍ୟ । ଏହାର ସୁରକ୍ଷା ପାଇଁ ଶାସକ ଓ ଶାସିତଙ୍କ ମିଳିତ ସଂକଳ୍ପ, ନିରନ୍ତର ସଂଗ୍ରାମ, ଅବିଚଳିତ ନିଷ୍ଠା ଓ ସାମୂହିକ ଜାଗରଣ ହିଁ ଏକମାତ୍ର ପନ୍ଥା ।**

କାଳସ୍ରୋତର ଅନବରତ ପ୍ରବାହରେ ଓଡ଼ିଶାର ସାମାଜିକ-ଆର୍ଥିକ-ସାଂସ୍କୃତିକ ସଂରଚନା ଆଜି ଏକ ଭୟାବହ, ଦୁରାରୋଗ୍ୟ ଦୁର୍ବିପାକର ସମ୍ମୁଖୀନ — ତାହା ହେଉଛି ଜବରଦଖଲ । ଏହା କେବଳ ଏକ ଆଇନଗତ ଉଲ୍ଲଂଘନ ବା ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ରାଜ୍ୟର ଅର୍ଥନୀତି, ପରିବେଶ, ପ୍ରାଶାସନିକ ବ୍ୟବସ୍ଥା, ନୈତିକ ଅଧୋଗତି ଓ ସାମାଜିକ ନ୍ୟାୟର ମୂଳଦୁଆକୁ ଅନ୍ତଃସାରଶୂନ୍ୟ କରୁଥିବା ଏକ ବିକଟାଳ ବ୍ୟାଧି । ସ୍ୱାଧୀନତାର ସପ୍ତଦଶକ ପରେ ମଧ୍ୟ ଏହି ଅନୈତିକ, ଅବୈଧ ଓ ଅସାମ୍ବିଧାନିକ ଅଭ୍ୟାସ ଏକ ଲେଲିହାନ ଅଗ୍ନିଶିଖା ପରି ରାଜ୍ୟର ଭୂ-ସମ୍ପଦକୁ ଗ୍ରାସ କରିଚାଲିଛି, ଯାହାର ପରିଣାମ ସ୍ୱରୂପ ଗଣତନ୍ତ୍ରର ପ୍ରାଣଭୂମିରେ ଅରାଜକତା, ଅବିଶ୍ୱାସ ଓ ଅବକ୍ଷୟର ବିଷବୃକ୍ଷ ମୂଳମାଡି ବସିଲାଣି । ଏହା ଏକ ନୀରବ ଆକ୍ରମଣ, ଯାହା ଧୀରେ ଧୀରେ ରାଜ୍ୟର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରୁଛି ।

ଜବରଦଖଲର ପ୍ରକୋପ ଆଜି ସର୍ବବ୍ୟାପୀ, ସର୍ବଗ୍ରାସୀ ଓ ସର୍ବନାଶୀ । ନଗରାଞ୍ଚଳରେ ସରକାରୀ ଜମି, ଜଳାଶୟ, ଗୋଚର, ଶ୍ମଶାନ, ଖେଳପଡିଆ, ପାର୍କ, ରାସ୍ତାକଡ ଜାଗା ଓ ନାଳ ଉପରେ ପ୍ରଭାବଶାଳୀ ବ୍ୟକ୍ତିବିଶେଷ, ଭୂ-ମାଫିଆ ଓ ବାହୁବଳୀଙ୍କ ଗୃଧ୍ରଦୃଷ୍ଟି ପଡିଛି । ଭୁବନେଶ୍ୱର-କଟକ-ପୁରୀ-ରାଉରକେଲା-ବ୍ରହ୍ମପୁର ଯାଆଁଳା ନଗରୀ ଠାରୁ ଆରମ୍ଭ କରି ଉପାନ୍ତ ଗ୍ରାମାଞ୍ଚଳ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପର୍ଯ୍ୟନ୍ତ, ଭୂ-ମାଫିଆଙ୍କ ଅପରିମିତ ଲୋଭ, ରାଜନୈତିକ ଛତ୍ରଛାୟା, ପ୍ରଶାସନିକ ଔଦାସୀନ୍ୟ ଓ ଆଇନର ଶିଥିଳ ପ୍ରୟୋଗର ଯୁଗଳବନ୍ଦୀରେ ସରକାରୀ ଜମିର ଅବାଧ, ଅବିରତ ଲୁଣ୍ଠନ ଚାଲିଛି ।

ବିଶେଷକରି ଜଙ୍ଗଲ ଜମି, ଜଳଛାୟା ଅଞ୍ଚଳ, ନଦୀକୂଳ, ପାହାଡ, ଖଣି ଅଞ୍ଚଳ ଓ ଉପକୂଳବର୍ତ୍ତୀ ଭୂମିର ଅବୈଧ ଅଧିଗ୍ରହଣ ଯୋଗୁଁ ପରିବେଶଗତ ଭାରସାମ୍ୟ ସମ୍ପୂର୍ଣ୍ଣ ବିନଷ୍ଟ ହୋଇସାରିଲାଣି । ଫଳସ୍ୱରୂପ ପ୍ରତିବର୍ଷ ବନ୍ୟା-ବାତ୍ୟା-ମରୁଡି-ଭୂସ୍ଖଳନର ପ୍ରଳୟଙ୍କରୀ ତାଣ୍ଡବ ବଢ଼ିଚାଲିଛି । ବିନ୍ଧ୍ୟଗିରିର ଶ୍ୟାମଳିମା ନିଶ୍ଚିହ୍ନ ହେଉଛି, ଚିଲିକାର ଜୀବବୈଚିତ୍ର୍ୟ ବିପନ୍ନ ହେଉଛି, ମହାନଦୀ-ବ୍ରାହ୍ମଣୀ-ବୈତରଣୀର ଗର୍ଭ ଶୁଖିଯାଉଛି, ଭିତରକନିକାର ହେନ୍ତାଳବଣ ହ୍ରାସ ପାଉଛି — ଏ ସବୁର ମୂଳରେ ରହିଛି ଜବରଦଖଲର ଅସୁରିକ ପ୍ରବୃତ୍ତି ଓ ମଣିଷର ଅନିୟନ୍ତ୍ରିତ ଲାଳସା ।

ଏହାର ଅର୍ଥନୈତିକ, ସାମାଜିକ ଓ ନୈତିକ କୁପରିଣାମ ଅତ୍ୟନ୍ତ ମର୍ମନ୍ତୁଦ ଓ ସୁଦୂରପ୍ରସାରୀ । ହଜାର ହଜାର ଏକର ସରକାରୀ ଜମି ଜବରଦଖଲରେ ରହିବା ଫଳରେ ରାଜ୍ୟ କୋଷାଗାର ପ୍ରତିବର୍ଷ ଶହ କୋଟି ଟଙ୍କାର ରାଜସ୍ୱରୁ ବଞ୍ଚିତ ହେଉଛି । ଏହି ବିପୁଳ ଅର୍ଥରେ ଅନେକ ବିଦ୍ୟାଳୟ, ମହାବିଦ୍ୟାଳୟ, ଚିକିତ୍ସାଳୟ, ସଡ଼କ, ସେତୁ, ଜଳସେଚନ ପ୍ରକଳ୍ପ ଓ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରନ୍ତା, ଲକ୍ଷ ଲକ୍ଷ ଯୁବକଙ୍କୁ ରୋଜଗାର ମିଳନ୍ତା । ଜବରଦଖଲ ଜନିତ ମାମଲାର ପାହାଡ ନ୍ୟାୟପାଳିକା ଉପରେ ଦୁଃସହ ବୋଝ ସୃଷ୍ଟି କରିଛି । ବର୍ଷ ବର୍ଷ ଧରି, ପିଢ଼ି ପରେ ପିଢ଼ି ମାମଲା ବିଚାରାଧୀନ ରହିବା ଫଳରେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଶମ୍ବୁକ ଗତିରେ ପରିଣତ ହୋଇଛି, ଯାହା ଫଳରେ "ନ୍ୟାୟ ବିଳମ୍ବ ନ୍ୟାୟ ଅସ୍ୱୀକାର" ଉକ୍ତିଟି ଏକ ନିର୍ମମ ସତ୍ୟ ଭାବେ ପ୍ରତିଷ୍ଠିତ ହୋଇସାରିଛି । ସାମାଜିକ ଦୃଷ୍ଟିକୋଣରୁ ଦେଖିଲେ, ପ୍ରଭାବଶାଳୀ ମୁଷ୍ଟିମେୟ ବ୍ୟକ୍ତି, ରାଜନେତା ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ସରକାରୀ ଜମିକୁ ଆତ୍ମସାତ କରାଯାଉଥିବା ବେଳେ ପ୍ରକୃତ ଭୂମିହୀନ, ଦଳିତ, ଆଦିବାସୀ, ବିସ୍ଥାପିତ ଓ ଗରିବ ସମ୍ପ୍ରଦାୟ ନିଜ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇ ସାମାଜିକ ଅସନ୍ତୋଷ, ଆକ୍ରୋଶ ଓ ହତାଶାର ବାରୁଦଗଦା ଉପରେ ବସିଛନ୍ତି । ଏହି ବୈଷମ୍ୟ ଭବିଷ୍ୟତରେ ବିରାଟ ଜନବିଦ୍ରୋହ, ସାମାଜିକ ଅସ୍ଥିରତା ଓ ଗୃହଯୁଦ୍ଧ ପରିସ୍ଥିତିର କାରଣ ହୋଇପାରେ ।



ଏହି ବ୍ୟାଧିର ଉପଶମ ପାଇଁ କେବଳ ଆଇନର ଶୁଷ୍କ ଧାରା, ସରକାରୀ ନିର୍ଦ୍ଦେଶନାମା ବା ଅସ୍ଥାୟୀ ଉଚ୍ଛେଦ ଅଭିଯାନ ଯଥେଷ୍ଟ ନୁହେଁ, ଦରକାର ରାଜନୈତିକ ସଦିଚ୍ଛା, ପ୍ରଶାସନିକ ଦୃଢ଼ତା, ନ୍ୟାୟିକ ସକ୍ରିୟତା ଓ ନାଗରିକ ଚେତନାର ତ୍ରିବେଣୀ ସଙ୍ଗମ । ସମସ୍ତ ସରକାରୀ ଜମିର ସାଟେଲାଇଟ ଚିତ୍ର ସହ ଜିଓ-ଟ୍ୟାଗିଂ, ଡ୍ରୋନ ସର୍ଭେ ଓ ସ୍ୱଚ୍ଛ ଡିଜିଟାଲ ରେକର୍ଡ ପ୍ରସ୍ତୁତ କରି ତାହାକୁ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ କରିବା ଆଶୁ ଆବଶ୍ୟକ, ଯେପରି ଗୋଟିଏ ଡିସିମିଲ ଜମି ବି କାହାର ଗୋପନ ଅଧିକାରରେ ନ ରହେ । ଜବରଦଖଲ ଚିହ୍ନଟ ହେବା ମାତ୍ରେ ନିର୍ଦ୍ଦୟ, ନିରପେକ୍ଷ ଉଚ୍ଛେଦ ଓ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଉଚିତ, ଯାହା ଅନ୍ୟମାନଙ୍କ ପାଇଁ ଚେତାବନୀ ହେବ । ଜବରଦଖଲକାରୀଙ୍କ ଠାରୁ ବଜାର ଦରରେ ଜରିମାନା ଆଦାୟ କରିବା ସହ ସେମାନଙ୍କୁ ସରକାରୀ ସୁବିଧା ଓ ନିର୍ବାଚନ ଲଢିବାରୁ ବଞ୍ଚିତ କରାଯାଉ । ଏହାସହିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ଗଠନ କରି ଜବରଦଖଲ ମାମଲାର ତ୍ୱରିତ୍ ଫଇସଲା କରିବାକୁ ପଡିବ । ଜବରଦଖଲ ଏକ ରାଷ୍ଟ୍ରବିରୋଧୀ, ସାମାଜିକ ଅପରାଧ,ଏହି ବୋଧ ଜନମାନସରେ ସୃଷ୍ଟି କରିବାକୁ ପଡିବ। ବିଦ୍ୟାଳୟ ପାଠ୍ୟକ୍ରମରେ ଏହାକୁ ସାମିଲ କରି ଆଗାମୀ ପିଢ଼ିକୁ ସଚେତନ କରିବାକୁ ହେବ।

ଜବରଦଖଲ ସମସ୍ୟା ଆଜି ଓଡ଼ିଶାର ବିକାଶ ପଥରେ ଏକ ଦୁର୍ଲଂଘ୍ୟ ପ୍ରାଚୀର ସୃଷ୍ଟି କରିଛି, ଏକ ଅଭିଶାପ ପାଲଟିଛି । ଯଦି ଏବେ ମଧ୍ୟ ଆମେ ନିଦ୍ରାଭଙ୍ଗ ନ କରୁ, ଶାସକ-ପ୍ରଶାସକ-ନାଗରିକ ସମସ୍ତେ ନିଜ ଦାୟିତ୍ୱ ନ ବୁଝୁ, ତେବେ ଆଗାମୀ ପିଢି ଆମକୁ ଇତିହାସର କାଠଗଡ଼ାରେ ଛିଡା କରିବ, କ୍ଷମା କରିବ ନାହିଁ। ରାଜ୍ୟର ଭୂ-ସମ୍ପଦ କୌଣସି ବ୍ୟକ୍ତିବିଶେଷର ପୈତୃକ ସମ୍ପତ୍ତି ନୁହେଁ, ଏହା ସମଗ୍ର ଜନସାଧାରଣଙ୍କର ଅମୂଲ୍ୟ ସଂପଦ, ଏକ ପବିତ୍ର ଅମାନତ, ଯାହାକୁ ଆମେ ଆଗାମୀ ପିଢି ପାଇଁ ସୁରକ୍ଷିତ ରଖିବାକୁ ବାଧ୍ୟ । ଏହାର ସୁରକ୍ଷା ପାଇଁ ଶାସକ ଓ ଶାସିତଙ୍କ ମିଳିତ ସଂକଳ୍ପ, ନିରନ୍ତର ସଂଗ୍ରାମ, ଅବିଚଳିତ ନିଷ୍ଠା ଓ ସାମୂହିକ ଜାଗରଣ ହିଁ ଏକମାତ୍ର ପନ୍ଥା । ନଚେତ୍ ଯେଉଁ ମାଟିରେ ଆମେ ଜନ୍ମ ନେଲୁ, ଯେଉଁ ମାଟି ଆମକୁ ଅନ୍ନ ଦେଲା, ଆଶ୍ରୟ ଦେଲା, ସେହି ମାଟି ଆମ ପାଦ ତଳୁ ଖସିଯିବାକୁ ଅଧିକ ସମୟ ଲାଗିବ ନାହିଁ, ଏବଂ ଆମେ ଏକ ଭୂମିହୀନ, ପରିଚୟହୀନ, ଇତିହାସହୀନ ଜାତିରେ ପରିଣତ ହୋଇଯିବା ।

ଗୌରାଙ୍ଗପାଟଣା, ରମ୍ଭା,ଗଞ୍ଜାମ
ମୋ:୯୩୯୧୫୯୪୭୯୭

# ଭକ୍ତି ଦାନ ଓ ବାଟମାରଣା

**ଡକ୍ଟର ଲକ୍ଷ୍ମଣ ସାହୁ**

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଖୋଲିବା ପରଠାରୁ ଅଯୋଧ୍ୟାର ରାମ ମନ୍ଦିର ଟ୍ରଷ୍ଟକୁ ଶହ ଶହ କୋଟି ଟଙ୍କାର ଦାନ ମିଳିଛି । ନଗଦ, ସୁନା, ରୁପା ଓ ଅନ୍ୟାନ୍ୟ ଜିନିଷପତ୍ର ଆସୁଛି । ତଥାପି ଦାନ ପରିଚାଳନାକୁ ନେଇ ସଂପ୍ରତି ଗମ୍ଭୀର ପ୍ରଶ୍ନ ଉଠିଛି । ନଗଦ ପରିଚାଳନାରେ ଅବହେଳା, କିଛି ପୁରୁଣା ଦାନର ହିସାବ ନ ଥିବା ଓ ଦାନ ବାକ୍ସରୁ ଅନୁପସ୍ଥିତ ପାଣ୍ଠି ଉଠାଯିବା ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିବାକୁ ବାଧ୍ୟ କରିଛି ।

ଦେଖିବାକୁ ଗଲେ ମନ୍ଦିର ସ୍ଥଳରେ ଆର୍ଥିକ କାର୍ଯ୍ୟକଳାପ ସାଧାରଣ ସହରଠାରୁ ଭିନ୍ନ । ଭକ୍ତିପୂର୍ଣ୍ଣ ଅର୍ଥ ପ୍ରବାହିତ ହୁଏ, ସରକାରୀ ନୀତି ବିକାଶକୁ ପ୍ରୋତ୍ସାହିତ କରେ ଓ ପାରିପାର୍ଶ୍ୱିକ ଜମିର ମୂଲ୍ୟ ଆକାଶଛୁଆଁ ହୁଏ । ଫଳାଫଳ କ'ଣ ? ଏପରି ସହରଗୁଡ଼ିକରେ, ସାଧାରଣ ସହର ତୁଳନାରେ ଜମି ବିବାଦ, ଅଧିଗ୍ରହଣ ସମସ୍ୟା ଓ ଆକଳନର ଅଭିଯୋଗ ବହୁତ ଦ୍ରୁତ ଗତିରେ ଉଭା ହୁଏ । ଏହା ସାଧାରଣ ସହର ବିକାଶ ନୁହେଁ । ଏଠାରେ, ମୂଲ୍ୟ ସୃଷ୍ଟିର କେନ୍ଦ୍ର ହେଉଛି ମନ୍ଦିର ଓ ଏହାର ସମ୍ପର୍କିତ ପ୍ରକଳ୍ପ । ତେଣୁ ଏହି ସହରଗୁଡ଼ିକରେ ଜମି ବିବାଦକୁ ସାଧାରଣ ରାଜସ୍ୱ କିମ୍ବା ଦେୱାନୀ କୋର୍ଟଙ୍କ ଉପରେ ଛାଡି ଦିଆଯାଇପାରିବ ନାହିଁ ।

ସ୍ପଷ୍ଟ ଭାବରେ, ମନ୍ଦିର ପ୍ରଭାବିତ ଅଞ୍ଚଳରେ ଜମି ସମ୍ପର୍କିତ ମାମଲାଗୁଡ଼ିକୁ ପ୍ରାଥମିକତା ଦେବା ପାଇଁ ଏକ ପୃଥକ୍, ସ୍ୱତନ୍ତ୍ର ଭୂମି ଟ୍ରିବ୍ୟୁନାଲ କିମ୍ବା ଫାଷ୍ଟ-ଟ୍ରାକ୍ ବେଞ୍ଚ ଆବଶ୍ୟକତା । ଜମି ଅଧିଗ୍ରହଣ, କ୍ଷତିପୂରଣ, ମାଲିକାନା ଓ ବେନାମୀ କାରବାର ଉପରେ ତ୍ୱରିତ୍ ଶୁଣାଣି କରାଯିବା ଉଚିତ।

ଯଦି ଏଟିଏମ୍‌ରେ ସ୍ଥାପିତ ଏକ କ୍ୟାସ୍ ଡିପୋଜିଟ୍ ମେସିନ୍ ନଗଦ ଗ୍ରହଣ କରି ରସିଦ୍ ଓ ବାଲାନ୍ସ ଦେଖାଇପାରିବ, ତେବେ ମନ୍ଦିରରେ ଦାନ ପାଇଁ ସମାନ ବ୍ୟବସ୍ଥା କାହିଁକି କାର୍ଯ୍ୟକାରୀ କରାଯାଇପାରିବ ନାହିଁ ? କେବଳ ଏକ ସରଳ ମେସିନ୍ ଆବଶ୍ୟକ । ଦାତା ଏକ ନୋଟ୍ ସନ୍ନିବେଶ କରନ୍ତି । ମେସିନ୍ ତୁରନ୍ତ ଏକ ରସିଦ୍ ପ୍ରିଣ୍ଟ ବାହାର କରେ । ଯେଉଁଥିରେ ପରିମାଣ, ତାରିଖ, ସମୟ, ଧାର୍ମିକ ସ୍ଥଳର ନାମ ଓ ଏକ ଅନନ୍ୟ ନମ୍ବର ଥାଏ । ସେହି ନମ୍ବରକୁ ଏକ ଅନଲାଇନ୍ ପୋର୍ଟାଲରେ ମଧ୍ୟ ଯାଞ୍ଚ କରାଯାଇପାରିବ । ସମ୍ପୂର୍ଣ୍ଣ ଆକାଉଣ୍ଟ ପ୍ରକୃତ ସମୟରେ ରେକର୍ଡ କରାଯାଏ । ଦାତା ତୁରନ୍ତ ଅନଲାଇନ୍ ପ୍ରମାଣ ପାଆନ୍ତି ।

ଉଚ୍ଚ-ମୂଲ୍ୟର ଦାନ ପାଇଁ କ୍ୟାମେରା ରେକର୍ଡିଂ ବାଧ୍ୟତାମୂଳକ ହେବା ଉଚିତ, ସାର୍ବଜନୀନ ପୋର୍ଟାଲରେ ଲାଇଭ୍ କିମ୍ବା ତୁରନ୍ତ ଉପଲବ୍ଧ ଫିଡ୍ ସହିତ । ଏହା ଜଟିଳ ନୁହେଁ । କାରଣ ପ୍ରଯୁକ୍ତିବିଦ୍ୟା ପୂର୍ବରୁ ରହିଛି । କେବଳ ଇଚ୍ଛାଶକ୍ତି ଓ ନିୟମାବଳୀ ଆବଶ୍ୟକ । ଏହା ଦାତାମାନଙ୍କୁ ଆତ୍ମବିଶ୍ୱାସ ଦେବ ଯେ ସେମାନଙ୍କର ଟଙ୍କା ସଠିକ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିଛି । ଟ୍ରଷ୍ଟ ପରେ କୌଣସି ଅଭିଯୋଗକୁ ଏଡାଇବା ମଧ୍ୟ ସହଜ କରିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦାନ ଆଉ ବ୍ୟକ୍ତିଗତ ବିଶ୍ୱାସର ବିଷୟ ହେବ ନାହିଁ । ସେଗୁଡ଼ିକ ସାର୍ବଜନୀନ ଟଙ୍କା ହୋଇଯିବ, ଯାହା ପାଇଁ ଉତ୍ତରଦାୟିତ୍ୱ ସ୍ଥାପନ କରିବାକୁ ପଡିବ ।

ଦେଶରେ, ମନ୍ଦିର ଓ ଟ୍ରଷ୍ଟର ସଂଖ୍ୟା ହଜାର ହଜାର ରହିଛି। ଅନେକ ବଡ଼ ବଡ଼ ମନ୍ଦିରର ଆୟ ସରକାରୀ ବିଭାଗ ଅପେକ୍ଷା ଅଧିକ। କିଛି ରାଜ୍ୟ ଦାନ ବିଭାଗ, କିଛି ସ୍ୱୟଂଶାସିତ ଟ୍ରଷ୍ଟ ଓ କିଛି ସ୍ୱତନ୍ତ୍ର ଆଇନ ଅଧୀନରେ ଅଛି । ଫଳସ୍ୱରୂପ, ସବୁଠି ଭିନ୍ନ ନିୟମ ଓ ଦାୟିତ୍ୱ ପ୍ରଚଳିତ ହେଉଛି ।

ଏକ ପବିତ୍ର ଅର୍ଥନୀତି ଦାୟିତ୍ୱ କମିଶନ କିମ୍ବା ଟ୍ରିବ୍ୟୁନାଲ୍ ପ୍ରତିଷ୍ଠା କରିବାର ସମୟ ଆସିଛି । ଏହାର କାର୍ଯ୍ୟ କେବଳ ବିଶ୍ୱାସ କିମ୍ବା ପୂଜା ପଦ୍ଧତି ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଏହାର ପରିସର ସ୍ପଷ୍ଟ ହେବ: ଦାନ ଗ୍ରହଣ, ସେଗୁଡ଼ିକର ହିସାବ ରଖିବା, ଜିନିଷପତ୍ର ଦାନ ରେକର୍ଡ କରିବା, ବାର୍ଷିକ ଅଡିଟର ସାର୍ବଜନୀନ ପ୍ରକାଶନ ଓ ଦାତାଙ୍କ ସୂଚନା ପାଇବାର ଅଧିକାର । ଏହା ବ୍ୟତୀତ ମନ୍ଦିର କେନ୍ଦ୍ରିକ ଅଞ୍ଚଳରେ ଜମି ବିବାଦର ଶୀଘ୍ର ଶୁଣାଣି ହେବା ଉଚିତ। ପ୍ରତ୍ୟେକ ଦାତାଙ୍କ ସେମାନଙ୍କର ଦାନର ଫଳାଫଳ ବିଷୟରେ ପଚାରିବାର ଓ ଯଦି ଉତ୍ତର ସନ୍ତୋଷଜନକ ନହୁଏ, ଟ୍ରିବ୍ୟୁନାଲ୍‌ରେ ଅଭିଯୋଗ କରିବାର ଅଧିକାର ରହିବା ଉଚିତ।

ଅବଶ୍ୟ ଅସ୍ୱଚ୍ଛତା ସବୁଠି ଦୁର୍ନୀତିକୁ ଜନ୍ମ ଦିଏ, ତାହା ସରକାରୀ ବିଭାଗ ହେଉ, ରାଜନୈତିକ ଦଳର ପାଣ୍ଠି ହେଉ, କିମ୍ବା ଧାର୍ମିକ ଟ୍ରଷ୍ଟ ହେଉ । ଯେତେବେଳେ ଏଟିଏମ୍ ପ୍ରତ୍ୟେକ କାରବାରକୁ ରେକର୍ଡ କରିପାରିବ, ସେତେବେଳେ ଧାର୍ମିକ ସ୍ଥଳରେ ଦାନ ବ୍ୟବସ୍ଥାକୁ କାହିଁକି ଆଧୁନିକୀକରଣ କରାଯିବ ନାହିଁ ?

କଟକ -୪ , ମୋ: ୯୦୪୦ ୧୫୧୪୭୫

# ଅଫିସ୍‌ରେ ରିଲ୍ସ: ଆସୁ କଟକଣା


**ଅଖିଳ ତରାଇ**

**କର୍ତ୍ତବ୍ୟ ପ୍ରତି ଏଭଳି ଅବହେଳା କେବଳ ବ୍ୟକ୍ତିଗତ ଶୃଙ୍ଖଳାହୀନତା ନୁହେଁ, ବରଂ ଏହା ସାମଗ୍ରିକ ଭାବେ ରାଜ୍ୟର ଶାସନ ଓ ପ୍ରଶାସନର ମେରୁଦଣ୍ଡକୁ ଦୁର୍ବଳ କରିଦିଏ। ଜଣେ ସରକାରୀ କର୍ମଚାରୀ ଭାବେ ସେବା ଯୋଗାଇବା ପାଇଁ ନିଯୁକ୍ତି ପାଇବା ପରେ, ସମ୍ପୃକ୍ତ ବ୍ୟକ୍ତିଙ୍କ ସମୟ ଓ ଶ୍ରମ ସମ୍ପୂର୍ଣ୍ଣ ରୂପେ ଜନକଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବା ଉଚିତ। ମାତ୍ର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ସୋସିଆଲ ମିଡିଆର ଏହି ପଙ୍ଗପାଳ ସଦୃଶ ନିଶା ସେମାନଙ୍କୁ ନିଜର ମୂଳ ସାମାଜିକ ଦାୟିତ୍ୱରୁ ବହୁ ଦୂରକୁ ନେଇଯାଉଛି। ରାଜ୍ୟର ଅନେକ ସରକାରୀ ବିଦ୍ୟାଳୟ ଓ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ଥିବା ସତ୍ତ୍ୱେ, ଯେଉଁମାନେ ଅଛନ୍ତି ସେମାନେ ଯଦି ଏଭଳି ଅଯଥା କାର୍ଯ୍ୟରେ ସମୟ ନଷ୍ଟ କରିବେ, ତେବେ ସରକାରୀ ଯୋଜନାଗୁଡ଼ିକର ସଠିକ୍ ରୂପାୟନ କେବେ ହେଲେ ସମ୍ଭବ ହେବନାହିଁ। ତେଣୁ ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ସରକାର କେବଳ ସାଧାରଣ ଚେତାବନୀ କିମ୍ବା ମୌଖିକ ନିର୍ଦ୍ଦେଶନାମା ଜାରି କଲେ କୌଣସି ସୁଫଳ ମିଳିବ ନାହିଁ।**

ସାମ୍ପ୍ରତିକ ସମୟରେ ଡିଜିଟାଲ୍ ବିପ୍ଳବ ଆମ ଜୀବନଶୈଳୀକୁ ଯେତିକି ସହଜ କରିଛି, ସେତିକି ମାତ୍ରାରେ ଅନେକ ନୂଆ ସାମାଜିକ ସମସ୍ୟା ମଧ୍ୟ ସୃଷ୍ଟି କରିଛି। ସ୍ମାର୍ଟଫୋନ୍ ଏବଂ ଶସ୍ତା ଇଣ୍ଟରନେଟ୍‌ର ସୁବିଧା ଆଜି ପ୍ରତିଟି ମଣିଷ ହାତରେ ସୋସିଆଲ ମିଡିଆର ଏକ ଆଭାସୀ ଦୁନିଆ ଛିଡ଼ା କରିଦେଇଛି। ଏହି କ୍ରମରେ 'ରିଲ୍ସ' ଏବଂ 'ସର୍ଟ ଭିଡିଓ' ପ୍ରସ୍ତୁତ କରିବାର ନିଶା ଏବେ ଏକ ମାନସିକ ବ୍ୟାଧି ଭାବେ ଉଭା ହୋଇଛି।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ଆଭାସୀ ଲୋକପ୍ରିୟତାର ମୋହ ଏବେ କେବଳ ଯୁବପିଢ଼ି କିମ୍ବା ବ୍ୟକ୍ତିଗତ ପରିସର ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହା ସରକାରୀ କାର୍ଯ୍ୟାଳୟ ଏବଂ ସରକାରୀ ବିଦ୍ୟାଳୟଗୁଡ଼ିକର ପବିତ୍ର ପରିସରକୁ ମଧ୍ୟ ଗଭୀର ଭାବେ କଳୁଷିତ କରିବାକୁ ଆରମ୍ଭ କଲାଣି। ଯେଉଁ ସମୟରେ ସରକାରୀ କର୍ମଚାରୀ ଓ ଶିକ୍ଷକମାନେ ଜନସାଧାରଣଙ୍କ ସେବା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାର ଗୁରୁଦାୟିତ୍ୱ ତୁଲାଇବା କଥା, ସେହି ସମୟରେ ଅନେକ କର୍ମଚାରୀ କେମିତି ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଭ୍ୟୁ, ଲାଇକ୍ ଏବଂ ଫଲୋଅର୍ସ ବଢ଼ାଇବେ, ସେହି ଚିନ୍ତାରେ ମଗ୍ନ ରହୁଛନ୍ତି। ଏଭଳି ଏକ ଅପସଂସ୍କୃତି ସରକାରୀ ବ୍ୟବସ୍ଥାର ସ୍ୱଚ୍ଛତା, ଗରିମା ଏବଂ ନୈତିକତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଯାହାକୁ ରୋକିବା ପାଇଁ ସରକାରୀ ସ୍ତରରେ ତୁରନ୍ତ ଏକ କଠୋର ଓ ସ୍ପଷ୍ଟ ନିୟମାବଳୀ ପ୍ରଣୟନ ହେବା ଏକାନ୍ତ ଜରୁରୀ ହୋଇପଡ଼ିଛି।

ସରକାରୀ ବିଦ୍ୟାଳୟଗୁଡ଼ିକ ହେଉଛି ଜ୍ଞାନର ଆଲୋକ ବାଣ୍ଟିବାର ଏବଂ ଦେଶର ଭବିଷ୍ୟତ ଗଠନ କରିବାର ପବିତ୍ର ଅନୁଷ୍ଠାନ। ସେଠାରେ ଶିକ୍ଷକମାନଙ୍କର ପ୍ରତିଟି ମିନିଟ୍ କୋମଳମତି ଶିଶୁମାନଙ୍କର ଗଠନମୂଳକ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଅଟେ। ମାତ୍ର ଦୁଃଖର ବିଷୟ, ଆଜିକାଲି ପ୍ରାୟତଃ ଦେଖିବାକୁ ମିଳୁଛି ଯେ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ ଶ୍ରେଣୀଗୃହ ଭିତରେ ବହି-ଖାତା ପଢ଼ାଇବା ଛାଡ଼ି ମୋବାଇଲ୍ କ୍ୟାମେରା ଆଗରେ ବିଭିନ୍ନ ପ୍ରକାରର ନାଚଗୀତ, ଅଙ୍ଗଭଙ୍ଗୀ ଏବଂ ସଂଳାପ କହି ରିଲ୍ସ ବନାଉଛନ୍ତି। ଏହା କେବଳ ପିଲାମାନଙ୍କର ପାଠପଢ଼ାର ମୂଲ୍ୟବାନ ସମୟ ନଷ୍ଟ କରୁନାହିଁ ବରଂ ସେମାନଙ୍କର କୋମଳ ମନ ଉପରେ ମଧ୍ୟ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି। ଶିକ୍ଷକଙ୍କୁ ନିଜର ଭଗବାନ ଓ ଆଦର୍ଶ ମାନୁଥିବା ପିଲାମାନେ ସେମାନଙ୍କ ଠାରୁ ଜ୍ଞାନ ଓ ଶୃଙ୍ଖଳା ଶିଖିବା ପରିବର୍ତ୍ତେ ଏହି ଶସ୍ତା ଲୋକପ୍ରିୟତାର ଆକର୍ଷଣ ଆଡ଼କୁ ଢଳିବାକୁ ଆରମ୍ଭ କରୁଛନ୍ତି, ଯାହା ସମାଜ ପାଇଁ ଏକ ଶୁଭ ସଙ୍କେତ ନୁହେଁ।



ଅନୁରୂପ ଭାବେ, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସାଧାରଣ ଗରିବ ଜନତା ନିଜର ଜରୁରୀ ସରକାରୀ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ଆସି ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେଉଥିବା ବେଳେ, ଅଫିସ୍ ଭିତରେ ବସିଥିବା କିଛି କର୍ମଚାରୀ ସରକାରୀ ଦରମା ନେଇ ମଧ୍ୟ ନିଜ କର୍ତ୍ତବ୍ୟକୁ ଭୁଲିଯାଉଛନ୍ତି। ସେମାନେ ଅଫିସ୍ ସମୟରେ ରିଲ୍ସ ଦେଖିବାରେ କିମ୍ବା ନିଜ ସହକର୍ମୀଙ୍କ ସହ ମିଶି ଭିଡିଓ ସୁଟିଂ କରିବାରେ ବ୍ୟସ୍ତ ରହୁଛନ୍ତି। ସରକାରୀ ଚେୟାର ଓ ସରକାରୀ ପରିସରକୁ ବ୍ୟବହାର କରି କରାଯାଉଥିବା ଏଭଳି ମନୋରଞ୍ଜନ ଜନସାଧାରଣଙ୍କ ପ୍ରତି ଉପହାସ ଏବଂ ସରକାରୀ କାର୍ଯ୍ୟାଳୟର ସେବା ପ୍ରଦାନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ବ୍ୟାହତ କରୁଛି। ଜନତାଙ୍କ ଟିକସ ଟଙ୍କାରେ ଦରମା ପାଉଥିବା କର୍ମଚାରୀମାନେ ଯଦି ନିଜର ଆଭାସୀ ପ୍ରସିଦ୍ଧି ପାଇଁ ସରକାରୀ ସମୟର ଅପବ୍ୟବହାର କରିବେ, ତେବେ ଗଣତନ୍ତ୍ରର ମୂଳ ଲକ୍ଷ୍ୟ ହିଁ ବିପନ୍ନ ହୋଇପଡ଼ିବ।

କର୍ତ୍ତବ୍ୟ ପ୍ରତି ଏଭଳି ଅବହେଳା କେବଳ ବ୍ୟକ୍ତିଗତ ଶୃଙ୍ଖଳାହୀନତା ନୁହେଁ, ବରଂ ଏହା ସାମଗ୍ରିକ ଭାବେ ରାଜ୍ୟର ଶାସନ ଓ ପ୍ରଶାସନର ମେରୁଦଣ୍ଡକୁ ଦୁର୍ବଳ କରିଦିଏ। ଜଣେ ସରକାରୀ କର୍ମଚାରୀ ଭାବେ ସେବା ଯୋଗାଇବା ପାଇଁ ନିଯୁକ୍ତି ପାଇବା ପରେ, ସମ୍ପୃକ୍ତ ବ୍ୟକ୍ତିଙ୍କ ସମୟ ଓ ଶ୍ରମ ସମ୍ପୂର୍ଣ୍ଣ ରୂପେ ଜନକଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବା ଉଚିତ। ମାତ୍ର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ସୋସିଆଲ ମିଡିଆର ଏହି ପଙ୍ଗପାଳ ସଦୃଶ ନିଶା ସେମାନଙ୍କୁ ନିଜର ମୂଳ ସାମାଜିକ ଦାୟିତ୍ୱରୁ ବହୁ ଦୂରକୁ ନେଇଯାଉଛି। ରାଜ୍ୟର ଅନେକ ସରକାରୀ ବିଦ୍ୟାଳୟ ଓ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ଥିବା ସତ୍ତ୍ୱେ, ଯେଉଁମାନେ ଅଛନ୍ତି ସେମାନେ ଯଦି ଏଭଳି ଅଯଥା କାର୍ଯ୍ୟରେ ସମୟ ନଷ୍ଟ କରିବେ, ତେବେ ସରକାରୀ ଯୋଜନାଗୁଡ଼ିକର ସଠିକ୍ ରୂପାୟନ କେବେ ହେଲେ ସମ୍ଭବ ହେବନାହିଁ। ତେଣୁ ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ସରକାର କେବଳ ସାଧାରଣ ଚେତାବନୀ କିମ୍ବା ମୌଖିକ ନିର୍ଦ୍ଦେଶନାମା ଜାରି କଲେ କୌଣସି ସୁଫଳ ମିଳିବ ନାହିଁ।

ଏହି ସାମାଜିକ ଓ ପ୍ରଶାସନିକ ଅପସଂସ୍କୃତିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଓ କଠୋର 'ଡିଜିଟାଲ୍ କୋଡ୍ ଅଫ୍ କଣ୍ଡକ୍ଟ' ବା ଡିଜିଟାଲ୍ ଆଚରଣ ବିଧି ଲାଗୁ କରାଯିବା ଜରୁରୀ। କାର୍ଯ୍ୟାଳୟ ଓ ବିଦ୍ୟାଳୟର ସରକାରୀ ସମୟ ମଧ୍ୟରେ ବ୍ୟକ୍ତିଗତ ସୋସିଆଲ ମିଡିଆ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହେବା ଦରକାର।

ବିଶେଷ କରି ଶ୍ରେଣୀଗୃହ କିମ୍ବା ସରକାରୀ କାର୍ଯ୍ୟାଳୟ ଭିତରେ ବସି ବ୍ୟକ୍ତିଗତ ଭିଡିଓ ବନାଇବାକୁ ଏକ ଗୁରୁତର ଅପରାଧ ଭାବେ ଗଣନା କରାଯିବା ଆବଶ୍ୟକ। ଯଦି କୌଣସି କର୍ମଚାରୀ କିମ୍ବା ଶିକ୍ଷକ ଏହାର ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ବିରୋଧରେ ତୁରନ୍ତ ଦରମା କାଟ, ନିଲମ୍ବନ କିମ୍ବା ଚାକିରିରୁ ବହିଷ୍କାର ଭଳି ଦୃଷ୍ଟାନ୍ତମୂଳକ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। କାର୍ଯ୍ୟସ୍ଥଳରେ ସିସିଟିଭି ମାଧ୍ୟମରେ କର୍ମଚାରୀଙ୍କ ଗତିବିଧି ଉପରେ ନଜର ରଖିବା ସହ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅତର୍କିତ ଚଢ଼ାଉ କରାଗଲେ ଏହି ପ୍ରବୃତ୍ତି ଉପରେ ରୋକ୍ ଲଗାଯାଇପାରିବ। ବ୍ୟକ୍ତିଗତ ସ୍ୱାଧୀନତା ଏବଂ ମନୋରଞ୍ଜନ ନାମରେ କାର୍ଯ୍ୟସ୍ଥଳର ପବିତ୍ରତା, ଗରିମା ଏବଂ ନିଜର ଦାୟିତ୍ୱକୁ ବଳି ଚଢ଼ାଇ ଦିଆଯାଇପାରିବ ନାହିଁ। ସରକାର ଯଦି ତୁରନ୍ତ ଏ ଦିଗରେ ଦୃଢ଼ ଓ ଯୁଗାନ୍ତକାରୀ ପଦକ୍ଷେପ ନ ନେବେ, ତେବେ ସରକାରୀ ବ୍ୟବସ୍ଥା ଉପରୁ ସାଧାରଣ ଜନତାଙ୍କ ଆସ୍ଥା ସମ୍ପୂର୍ଣ୍ଣ ରୂପେ ତୁଟିଯିବ। ବର୍ତ୍ତମାନ ସମୟ ଆସିଛି, ସେବା, ଶ୍ରଦ୍ଧା ଓ କର୍ତ୍ତବ୍ୟର ପରିସରକୁ ରିଲ୍ସର ଆଭାସୀ ଦୁନିଆରୁ ମୁକ୍ତ କରି ଏକ ସ୍ୱଚ୍ଛ, ଦାୟିତ୍ୱବାନ ଏବଂ ସଂସ୍କାରୀ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବା।

ଗଞ୍ଜାମ,ମୋ-୭୬୮୭୦ ୦୧୦୦୧

# ସରକାରୀ ସହାୟତା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି

ସୋନପୁର,୨୭।୬ (ନିପ୍ର); ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଜାଲୋଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲିମ୍ବପାଲି ଗ୍ରାମରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି। ଗ୍ରାମର ଏକାଦଶିଅ ଦନ୍ତାଙ୍କ ଘର ଉପରେ ହଠାତ୍ ବଜ୍ରପାତ ହେବା ହେତୁ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଯେତେବେଳେ ଏହି ବିପର୍ଯ୍ୟୟ ଘଟିଲା ସେତେବେଳେ ଘର ଭିତରେ ଜଣେ ବୃଦ୍ଧ, ମାମୁ ଓ ତାଙ୍କ ଝିଅ ଶୋଇଥିଲେ । ସେହି ତିନି ଜଣଙ୍କ ଜୀବନ ଅଳ୍ପକେ ବଞ୍ଚିଯାଇଛି ସତ, କିନ୍ତୁ ବଜ୍ରପାତ ଜନିତ ନିଆଁରେ ସେମାନଙ୍କର ସର୍ବସ୍ୱ ଜଳିପୋଡ଼ି ପାଉଁଶ ହୋଇଯାଇଛି । ସେହି ଗରିବ ପରିବାରର ମୁଣ୍ଡ ଗୁଞ୍ଜିବାକୁ ଆଉ ଚାଳ ବି ନାହିଁ କି ମୁଠେ ଖାଇବାକୁ ଦାନା ନାହିଁ । ବର୍ତ୍ତମାନ ସେମାନେ ଖୋଲା ଆକାଶ ତଳେ ଅତି ସାଙ୍ଘାତିକ ପରିସ୍ଥିତିରେ ଅଛନ୍ତି । ପୀଡ଼ିତ ବ୍ୟକ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନକୁ ଅନୁରୋଧ ଅସହାୟ ପରିବାରର ସ୍ଥିତିକୁ ଅନୁଧ୍ୟାନ କରନ୍ତୁ ବୋଲି ଦାବି କରିଛନ୍ତି । ବିପର୍ଯ୍ୟୟ ପରିଚାଳନା ଅଧୀନରେ ମିଳୁଥିବା ସରକାରୀ ସହାୟତା, ଜରୁରୀକାଳୀନ ରିଲିଫ୍ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ସେମାନଙ୍କୁ ତୁରନ୍ତ ଏକ ପକ୍କା ଘର ଯୋଗାଇ ଦେବାକୁ ଦାବି ହେଉଛି । ମାନବୀୟ ସହାୟତା ଏହି ନିରାଶ୍ରୟ ପରିବାରକୁ ଏକ ନୂଆ ଜୀବନ ଦେଇପାରିବ ବୋଲି ସାଧାରଣରେ ଆଶା କରାଯାଇଛି।



# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମୀକ୍ଷା

ରମ୍ଭା,୨୭।୬ (ନିପ୍ର): ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବ୍ଲକରେ କାର୍ଯ୍ୟରତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଶିକ୍ଷାବିତ୍ ସତ୍ୟ ନାରାୟଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦାସ ପୋଷାକ ବିତରଣ, ମଧ୍ୟାହ୍ନ ଭୋଜନ, ୟୁଡାଇସ୍ ସ୍ଥିତି, ବାଳିକାମାନଙ୍କୁ ଆଇ. ଟି. ଆଇ. ଭଳି ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇ ମୁଖ୍ୟସ୍ରୋତରେ ସାମିଲ କରିବା, ଉଲ୍ଲାସ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବିଦ୍ୟାଳୟ ସ୍ତରରେ ବ୍ୟାପକ କରି ସାକ୍ଷରତା ହାର ଅଭିବୃଦ୍ଧି କରିବା ଆଦି ପ୍ରସଙ୍ଗ ଉପରେ ବିଶଦ ଆଲୋଚନା ହୋଇଥିଲା । ଆହୁରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦାସ ଯେଉଁ ସବୁ ବିଦ୍ୟାଳୟରେ ଉଚ୍ଚ ପ୍ରାଥମିକ ସହିତ ଉଚ୍ଚ ବିଦ୍ୟାଳୟ ରହିଛି, ସେହିସବୁ ବିଦ୍ୟାଳୟରେ ଅଭାବ ରହିଥିବା ଖାଲି ପଦ ସକାଶେ ଶିକ୍ଷାଦାନ ବ୍ୟାହତ ହେଉଥିବାରୁ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ଶିକ୍ଷାଦାନ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ।

# ରାୟଗଡ଼ା ଡିଆରଏମ୍‌ଙ୍କ ପାରଳା ରେଳ ଷ୍ଟେସନ୍‌କୁ ଗସ୍ତ

ପାରଳାଖେମୁଣ୍ଡି,୨୭।୬ (ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ରେଳ ଷ୍ଟେସନ ପ୍ରଥମ ଥର ଗସ୍ତ କରିଛନ୍ତି ରାୟଗଡ ଡିଆଇଏମ୍ ପାରଳାଖେମୁଣ୍ଡି ରେଳ ଷ୍ଟେସନ ପୂର୍ବରୁ ବିଶାଖାପାଟଣା ଡିଭିଜନ ଅନ୍ତର୍ଗତ ଥିବା ବେଳେ ବର୍ତ୍ତମାନ ରାୟଗଡ ଡିଭିଜନ ଅନ୍ତର୍ଗତ ହୋଇ ଯାଇଛି। ସଡ଼କ ପଥ ଦେଇ ରାୟଗଡ ଡିଆରଏମ ପାରଳାଖେମୁଣ୍ଡି ରେଳ ଷ୍ଟେସନ ପରି ଦର୍ଶନ କରି ସମସ୍ତ କାର୍ଯ୍ୟ ଗୁଡିକର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ଷ୍ଟେସନ୍ ରେ ଥିବା ସମସ୍ତ କକ୍ଷ, ଷ୍ଟେସନ୍ ଆଦି ବୁଲି ଦେଖିଥିଲେ। ଏହି ସମୀକ୍ଷା ବେଳେ ସାଥିରେ ଆସିଥିବା ଅଧିକାରୀମାନଙ୍କ ସହ ଆଲୋଚନା କରି ସମସ୍ତ କାର୍ଯ୍ୟ ଗୁଡିକର ପୁଙ୍ଖାନୁପୁଙ୍ଖ ବିଷୟ ପଚାରି ବୁଝି ଥିଲେ। ଏଥି ସହ ଯେଉଁ କାମ ଗୁଡ଼ିକ ରହିଛି ତାହା ଯଥା ଶୀଘ୍ର ସାରିବାକୁ ଅଧିକାରୀମାନଙ୍କୁ କହିଥିଲେ।

# ନଷ୍ଟ କରାଗଲା ୩,୧୧୬ କେଜି ଗଞ୍ଜେଇ

ପାରଳାଖେମୁଣ୍ଡି,୨୭।୬ (ନିପ୍ର): ଗଜପତି ଜିଲା ରା. ଉଦୟଗିରି ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩,୧୧୬ କିଲୋ ଗଞ୍ଜେଇ ଜବତ କରିଥିଲା । ରା. ଉଦୟଗିରି ଜେଏମଏଫ୍‌ସିଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ତାଲିକା ପ୍ରସ୍ତୁତ କରାଯାଇଥିଲା । ଜବତ ଗଞ୍ଜେଇକୁ ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ଏକ ପ୍ରସ୍ତାବ ଡ୍ରଗ୍ ଡିସ୍ପୋଜାଲ କମିଟିଙ୍କ ନିକଟକୁ ପଠାଯାଇଥିଲା। ସେଠାରୁ ମଞ୍ଜୁରୀ ମିଳିବା ପରେ ଆଜି ଗଞ୍ଜାମ ଜିଲା ଅନ୍ତର୍ଗତ ଶେରଗଡ଼ ଗ୍ରାମ ସ୍ଥିତ ଇଲେକ୍ଟ୍ରି ଚୁଲାରେ ତାହା ପୋଡ଼ି ନଷ୍ଟ କରାଯାଇଛି । ଏହି ସମୟରେ ଡ୍ରଗ୍ ଡିସପୋଜାଲ କମିଟି ଅଧ୍ୟକ୍ଷ, ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ, ଡିଏସ୍‌ପି (ମୁଖ୍ୟାଳୟ), ଡେପୁଟି କଲେକ୍ଟର ଏବଂ ରା. ଉଦୟଗିରି ଥାନା ଆଇଆଇସି ଉପସ୍ଥିତ ରହିଥିଲେ । ସମସ୍ତ ପ୍ରକ୍ରିୟା ଆଇନଗତ ଅନୁସାରେ ସମ୍ପନ୍ନ କରାଯାଇଥିବା ରା. ଉଦୟଗିରି ଏସଡ଼ିପିଓ ରାକେଶ କୁମାର ସାହୁ କହିଛନ୍ତି।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଔଷଧୀୟ ଚାରାରୋପଣ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଗୁଣପୁର,୨୭।୬ (ନିପ୍ର); ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଡ ସତ୍ୟ ପ୍ରକାଶ ପଣ୍ଡାଙ୍କ ୭୫ ତମ ଜନ୍ମଦିନ ପାଳିତ ଅବସରରେ ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଫେକଲ୍ଟି କ୍ଲବର ମିଳିତ ଅନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲାଏହି ଶିବିରରେ ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରକୁ ଉପ କୁଳପତି ଡ ଏ ଭି ଏନ ଏଲ ଶର୍ମା, ପ୍ରୋ ଉପ କୁଳପତି ଡ ବାଳକୃଷ୍ଣ ତ୍ରିପାଠୀ ,ରେଜିଷ୍ଟ୍ରାର ଡ ଏନ୍ ଭି ଜଗନ୍ନାଧା ରାଓ, ପରୀକ୍ଷା ନିୟନ୍ତ୍ରକ ଡ ପି ବିଜୟ କୁମାର, ସ୍କୁଲ ଅଫ ନର୍ସିଂର ଅଧକ୍ଷାକେ ଜୟଶ୍ରୀ, ସ୍କୁଲ ଅଫ ଫାର୍ମାସୀର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଶିବିରର ଶୁଭ ଉଦଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଏହି ଭଳି ମହତ କାର୍ଯ୍ୟ ରେ ନିଜକୁ ସାମିଲ କରୁଥିବା ନିଜକୁ ଗର୍ବ ଅନୁଭବ କରିଥିଲେ। ଏହି ଶିବିରକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ- ୧ ବାଣୀ ପ୍ରସାଦ ନାୟକ,ଡ଼ଃ ପ୍ରେମାନଶୁ ଶେଖର ରଥ ,ପ୍ରମୋଦ ରଞ୍ଜନ ପଣ୍ଡା ,ଗୋପାଳ କୃଷ୍ଣ ମହନ୍ତ, କ୍ରୀଡ଼ା ଅଧିକାରୀ ରବିନ୍ଦ୍ର କୁମାର ପଣ୍ଡା, ଡାକ୍ତର ଏସ ଏସ ପାଢ଼ୀ, କୃଷ୍ଣ ପ୍ରସାଦ ଦାସ,ଜସିଲ ପଟ୍ଟନାୟକ ପ୍ରମୁଖ ଶିବରକୁ ପରିଚାଳନା କରିଥିଲେ । ଗୁଣୁପୁର ରକ୍ତ ଭଣ୍ଡାରରର ଡାକ୍ତର ପ୍ରତ୍ୟୁଷ ବିଶ୍ୱାଳ, ଟେକ୍ନିସୀୟାନ ରାକେଶ କୁମାର ପଣ୍ଡା, ସୁରୁଚି ରାଣୀ ପାତ୍ର, ରୋଜୀ ନାୟକ ପ୍ରମୁଖ ଉପସ୍ଥିତ ରହି ୭୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଏହା ସହ ବିଶ୍ୱବିଦ୍ୟାଳୟ ପରିସରରେ ୭୫ ଗୋଟି ଔଷଧୀୟ ଚାରା ରୋପଣ କରାଯାଇଥିଲା।

# ଶୋଇଥିବା ଅବସ୍ଥାରେ ପେଟ୍ରୋଲ ଢାଳି ପୋଡ଼ିବାକୁ ଉଦ୍ୟମ ଗୁରୁତର ଯୁବତୀ, ପୋଲିସର ତଦନ୍ତ ଆରମ୍ଭ

ରାଉରକେଲା ୨୭/୬ (ନିପ୍ର): ବିଶ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁରରେ ଜଣେ ଯୁବତୀ ଶୋଇଥିବା ସମୟରେ ଝରକା ବାଟେ ତାଙ୍କ କୋଠରୀରେ ପେଟ୍ରୋଲ ଢାଳି ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ଗୁରୁତର ଆହତ ଅବସ୍ଥାରେ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ, ଆକ୍ରମଣକାରୀମାନେ ଝରକା ବାଟେ ପେଟ୍ରୋଲ ଢାଳି ନିଆଁ ଲଗାଇବା ପୂର୍ବରୁ ପାଇପ୍ ବ୍ୟବହାର କରିଥିବା ଜଣାପଡ଼ିଛି, ଯାହା ଫଳରେ ପୀଡିତା ଗୁରୁତର ପୋଡ଼ି ଯାଇଛନ୍ତି। ପରିବାର ସଦସ୍ୟ ଏବଂ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିବାକୁ ଦୌଡ଼ି ଆସିଥିଲେ ଏବଂ ତାଙ୍କୁ ତୁରନ୍ତ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ଅବସ୍ଥା ସଂକଟାପନ୍ନ ବୋଲି କୁହାଯାଉଛି। ହତ୍ୟା ଉଦ୍ୟମ ପଛର ଉଦ୍ଦେଶ୍ୟ ଅସ୍ପଷ୍ଟ ରହିଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି ଏବଂ ଅପରାଧୀମାନଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି । ପୋଡି ମାରିବା ଉଦ୍ୟମର ନିର୍ଣ୍ଣୟ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ଦିଗକୁ ଯାଞ୍ଚ କରାଯାଉଛି। ସମ୍ପୂର୍ଣ୍ଣ ବିବରଣୀ ମିଳି ପାରିନାହିଁ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି।

# ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଆଦିବାସୀବହୁଳ ଅଞ୍ଚଳରେ ବିକାଶ ଅପହଞ୍ଚ

- ଗ୍ରାମବାସୀଙ୍କୁ ମିଳୁନି ମୌଳିକ ସୁବିଧା ସୁଯୋଗ
- ୫ କେଜି ଚାଉଳ ପାଇଁ ଦେଢ଼ ଶହ ଟଙ୍କା ଗାଡ଼ି ଭଡ଼ା
- ୨୨କିମି ଦୂରରେ ପଞ୍ଚାୟତ କାର୍ଯ୍ୟାଳୟ, ବହୁ ଅସୁବିଧାରେ ଯାତାୟାତ

ରେଢ଼ାଖୋଲ,୨୭।୬ (ନିପ୍ର): ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀ ପରିବାରମାନଙ୍କୁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉ ଥିବା କହୁଛନ୍ତି। ହେଲେ ଦେଶ ସ୍ୱାଧୀନ ହେବାର ୭ ଦଶନ୍ଧି ପରେ ମଧ୍ୟ ଏମିତି ଅନେକ ଗ୍ରାମ ଅଛି ଆଜିବି ସେମାନେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଅନେକ ଗାଁ। ଏପର୍ଯ୍ୟନ୍ତ ଲୋକେ ବିକାଶ କଣ ଦେଖିପାରି ନାହାନ୍ତି । ଆଦିବାସୀଙ୍କ ବିକାଶ କଥା ସରକାର କହୁଥିବା ବୋଲେ ଏ ଦିଗରେ କୋଟି କୋଟି ଟଙ୍କା ବିନିଯୋଗର ରୂପ କିଭଳି ତାହା ଅଧିକାରୀମାନେ ଦେଖିଲେ ଜାଣିପାରିବେ ବୋଲି ସାଧାରଣରେ କୁହାଯାଉଛି।

ନାକଟିଦେଉଳ ବ୍ଲକ ପାଣିମରା ପଞ୍ଚାୟତ ଗରିଆଖମଣ ଗାଁର ଲୋକେ । ରାସ୍ତା, ପାଣି ଓ ବିଦ୍ୟୁତ୍ ସମସ୍ୟା ପାଇଁ ହନ୍ତସନ୍ତ ହେଉଛନ୍ତି ଗରିଆଖମଣ, ଡିମିରିକୁଦା, ନିଆଗାଁ ଓ ଢ଼ିପା ସାହିରେ ବସବାସ କରୁଥିବା ଲୋକେ । ଅଂକାଂକ୍ଷା ବ୍ଲକ ହେବା ସତ୍ତ୍ୱେ ହେଉନି ବିକାଶ, ଗ୍ରାମରୁ ୨୨କିମି ଦୂରରେ ପଞ୍ଚାୟତ କାର୍ଯ୍ୟାଳୟ ବହୁ କଷ୍ଟରେ ଯିବାକୁ ପଡ଼େ। ଆଜି ପର୍ଯ୍ୟନ୍ତ ବିକାଶ କଣ ଦେଖିପାରି ନାହାନ୍ତି ପାଣିମରା ପଞ୍ଚାୟତ ଗରିଆଖମଣ



ଆଦି ୪ ଖଣ୍ଡ ଗାଁର ଲୋକେ । ରାସ୍ତା, ପାଣି ଓ ବିଦ୍ୟୁତ୍ ସମସ୍ୟା ପାଇଁ ହନ୍ତସନ୍ତ ହେଉଛନ୍ତି ଲୋକେ । ପ୍ରାଶାସନିକ ଉଦାସୀନତା ଭିତରେ ହାହାକାର ରହିଛି ଆଞ୍ଚଳିକ ସ୍ଥିତି । ସମସ୍ୟା ଭିତରେ ଗାଁକୁ ବିତିଗଲାଣି ୭୦ରୁ ଅଧିକ ବର୍ଷ । ବିକାଶ କଣ ଦେଖିନି, ସୁବିଧା କଣ ଜାଣିନି । ଗ୍ରାମାଞ୍ଚଳ ବିକାଶ ନିମନ୍ତେ ରାଜ୍ୟ ସରକାର ମାଳ ମାଳ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସରକାରୀ ବାବୁଙ୍କ ଉଦାସୀନତା ଯୋଗୁଁ ଦୁଃଖ ଦୁର୍ଦ୍ଦଶାରେ ହନ୍ତସନ୍ତ ହେଉଛନ୍ତି ପାଣିମରା ପଞ୍ଚାୟତ ଗରିଆଖମଣ ଆଦି ୪ ଖଣ୍ଡ ଗାଁ ଲୋକେ । ସରକାରୀ ବ୍ୟବସ୍ଥା ଯେମିତି ଅଚଳ ହୋଇପଡିଛି ଏମାନଙ୍କ ପାଇଁ । ଗୁହାରି କଲେ ବି ନିରୀହ ଆଦିବାସୀଙ୍କ କଥା କିଏ ଶୁଣେ । ପଛୁଆ ବର୍ଗର ମାନ୍ୟତା ପାଇବା ଷ୍ଟାମ୍ପ ଲାଗିଛି ଘୋଷଣା ହୋଇଛି ଆକାଂକ୍ଷା ବ୍ଲକ । ସରକାର ୨ ବର୍ଷ ପୂର୍ତ୍ତି ପାଳନ କରି ଡିଣ୍ଡିମ ପିଟୁଛନ୍ତି। ସରକାର ବାର୍ଦ୍ଧକ୍ୟ ଭତ୍ତା ଦେବା ସହିତ ଦେଉଛନ୍ତି ମାଗଣା ଚାଉଳ । ମାଗଣା ଚାଉଳ ଆଣିବାକୁ ହେଲେ ଗାଡିଭଡା ଲାଗେ ୧୫୦ଟଙ୍କା । ଗାଁକୁ ଆମ୍ବୁଲାନ୍ସ ଆସିବା ପାଇଁ ରାସ୍ତା ନଥିବାରୁ ଦେହ ଖରାପ ହେଲେ ଖଟିଆରେ ବୁହା ହେଉଛନ୍ତି ଲୋକେ । ଅନେକ ପ୍ରସୂତି ମା ଦେଖି ନାହାନ୍ତି ଚିକିତ୍ସାଳୟ । ପଞ୍ଚାୟତ ଅଫିସ୍ ଯିବାକୁ ହେଲେ ୨୨ କିମି ଚାଲିବାକୁ ପଡ଼େ ଗାଁ ଲୋକଙ୍କୁ । ଗ୍ରାମରେ ସର୍ବାଧିକ ଗରିବ ଶ୍ରେଣୀର ଆଦିବାସୀ ପରିବାର ସମେତ ଅନ୍ୟ ବର୍ଗର ଲୋକେ ବସବାସ କରନ୍ତି । ଗୋଟିଏ ସାହିରେ ୨୬ ଆଦିବାସୀ ପରିବାର ବସବାସ କରୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାଣି କିମ୍ବା ବିଦ୍ୟୁତ୍ ସଂଯୋଗ ମୂଳରୁ ହୋଇ ପାରିନାହିଁ । ଯାହାଦ୍ୱାରା ଅନ୍ଧାରରେ ଦିନ କାଟୁଛନ୍ତି ଏମାନେ । ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ପରେ ବି କୌଣସି ପଦକ୍ଷେପ ଗ୍ରହଣ କରା ଯାଉ ନାହିଁ ବୋଲି ଗ୍ରାମର ମାଲବାଲି ଟୋପ, ସୁଦ୍ଧା ହଂସ, ସରୋଜିନୀ ସମର୍ଥା,ମଇଲାଇନ ବୁଢ଼ ଆଦି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅଞ୍ଚଳର ଲୋକଙ୍କ ସମସ୍ୟା ଉପରେ ପ୍ରଶାସନକୁ ଅବଗତ କରାଯାଇଛି। ଗାଁ ମାନଙ୍କର ଯାହାବି ବିକାଶ ମୂଳକ କାମ ପାଇଁ ସରକାରୀ ଅର୍ଥ ଆସି ଥାଏ ତାର ସଠିକ୍ ବିନିଯୋଗ କରା ଯାଏ ବୋଲି ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ ପ୍ରକାଶ କରିଛନ୍ତି।

# ବିଜୁ ଏକ୍ସପ୍ରେସୱେରୁ ବିପୁଳ ଗଞ୍ଜେଇ ଜବତ

ରାଉରକେଲା ୨୭/୬, ପୋଲିସର ଅନୁସରଣ ଫଳରେ ଆଜି ରାଉରକେଲାରୁ ସମ୍ବଲପୁର ଯାଇଥିବା, ବିଜୁ ଏକ୍ସପ୍ରେସୱେରେ ଝାରସୁଗୁଡ଼ା – ସମ୍ବଲପୁର ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଏକ ଗାଡିକୁ ପିଛା କରିବା ପରେ ପୋଲିସ ଦ୍ୱାରା ଗଞ୍ଜେଇ ଚାଲାଣ ହେଉଥିବା ଏକ ପ୍ରମୁଖ ରାକେଟକୁ ଜବତ କରାଯାଇଛି। ଏକ କାରରେ ଚୋରା ସାମଗ୍ରୀ ପରିବହନ କରାଯାଉଥିଲା ବେଳେ ପୋଲିସ ଏକ ଫିଲ୍ମ ଷ୍ଟାଇଲ୍ ଅପରେସନରେ ଗାଡିଟିକୁ ଅଟକାଇଥିଲା। ପୋଲିସ ସୂତ୍ର ଅନୁଯାୟୀ, ଅଧିକାରୀମାନେ ସମ୍ବଲପୁରରୁ ଝାରସୁଗୁଡ଼ା ଅଭିମୁଖେ ଆସୁଥିବା ଏକ କାର ଉପରେ ସନ୍ଦେହ କରି ଯାଞ୍ଚ ପାଇଁ ଏହାକୁ ଅଟକାଇବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ, ପୋଲିସକୁ ଦେଖି ଡ୍ରାଇଭର ଦ୍ରୁତ ଗତିରେ ଖସି ପଳାଇବାକୁ ଚେଷ୍ଟା କରିଥିଲା। ଫଳରେଛବିଜୁ ଏକ୍ସପ୍ରେସୱେରେ ଦ୍ରୁତ ଗତିରେ ଯାଉଥିବା ଏହି ଗାଡିକୁ ପୋଲିସ୍ ପିଛା ଆରମ୍ଭ କରିଥିଲା। ଗୋଡା ଗୋଡି ପରେ, ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ରାସ୍ତାର ଡିଭାଇଡରକୁ ଧକ୍କା ଦେଇଥିଲା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ କାର ମଧ୍ୟରେ ଖୋଜାଖୋଜି କରି ବହୁ ଗଞ୍ଜେଇ ପ୍ୟାକେଟ ଏବଂ ବସ୍ତାରେ ପ୍ୟାକ୍ ହୋଇଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଦୁଇଜଣ ଅଭିଯୁକ୍ତ ବୌଦ୍ଧରୁ ଝାରସୁଗୁଡାକୁ ଚୋରା ଗଞ୍ଜେଇ ଚାଲାଣ କରୁଥିଲେ। ସେଠାରୁ ଏହାକୁ ପଡ଼ୋଶୀ ଛତିଶଗଡ଼ର ରାୟଗଡ଼କୁ ଚୋରା ଚାଲାଣ କରାଯିବାକୁ ଯୋଜନା କରାଯାଇଥିଲା। ପୋଲିସ ପଳାତକ ଅଭିଯୁକ୍ତଙ୍କୁ ଖୋଜାଖୋଜି ଆରମ୍ଭ କରିଛି ଏବଂ ଚାଲାଣ ପଛରେ ଥିବା ବୃହତ୍ତର ନିଶା ଚାଲାଣ ନେଟୱାର୍କର ତଦନ୍ତ କରୁଛି। ଜବତ ଗଞ୍ଜେଇକୁ ହେପାଜତକୁ ନିଆଯାଇଛି ଏବଂ ଅଧିକ ତଦନ୍ତ ଚାଲିଛି।



# କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିବସ ଅବସରରେ ଫଳ ବଣ୍ଟନ

ରେଢ଼ାଖୋଲ,୨୭।୬ (ନିପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ ତମ ଜନ୍ମଦିବସ ପାଳନ ଅବସରରେ ରେଢ଼ାଖୋଲ ବିଜେପି ମଣ୍ଡଳ ପକ୍ଷରୁ ସଭାପତି ସୁଷମା ମୁଣ୍ଡାଙ୍କ ନେତୃତ୍ୱରେ ସହରର କୁରୁମ୍ପଟିକିରା ଅଙ୍ଗନବାଡି କେନ୍ଦ୍ରଠାରେ ପିଲାଙ୍କୁ ଫଳ ବଣ୍ଟନ କରାଯାଇଥିଲା । ରାମ ମନ୍ଦିର ଠାରେ ତାଙ୍କ ସୁସ୍ଥ ନିରାମୟ ଜୀବନ କାମନା କରି ପୂଜାର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ , ଉପାଧ୍ୟକ୍ଷା ଅନୁସୟା ପ୍ରଧାନ , ସମିତି ସଭ୍ୟ ସଞ୍ଜୟ ବେହେରା , ନଗର ସାଧାରଣ ସମ୍ପାଦକ ଅନିଲ ପୃଷ୍ଟି , ମହିଳା ମୋର୍ଚ୍ଚା ସଭାନେତ୍ରୀ ବୀଣା ପାଣିଗ୍ରାହୀ , ଯମୁନା ମହାକୁଡ , ସିମା ବେହେରା , ଯୁବମୋର୍ଚ୍ଚା ସଭାପତି ବବଲୁ ମହାପାତ୍ର , ଯୋଗଜନ୍ମା ଶର୍ମା , କନ୍ଦର୍ପ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତ୍ୱରିତ୍ ହସ୍ତକ୍ଷେପରେ ସୋନପୁର ନାବାଳକଙ୍କୁ ମିଳିଲା ନୂଆ ଜୀବନ

## ସଫଳ ହୃଦ୍‌ରୋଗ ଅସ୍ତ୍ରୋପଚାର ପରେ ସୁସ୍ଥ ହୋଇ ଫେରିଲେ

ସୋନପୁର,୨୭।୬(ନିପ୍ର); ରାଜ୍ୟ ସରକାରଙ୍କ ଜନମୁଖୀ ସ୍ୱାସ୍ଥ୍ୟସେବା ଏବଂ ଗରିବ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବା ପ୍ରତି ଥିବା ଅଙ୍ଗୀକାରର ଆଉ ଏକ ଉଦାହରଣ ସୃଷ୍ଟି ହୋଇଛି ସୁବର୍ଣ୍ଣପୁର ଜିଲ୍ଲାରେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗଙ୍କ ତ୍ୱରିତ ହସ୍ତକ୍ଷେପ ଓ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲ୍ଲାର ଜଣେ ନାବାଳକ ସମୟୋପଯୋଗୀ ଚିକିତ୍ସା ସହାୟତା ପାଇ ନୂଆ ଜୀବନ ପାଇଛି । ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ଅନ୍ତର୍ଗତ ମଝିପଡ଼ାର ବାସିନ୍ଦା ସୌମ୍ୟରଞ୍ଜନ ସାହୁଙ୍କ ପୁଅ ସ୍ୱପ୍ନେଶ୍ୱର ସାହୁ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ଚିକିତ୍ସକମାନଙ୍କ ପରାମର୍ଶ ଅନୁଯାୟୀ ତାଙ୍କର ଶୀଘ୍ର ହୃଦ୍‌ଅସ୍ତ୍ରୋପଚାର ଆବଶ୍ୟକ ଥିଲା। ଏଥିପାଇଁ ତାଙ୍କୁ ବେଙ୍ଗାଲୁରୁ ସ୍ଥିତ ଏକ ବେସରକାରୀ ସୁପର ସ୍ପେଶାଲିଟି ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ସମ୍ଭବ ହୋଇନଥିଲା। ଏହି ପରିସ୍ଥିତିରେ ପରିବାର ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ । ବିଷୟଟି ଜାଣିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ସୁବର୍ଣ୍ଣପୁର ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) ଏବଂ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଟିମ୍‌କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆରବିଏସ୍‌କେ ଯୋଜନା ମାଧ୍ୟମରେ ତୁରନ୍ତ ପ୍ରାୟ ୯୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏହା ସହିତ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକ ପ୍ରଶାସନିକ ସହଯୋଗ ମଧ୍ୟ ସୁନିଶ୍ଚିତ କରାଯାଇଥିଲା। ଫଳରେ ବେଙ୍ଗାଲୁରୁରେ ସ୍ୱପ୍ନେଶ୍ୱରଙ୍କ ସଫଳ ହୃଦ୍‌ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନିଜ ଗାଁକୁ ଫେରିଛନ୍ତି। ସ୍ୱପ୍ନେଶ୍ୱରଙ୍କ ସୁସ୍ଥତା ପରେ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ସରକାରଙ୍କ ତ୍ୱରିତ ପଦକ୍ଷେପ ସେମାନଙ୍କ ପୁଅକୁ ଏକ ନୂତନ ଜୀବନ ପ୍ରଦାନ କରିଛି ବୋଲି ସେମାନେ ମତପ୍ରକାଶ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ତରଫରୁ ବରିଷ୍ଠ ଓକିଲ ବଳଦେବ ପ୍ରସାଦ ବେଦବାକ ଧନ୍ୟବାଦ ଜଣେଇଛନ୍ତି।




# ଠାକୁରାଣୀ ମନ୍ଦିର ଉଦ୍‌ଘାଟନ କଲେ ବିଧାୟକ

ପାରଳାଖେମୁଣ୍ଡି,୨୭।୬ (ନିପ୍ର): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକର ରଣଦେବୀ ଗ୍ରାମ ନିକଟରେ ମା' ଠାକୁରାଣୀଙ୍କ ମନ୍ଦିର ର ଉଦଘାଟନ କରିଛନ୍ତି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ । ବିଧାୟକ ଙ୍କୁ ସ୍ୱାଗତ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହା ପରେ ବିଧାୟକ ମନ୍ଦିର ପ୍ରାଙ୍ଗଣରେ ଠାକୁରାଣୀ ଙ୍କ ପୂଜାରେ ସାମିଲ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ମନ୍ଦିର କାର୍ଯ୍ୟ ଦୀର୍ଘ ଦିନ ହେବ କାର୍ଯ୍ୟ ଚାଲିଥିଲା, ଏହି ମନ୍ଦିର ଚଳିତ ମାସରେ ସମ୍ପୂର୍ଣ୍ଣ ହୋଇଥିଲା ଓ ଆଜି ପ୍ରତିଷ୍ଠା ହୋଇଥିଲା । ଏହି ଠାକୁରାଣୀଙ୍କ ପୂଜା ଓ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ବିଧାୟକ ସମେତ ଆରଏମସି ସଭାପତି ଗଜପତି ରାଓ ସହ ହଜାର ହଜାର ସ୍ଥାନୀୟ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ।

# ବିକାଶ ଠାରୁ ଦୂରରେ ଭାପୁର ସଦର ମହକୁମା

ଭାପୁର,୨୭।୬ (ନିପ୍ର); ନୟାଗଡ଼ ଜିଲ୍ଲାର ଶେଷ ସୀମାରେ ଭାପୁର ବ୍ଲକ ଅବସ୍ଥିତ। ସରକାର ଯାଉଛନ୍ତି ଆସୁଛନ୍ତି କିନ୍ତୁ ଏହି ବ୍ଲକ ଆର୍ଥିକ,ସାମାଜିକ,ଶିକ୍ଷା,ଆଲୋକ,ଯାତାୟାତ ତଥା ସମସ୍ତ କ୍ଷେତ୍ରରେ ଅବହେଳିତ।ଭାପୁର ବ୍ଲକ ୧୯୬୨ ମସିହାରୁ ଗଠିତ ହୋଇଥିଲେ ମଧ୍ୟ ବିକାଶର ରାଜ୍ୟ ମାନଚିତ୍ରରେ ଆଜି ମଧ୍ୟ ଅବହେଳିତ। ଭାପୁର ବ୍ଲକ ସଦର ମହକୁମାକୁ ରାତି ପାହିଲେ ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟ ପାଇଁ ଶହଶହ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଆସିଥାନ୍ତି କିନ୍ତୁ, ସେମାନେ ନିହାତି ଅପରିହାର୍ଯ୍ୟ ଓ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। (୧) ଆଉଟପୋଷ୍ଟରୁ ଥାନାର ମାନ୍ୟତା ଦାବି – ଭାପୁରବାସୀଙ୍କ ପ୍ରମୁଖ ଦାବି ମଧ୍ୟରୁ ମୁଖ୍ୟ ଦାବି ହେଉଛି ଭାପୁର ଆଉଟପୋଷ୍ଟକୁ ଥାନାରେ ପରିଣତ କରାଯାଉ। ଇଂରେଜ ଅମଳରୁ ଫତେଗଡ଼ ଗ୍ରାମରେ ଥାନା ରହିଅଛି କିନ୍ତୁ,ଭାପୁର ଏକ ବ୍ଲକ ସଦର ମହକୁମା ହୋଇଥିବାରୁ ସବୁବେଳେ ଜନଗହଳିପୂର୍ଣ୍ଣ ରହିଥିବାରୁ ବିଭିନ୍ନ ଅସାମାଜିକ କାର୍ଯ୍ୟ ଓ ବିଭିନ୍ନ ଗଣ୍ଡଗୋଳ ଦୈନନ୍ଦିନ ଦେଖାଯାଇଥାଏ ଫଳରେ,ଆଉଟପୋଷ୍ଟରେ କମ କର୍ମଚାରୀ ରହିଥିବାରୁ ଅପ୍ରୀତିକର ପରିସ୍ଥିତି ଦେଖାଯାଇଥାଏ। (୨) ଡାକ୍ତର ଓ କର୍ମଚାରୀ ଙ୍କ ଅଭାବ – ଭାପୁର ଗୋଷ୍ଠୀ



ସ୍ୱାସ୍ଥ୍ୟକେନ୍ଦ୍ର ୧୯୯୨ ମସିହାରେ ପିଏଚସିରୁ ସିଏଚସି ହୋଇଥିଲା ଯାହାକି ନୟାଗଡ଼ ଜିଲ୍ଲାରେ ପ୍ରଥମ। ଏହା ଉପରେ ବ୍ଲକର ୨୦ ଗୋଟି ପଂଚାୟତବାସୀ ନିର୍ଭର କରିଥାନ୍ତି କିନ୍ତୁ,ବର୍ତ୍ତମାନ ୨୨ ଜଣ ଡାକ୍ତରଙ୍କ ବଦଳରେ ୭ଜଣ ଡାକ୍ତର କାର୍ଯ୍ୟରତ ରହିଥିବାରୁ ସ୍ୱାସ୍ଥ୍ୟସେବା କିଭଳି ଭାବରେ ପରିଚାଳିତ ହେଉଛି ଅନୁମେୟ କରିହେଉଥିବ। (୩)ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ – ଭାପୁର ସଦର ମହକୁମାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ସ୍ଥିତି ବିଗିଡି ଯାଉଛି । ରାସ୍ତା ଉପରେ ଆବର୍ଜନା ପାଣି ଏକ ଫୁଟ ଉଚରେ ପ୍ରବାହିତ ହୋଇଥାଏ। (୪) ଏନ.ଏ.ସି. ହୋଇ ପାରିଲା ନାହିଁ – ଭାପୁର ଅଂଚଳବାସୀ ତଥା କ୍ରିୟାନୁଷ୍ଠାନ କମିଟି ଓ ବରିଷ୍ଠ ନାଗରିକ ସଙ୍ଘ ର ରାଜ୍ୟ ସରକାରଙ୍କ ନିକଟରେ ଦାବି ସତ୍ତ୍ୱେ ଭାପୁର ଏନ.ଏ.ସି. ହୋଇପାରିଲା ନାହିଁ। ଏନ.ଏ.ସି. ହେବା ପାଇଁ ଭାପୁର ସଦର ମହକୁମା ସମସ୍ତ ନିୟମ ପୂର୍ଣ୍ଣ କରୁଥିଲେ ମଧ୍ୟ ସ୍ଥାନୀୟ ରାଜନେତାଙ୍କ ଆନ୍ତରିକତାର ଅଭାବରୁ ଏନ.ଏ.ସି. ଘୋଷଣା ହୋଇପାରି ନାହିଁ। (୫) ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। (୬) ଭାପୁର ସଦର ମହକୁମାରେ ଅବସ୍ଥିତ ପୋଷ୍ଟ ଅଫିସ ପାଇଁ ନିଜସ୍ୱ ଗୃହ ନ ଥିବାରୁ ଭଡା ଘରେ ଚାଲୁଅଛି।ବିଧାୟକ ନିର୍ବାଚିତ ହୋଇ ଆସିଲା ବେଳେ କହିଥିଲେ ପୋଷ୍ଟ ଅଫିସ ନିଜସ୍ୱ ଗୃହରେ ଚାଲିବ କିନ୍ତୁ ଦୁଇ ବର୍ଷ ରୁ ଅଧିକ ସମୟ ଗଲାଣି ଯାଗା ଚିହ୍ନଟ ହୋଇ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ହୋଇପାରିଲା ନାହିଁ। (୭) ଶବ ବ୍ୟବଚ୍ଛେଦ ଗୃହ ହୋଇପାରିଲା ନାହିଁ – ଅପମୃତ୍ୟୁ ମାମଲା ଆସିଲେ ଶବ ବ୍ୟବଚ୍ଛେଦ ପାଇଁ ୧୨ କିମି ଦୂର ଖଣ୍ଡପଡା ଯିବାକୁ ପଡିଥାଏ । ଫଳରେ,ବିଭିନ୍ନ ସମସ୍ୟା ଉପୁଜି ଥାଏ। ଭାପୁର ଅଂଚଳବାସୀଙ୍କ ଏହି ଦାବିକୁ ଖଣ୍ଡପଡା ବିଧାୟକଙ୍କୁ ବାରମ୍ବାର ଜଣେଇଲେ ମଧ୍ୟ ସେ ଅଣଦେଖା କରି ଆସୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। (୮) ବିଦ୍ୟୁତ ସବଡିଭିଜନ ନାହିଁ – ଭାପୁର ବ୍ଲକରେ ୩୦ ହଜାର ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତା ରହିଥିଲେ ମଧ୍ୟ ବିଦ୍ୟୁତ ସମସ୍ୟା ପାଇଁ ଖଣ୍ଡପଡା କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। (୯)ବସଷ୍ଟାଣ୍ଡ ନାହିଁ – ଭାପୁର ସଦର ମହକୁମାରେ ବସଷ୍ଟାଣ୍ଡ ଟିଏ ନ ଥିବାରୁ ଯାତ୍ରୀ ମାନେ ଏ ଦୋକାନ ମୁହଁକୁ ସେ ଦୋକାନ ମୁହଁକୁ ବୁଲୁଥାନ୍ତି । (୧୦) ବଜାର ନିୟନ୍ତ୍ରିତ ଗୃହ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଲକ୍ଷଲକ୍ଷ ଟଙ୍କା ବ୍ୟୟ ରେ ନିର୍ମିତ ଏହି ଗୃହ ଭୂତକୋଠି ପାଲଟିଛି। (୧୧) ରାଜ୍ୟ ସରକାର ଜବରଦଖଲ ଉଚ୍ଛେଦ ନାଁରେ ଭାପୁର ବଜାରକୁ ଭାଙ୍ଗି ଖଣ୍ଡବିଖଣ୍ଡିତ କରି ଏକ ପ୍ରକାର ଶ୍ମଶାନ ରେ ପରିଣତ କରିଥିବାରୁ ଗରିବ ବ୍ୟବସାୟୀ ମାନେ ନିଜର ଜୀବିକାକୁ ହରେଇଛନ୍ତି। (୧୨) ଆମିଷ ବଜାର ପାଇଁ ଦାବି – ଆମିଷ ବଜାର ନ ଥିବାରୁ ବଜାର ମଧ୍ୟ ଭାଗରେ ଯିଏ ଯେଉଁଠି ଚାହିଁଲା ବ୍ୟବସାୟ କରିଲା ଫଳରେ, ଅନ୍ୟ ଯାତ୍ରୀ ମାନଙ୍କ ସାମନାରେ ଭାପୁର ନିନ୍ଦିତ ହେବାକୁ ପଡୁଛି। ସେହିପରି,ଜଳ ଓ ପରିମଳ ଏବଂ ଆର.ଡି. ବିଭାଗ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ।ନାହିଁ ନାହିଁ ରେ ଚାଲୁଥିବା ଭାପୁର ବ୍ଲକ କେବେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ ତାହା ବୁଦ୍ଧିଜୀବୀ ମାନେ ଅପେକ୍ଷା କରିଛନ୍ତି।

## ଆସାମରେ ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ର ପଣ୍ଡ
## ବିସ୍ଫୋରକ ସହ ୨ ଗିରଫ

ଗୁଆହାଟୀ, ୨୭।୬: ଆସାମର ତିନସୁକିଆ ଜିଲ୍ଲାରେ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ର ପଣ୍ଡ ହୋଇଛି। ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ମିଳିତ ଅଭିଯାନରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଛନ୍ତି। ଗୁପ୍ତ ସୂଚନା ଆଧାରରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ଅଭିଯାନ ସମୟରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଉଲଫା(ଆଇ)ର ଦୁଇ ସକ୍ରିୟ ସଦସ୍ୟଙ୍କୁ ଜାଗୁନ ଅଞ୍ଚଳରୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ସିଓର ଆସମ ଓରଫ ହ୍ୟୁମାନଜ୍ୟୋତି ବରୁଆ(୨୭ ବର୍ଷ) ଏବଂ ମନୋଜ ଆସମ ଓରଫ ପପୁ ମୋରାନ(୩୦ ବର୍ଷ)ଭାବେ ଚିହ୍ନଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ହ୍ୟୁମାନଜ୍ୟୋତି ବରୁଆ ତିନସୁକିଆର ପାଣିଟୋଲାର ବାସିନ୍ଦା। ସେହିପରି ପପୁ ମୋରାନ ବାଗଜାନ ଅଞ୍ଚଳର ବାସିନ୍ଦା। ଉଭୟ ଉଲଫା(ଆଇ) ସଂଗଠନରେ ସକ୍ରିୟ ଥିବା ଅଭିଯୋଗ ହୋଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଦୁଇ ଅଭିଯୁକ୍ତଙ୍କୁ ତିନସୁକିଆ ସହରରେ ଆତଙ୍କ ସୃଷ୍ଟି କରିବା ପାଇଁ ସାଧାରଣ ଲୋକଙ୍କୁ ଟାର୍ଗେଟ କରିବାର ଦାୟିତ୍ୱ ଦିଆଯାଇଥିଲା। ପୁଲିସ ଉଭୟଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ବିପୁଳ ପରିମାଣରଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଆତଙ୍କବାଦୀଙ୍କଠାରୁ ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ଦୁଇଟି ଏକେ-୫୬ ରାଇଫଲ୍, ୧୭୨ଟି ଜୀବନ୍ତ ଗୁଳି, ଦୁଇଟି ହାତ ଗ୍ରେନେଡ୍, ଏକ ମେଡିସିନ୍ କିଟ୍, ସିରିଞ୍ଜ, ଓପିଓଏଡ୍, ଜଙ୍ଗଲରେ ଦୀର୍ଘ ସମୟ ରହିବା ପାଇଁ ସାମଗ୍ରୀ, ବ୍ୟାକପ୍ୟାକ୍ ଏବଂ ଆକ୍ରମଣରେ ବ୍ୟବହୃତ ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ। ସୁରକ୍ଷା ଏଜେନ୍ସିଗୁଡ଼ିକ ଅନୁସାରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ ହେବା ସୂଚାଇ ଦେଉଛି ଯେ, ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତି ଚାଲିଥିଲା।

## ଇସ୍ରାଏଲ-ଲେବାନନ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ

ଜେରୁଜେଲମ, ୨୭।୬: ମଧ୍ୟପ୍ରାଚ୍ୟରୁ ଏକ ପ୍ରମୁଖ, ଐତିହାସିକ ଖବର ସାମ୍ନାକୁ ଆସୁଛି। ଯୁଦ୍ଧର ନିଆଁରେ ଜଳୁଥିବା ଦେଶଗୁଡ଼ିକ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଶେଷରେ ଶାନ୍ତିର ପ୍ରଥମ ଝଲକ ଦେଖାଦେଇଛି। ଆମେରିକାର ମଧ୍ୟସ୍ଥତା ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ଏକ ଐତିହାସିକ ଢାଞ୍ଚା ଚୁକ୍ତିନାମା ହୋଇଛି। ୱାଶିଂଟନରେ ଏହି ତ୍ରିପାକ୍ଷିକ ଚୁକ୍ତିନାମା ଘୋଷଣା କରି, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏହାକୁ ଅଞ୍ଚଳରେ ସ୍ଥାୟୀ ଶାନ୍ତି ଏବଂ ସୁରକ୍ଷା ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ଚୁକ୍ତିନାମା ଦୁଇ ରାଷ୍ଟ୍ର ମଧ୍ୟରେ ଦଶନ୍ଧି ଧରି ଚାଲିଥିବା ଉତ୍ତେଜନାକୁ ଦୂର କରିବା ଏବଂ ସୀମାରେ ଶାନ୍ତି ଫେରାଇ ଆଣିବା ପାଇଁ ଲକ୍ଷ୍ୟ ରଖିଛି। ସେ କହିଛନ୍ତି ଯେ ଲେବାନନର ସାର୍ବଭୌମ ସରକାର ଏବଂ ଇସ୍ରାଏଲ ସରକାରକୁ ସାମିଲ କରି ଆମେରିକାର ସମର୍ଥନ ଦ୍ୱାରା ଏହି ଚୁକ୍ତିନାମା ସମ୍ଭବ ହୋଇପାରିଛି। ରୁବିଓ ସ୍ୱୀକାର କରିଛନ୍ତି ଯେ ଆଗକୁ ରାସ୍ତା କଷ୍ଟକର ଏବଂ ଭୂମିରେ ଚୁକ୍ତିନାମାକୁ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରିବା ପାଇଁ ବହୁତ ସମୟ ଏବଂ କଠିନ ପରିଶ୍ରମ ଆବଶ୍ୟକ ହେବ। ଫକ୍ସ ନ୍ୟୁଜ ସହିତ କଥାବାର୍ତ୍ତା କରି, ବୈଦେଶିକ ମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ଯେ ଏହି ଯାତ୍ରାର ପ୍ରଥମ ପଦକ୍ଷେପ ପ୍ରାୟତଃ ସବୁଠାରୁ କଷ୍ଟକର ଆଜି ନିଆଯାଇଛି। ଇସ୍ରାଏଲୀ ନାଗରିକଙ୍କ ଦୁଃଖଦତା ଉପରେ ଆଲୋକପାତ କରି, ବିଶେଷକରି ଉତ୍ତର ଗାଲିଲିର ଯେଉଁମାନେ ଦୀର୍ଘ ସମୟ ଧରି ଆତଙ୍କବାଦୀ ଆକ୍ରମଣ ସହି ଆସିଛନ୍ତି, ସେ ଉଲ୍ଲେଖ କରିଛନ୍ତି ଯେ ଯେତେବେଳେ ସାଇରନ ବାଜିବ, ପିଲାମାନେ ସେମାନଙ୍କର ପାଠପଢ଼ା ଛାଡିବାକୁ ପଡ଼ିଥାଏ ଏବଂ ଲୋକଙ୍କୁ ବଙ୍କରକୁ ପଳାଇବାକୁ ବାଧ କରାଯାଏ। ବର୍ତ୍ତମାନ, ଏହି ପରିସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ଏକ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଐତିହାସିକ ଅବସରରେ, ଆମେରିକାରେ ଲେବାନନର ରାଷ୍ଟ୍ରଦୂତ ନାଦା ହମାଦେହ ଆଲୋଚନା ଆୟୋଜନ କରିବା ପାଇଁ ଆମେରିକାର ନେତୃତ୍ୱକୁ ଧନ୍ୟବାଦ ଜଣାଇଥିଲେ।

## ମଣିକମ୍ ଟାଗୋର ତାମିଲନାଡୁ କଂଗ୍ରେସ ମୁଖ୍ୟ ନିଯୁକ୍ତ

ନୂଆଦିଲ୍ଲୀ, ୨୭।୬: କଂଗ୍ରେସ ଶନିବାର କେ ସେଲଭାପେରୁନ୍ଥଗାଇଙ୍କୁ ତାମିଲନାଡୁ ପ୍ରଦେଶ କଂଗ୍ରେସ କମିଟି ସଭାପତି (ପିସିସି) ପଦରୁ ହଟେଇ ତାଙ୍କ ସ୍ଥାନରେ ମଣିକମ୍ ଟାଗୋରଙ୍କୁ ରାଜ୍ୟ କଂଗ୍ରେସମୁଖ୍ୟ ଭାବେ ନିଯୁକ୍ତ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଟାଗୋରଙ୍କୁ ତାମିଲନାଡୁ ପିସିସି ନିଯୁକ୍ତ କରିଥିବା ଏଆଇସିସି ମହାସଚିବ କେ ସି ବେଣୁଗୋପାଳ କହିଛନ୍ତି। ଦଳ ବିଦାୟୀ ପିସିସି ସଭାପତିଙ୍କ ଅବଦାନର ମଧ୍ୟ ବେଣୁଗୋପାଳ ପ୍ରଶଂସା କରିଛନ୍ତି। ଟାଗୋର ବର୍ତ୍ତମାନ ତାମିଲନାଡୁର ବିରୁଧୁନଗରରୁ ଲୋକସଭା ସାଂସଦ ଅଛନ୍ତି। ସେ ଆନ୍ଧ୍ର ପ୍ରଦେଶ ଓ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ପାଇଁ ଏଆଇସିସି ପ୍ରଭାରୀ ଅଛନ୍ତି। ଟାଗୋର ଲୋକସଭାରେ କଂଗ୍ରେସର ସଚେତକ ମଧ୍ୟ ଅଛନ୍ତି। ଦଳ ତାଙ୍କ ଉପରେ ଭରସା କରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି। ତାମିଲନାଡୁରେ କଂଗ୍ରେସ ବର୍ତ୍ତମାନ ଟିଭିକେ ସରକାରରେ ସହଯୋଗୀ ଦଳ ଅଛି।

## ଫରିଦାବାଦ ଥାନାରୁ ୩୨ ଲାଇସେନ୍ସପ୍ରାପ୍ତ ଅସ୍ତ୍ର ଚୋରି


ନୂଆଦିଲ୍ଲୀ, ୨୭।୬: ହରିୟାଣାର ଫରିଦାବାଦର ସେକ୍ଟର ୮ ପୋଲିସ ଷ୍ଟେସନର ଅସ୍ତ୍ରାଗାରରେ ରଖାଯାଇଥିବା ୩୨ଟି ଲାଇସେନ୍ସପ୍ରାପ୍ତ ଅସ୍ତ୍ର ଚୋରି ହୋଇଯାଇଛି। ଅସ୍ତ୍ରାଗାର ଦାୟିତ୍ୱରେ ଥିବା ଏଏସ୍ଆଇ ବିଜେନ୍ଦ୍ର ସିଂହଙ୍କ ବିରୋଧରେ ପୁଲିସ ଚୋରି ମାମଲା ରୁଜୁ କରିଛି । ପୁଲିସ କମିସନର୍ ସତେନ୍ଦର କୁମାର ଗୁପ୍ତା ଏଏସ୍ଆଇ ବିଜେନ୍ଦ୍ର ସିଂହଙ୍କୁ ନିଲମ୍ବନ କରିବା ସହିତ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଲାଇସେନ୍ସପ୍ରାପ୍ତ ଅସ୍ତ୍ର ପୁଲିସ ଷ୍ଟେସନରେ ସୁରକ୍ଷା ଦୃଷ୍ଟିରୁ ରଖିଥିଲେ। ଆବଶ୍ୟକ ବେଳେ ସେମାନେ ଏହି ଅସ୍ତ୍ର ନେଇଥାନ୍ତେ। ଚୋରି ହୋଇଯାଇଥିବା ଅସ୍ତ୍ର ମଧ୍ୟ ଅନେକ ବିଦେଶୀ ନିର୍ମିତ ବନ୍ଧୁକ, ଦାମୀ ପିସ୍ତଲ ରହିଛି, ଯାହାର ମୂଲ୍ୟ ୨ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବ। ଏହି ସବୁ ବନ୍ଧୁକ ରାଜସ୍ଥାନ କିମ୍ବା ଦିଲ୍ଲୀ-ଏନସିଆରରେ ବିକ୍ରି କରାଯାଇଥିବା ସନ୍ଦେହ କରାଯାଉଛି। ତେବେ ପୁଲିସ ଚୋରି ସମ୍ପର୍କରେ ଅଧିକାରିକ ବୟାନ ଜାରି କରିନାହିଁ। ଏହି ଘଟଣାକୁ ଗୋପନୀୟ ରଖିବାକୁ ଚାହୁଁଛି। ପୁଲିସ ଷ୍ଟେସନରେ ନିୟମିତ ଯାଞ୍ଚ ବେଳେ ୧୩ଟି ବନ୍ଧୁକ ନଥିବା ଜଣାପଡ଼ିଥିଲା। ତେବେ ସବିଶେଷ ତଦନ୍ତ ବେଳେ ୩୨ଟି ଅସ୍ତ୍ର ଗାଏବ ଥିବା ଜଣାପଡ଼ିବା ପରେ ପୁଲିସର ଭେଳା ବୁଡ଼ି ଥିଲା। ଏହି ଚୋରି ଅସ୍ତ୍ର ଉଦ୍ଧାର କରିବା ଏବେ ପୁଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି।

# ସେଶେଲ୍ସରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ



ଭିକ୍ଟୋରିଆ, ୨୭।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ତିନି ଦିନିଆ ସେଶେଲ୍ସ ଗସ୍ତରେ ଯାଇ ରାଜଧାନୀ ଭିକ୍ଟୋରିଆରେ ପହଞ୍ଚିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସେଶେଲ୍ସ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସହ ଆଲୋଚନା କରିବେ ଓ ଦ୍ୱୀପପୁଞ୍ଜ ଜାତୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ମୋଦି ସେଶେଲ୍ସର ଜାତୀୟ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ରାଷ୍ଟ୍ରପତି ହର୍ମିନିଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଥିଲେ। ସେଶେଲ୍ସ ଆନ୍ତର୍ଜାତିକ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରାଷ୍ଟ୍ରପତି ହର୍ମିନି ଓ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭବ୍ୟ ସ୍ୱାଗତ କରିଥିଲେ। ତାଙ୍କୁ ରାଷ୍ଟ୍ରପତି ହର୍ମିନିଙ୍କ ଉପସ୍ଥିତିରେ ଗାର୍ଡ଼ ଅଫ ଅନର୍ ଦିଆଯାଇଥିଲା। ବିମାନବନ୍ଦରରେ ମୋଦିଙ୍କୁ ସ୍ୱାଗତ କରିବାକୁ କିଛି ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହି ନୃତ୍ୟ ଭାରତୀୟ ସଂସ୍କୃତିର ମହିମା ଓ ଭାରତୀୟ ବଂଶୋଦ୍ଭବ ସମ୍ପ୍ରଦାୟର ନିଜ ମାତୃଭୂମି ସହିତ ଅତୁଟ ବନ୍ଧନକୁ ପ୍ରଦର୍ଶିତ କରିଥିଲା। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ସେଶେଲ୍ସ ଗସ୍ତ ସମ୍ପର୍କରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହାପୂର୍ବରୁ ନୂଆଦିଲ୍ଲୀରେ ମୋଦି କହିଥିଲେ ଯେ, ସେଶେଲ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଡ଼ୋଶୀ ଓ 'ଭିଜନ ମହାସାଗର' ଏକ ପ୍ରମୁଖ ଅଂଶୀଦାର। ମୋଦି କହିଛନ୍ତି, ସେଶେଲ୍ସ ସହିତ ସ୍ଥାୟୀ ବନ୍ଧୁତାକୁ ଆହୁରି ମଜବୁତ କରିବା ପାଇଁ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଆଗ୍ରହୀ ଅଛନ୍ତି।

## ବିଶ୍ୱର ସବୁଠୁ ବୟସ୍କ କଇଁଛ ସହ ଭେଟ



ନୂଆଦିଲ୍ଲୀ, ୨୭।୬: ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶନିବାର ସେସେଲସ୍ ନ୍ୟାସନାଲ ବଟନୀକାଲ ଗାର୍ଡନ ଭ୍ରମଣ କରିଛନ୍ତି। ଏହି ସମୟରେ ସେ ବିଶ୍ୱର ସବୁଠୁ ବୟସ୍କ ତଥା ଦୀର୍ଘ ସମୟ ଧରି ଜୀବିତ କଇଁଛ ପ୍ରଜାତିଙ୍କୁ ଭେଟିଛନ୍ତି। ଅଲଡାବ୍ରା ଜାଏଣ୍ଟ ଟର୍ଟଲ ସେସେଲସ୍ ର ମୂଳ ବାସିନ୍ଦା। ଏହି ପ୍ରଜାତୀ ପୃଥିବୀ ବକ୍ଷରେ ସବୁଠୁ ବଡ଼ ଓ ଦୀର୍ଘ ସମୟ ବଞ୍ଚିଥିବା କଇଁଛ ପ୍ରଜାତୀଙ୍କ ମଧ୍ୟରୁ ଅନ୍ୟତମ।ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଅଲଡାବ୍ରା ଜାଏଣ୍ଟ ଟର୍ଟଲଙ୍କ ଭାରତ-ସେସେଲସ୍ ବନ୍ଧୁତାର ପ୍ରତୀକ ମଧ୍ୟ ଅଟନ୍ତି। ୨୦୧୪ ମସିହାରେ ଏମାନଙ୍କ ମଧ୍ୟରୁ ଦୁଇଟି କଇଁଛ କୋଲକାତାର ଅଲିପୁର ଚିଡିଆଖାନାକୁ ଉପହାରରେ ଦିଆଯାଇଥିଲା। କିଛି ବର୍ଷ ପରେ ସେସେଲସ୍ ହାଇଦ୍ରାବାଦ ଜୁ କୁ ମଧ୍ୟ ଆଉ କିଛି କଇଁଛ ଉପହାରରେ ଦେଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସବୁଠୁ ଅଧିକ ବୟସ୍କ ଜୀବିତ ସ୍ଥଳଚର ଜୀବ 'ଜୋନାଥନ'କୁ ମଧ୍ୟ ଭେଟିଛନ୍ତି। ଜୋନାଥନ ମଧ୍ୟ ଏକ ଅଲଡାବ୍ରା ଜାଏଣ୍ଟ ଟର୍ଟଲ। ଏହାର ବୟସ ପାଖାପାଖି ୧୯୪ ବର୍ଷ ବୋଲି କୁହାଯାଉଛି। ଏହି ବିଶାଳ କଇଁଛ ଜେମସ୍ ଟାଉନସ୍ଥିତ ନ୍ୟାସନାଲ ବଟନୀକାଲ ଗାର୍ଡନରେ ରହୁଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସେସେଲସ୍ ନ୍ୟାସନାଲ ବଟନୀକାଲ ଗାର୍ଡନରେ ରାଷ୍ଟ୍ରପତି ଡ. ପ୍ୟାଟ୍ରିକ ହର୍ମିନୀଙ୍କ ସହିତ ମିଳିତ ବୃକ୍ଷାରୋପଣ ଉତ୍ସବରେ ମଧ୍ୟ ଭାଗ ନେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୁଁ କୋକୋ ଡି ମେର ଗଛ ଲଗାଇଛି, ଯାହା ସେସେଲସ୍ ର ଏକ ବିଶେଷତା। ଦେଶରେ ଏହି ବୃକ୍ଷକୁ ବହୁତ ସମ୍ମାନ କରାଯାଏ ଓ ଏହା ଏଠାକାର କୋର୍ଟ ଅଫ ଆର୍ମସରେ ମଧ୍ୟ ଅଙ୍କିତ ରହିଛି। ଏଠାକାର ଲୋକେ ଏହି ବୃକ୍ଷକୁ ଏହାର ଓଜନଦାର ଫଳ ଓ ମଞ୍ଜି ପାଇଁ ଗୁରୁତ୍ୱ ଦେଇଥାନ୍ତି।

## ବାହାରିନରେ ଆମେରିକା ଆଡ୍ଡା ଉପରକୁ ଇରାନର ଆକ୍ରମଣ

ନୂଆଦିଲ୍ଲୀ, ୨୭।୬: ମଧ୍ୟପ୍ରାଚ୍ୟରେ ପୁଣି ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଛି। ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ସାମରିକ ଉତ୍ତେଜନା ଏବେ ସମ୍ପୂର୍ଣ୍ଣ ଗଲଫ ପାଇଁ ଚିନ୍ତାର କାରଣ ପାଲଟିଛି। ତାଜା ଘଟଣାକ୍ରମରେ ବାହାରିନ ଉପରେ ଇରାନର ଡ୍ରୋନ ଆକ୍ରମଣ ଓ ହର୍ମୁଜ ପ୍ରଣାଳୀରେ ଜାହାଜ ଉପରେ ଆକ୍ରମଣ ପରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ଯୁଦ୍ଧବିରାମ ଭାଙ୍ଗିବା ଅବସ୍ଥାକୁ ପହଞ୍ଚି ଯାଇଛି। ଏଥିରେ ଆମେରିକା ଓ ଇରାନ ପରସ୍ପର ଉପରେ ଯୁଦ୍ଧବିରାମ ଉଲ୍ଲଂଘନର ଅଭିଯୋଗ ଆଣୁଛନ୍ତି। ଏଣୁ ସମଗ୍ର ଅଞ୍ଚଳରେ ପୁଣି ଯୁଦ୍ଧ ଭଳି ପରିସ୍ଥିତି ଉପୁଜିଛି। ବାହାରିନ ବିଦେଶମନ୍ତ୍ରାଳୟ ପୁଷ୍ଟି କରିଛି ଯେ ଶନିବାର ସକାଳେ ଅନେକ ଅଞ୍ଚଳକୁ ଟାର୍ଗେଟ୍ କରି ଇରାନ ଡ୍ରୋନ ଆକ୍ରମଣ କରିଛି। ବାହାରିନରେ ଆମେରିକା ନୌସେନାର ପଞ୍ଚମ ଭେଳା ମୁଖ୍ୟାଳୟ ରହିଛି। ଏଣୁ ଏହି ସ୍ଥାନକୁ ରଣନୈତିକ ରୂପେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଇତିମଧ୍ୟରେ ହର୍ମୁଜ ପ୍ରଣାଳୀରେ ଏକ ତୈଳ ଟ୍ୟାଙ୍କର ଉପରେ ଅଜଣା ପ୍ରୋଜେକ୍ଟାଇଲ ଦ୍ୱାରା ଆକ୍ରମଣ କରାଯାଇଛି। ବ୍ରିଟେନର ଏକ ନୌସେନା ସମୂହ ଏହି ଘଟଣାର ପୁଷ୍ଟି କରିଛି। ଏହାପରଠାରୁ ଅନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ଏଜେନ୍ସୀ ଚିନ୍ତାରେ ପଡି ଯାଇଛନ୍ତି। ତେବେ ଗୁରୁବାର ଏହି ଉତ୍ତେଜନା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ହର୍ମୁଜରେ ଏକ କଣ୍ଟେନର ସିପ୍ ଉପରକୁ ଇରାନ ଡ୍ରୋନ ଆକ୍ରମଣ କରିଥିଲା। ଏହାର ଜବାବରେ ଆମେରିକା ସେନା ଶୁକ୍ରବାର ଇରାନର ଏକ ମିଜାଇଲ ଷ୍ଟୋରେଜ ଓ ରାଡାର ସେଣ୍ଟର ଉପରେ ଆକାଶୀୟ ଆକ୍ରମଣ କରିଥିଲା। ଏହା ପରେ ଇରାନ ଶନିବାର ଦାବି କରିଛି ଯେ ସେ ପାରସ୍ୟ ଉପସାଗରରେ ଆମେରିକୀୟ ଆଡ୍ଡାକୁ ଟାର୍ଗେଟ୍ କରିଛି। ତେବେ ଆମେରିକା ସେଣ୍ଟ୍ରାଲ କମାଣ୍ଡ ଏହି ଘଟଣାର ଅଧିକାରୀକ ପୁଷ୍ଟି କରିନାହିଁ। ଇରାନ ଅଭିଯୋଗ କରିଛି ଯେ ଚଳିତମାସରେ ହୋଇଥିବା ପାରସ୍ପରିକ ବୁଝାମଣା (ଏମଓୟୁ)କୁ ଆମେରିକା ଉଲ୍ଲଂଘନ କରିଛି। ଅନ୍ୟପଟେ ଇରାନ ଲଗାତାର ଯୁଦ୍ଧବିରାମର ସର୍ତ୍ତ ଉଲ୍ଲଂଘନ କରୁଥିବା ଆମେରିକା ଅଭିଯୋଗ କରୁଛି। ଏଣୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାକ୍ଷର କରିଥିବା ୬୦ ଦିନିଆ ଯୁଦ୍ଧବିରାମ ଏବେ ବିପଦରେ ପଡିଥିବା ଦେଖା ଯାଉଛି। ଏହି ବୁଝାମଣା ଅନୁସାରେ ଇରାନକୁ ନ୍ୟୁକ୍ଲିୟର ଆଲୋଚନା ଆଗକୁ ବଢାଇବାର ଥିଲା ଓ ସମୁଦ୍ରରେ ଜାହାଜଙ୍କ ସୁରକ୍ଷିତ ଗମନାଗମନ ସୁନିଶ୍ଚିତ କରିବାର ଥିଲା। ଏହା ବଦଳରେ ଆମେରିକା କିଛି କଟକଣା ଉପରେ ଇରାନକୁ ଆଶ୍ୱସ୍ତ କରିବାକୁ ପ୍ରସ୍ତୁତ ଥିଲା। ହେଲେ ଏବେକା ପରିସ୍ଥିତିରେ ଏମଓୟୁ ଭାଙ୍ଗୁଥିବାର ଦେଖାଯାଉଛି। ଏଥି ମଧ୍ୟରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନସ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଆମେରିକା ଏମଓୟୁକୁ ପାଳନ କରୁଛି ହେଲେ ଯଦି ହିଂସା ଜାରି ରହେ ତେବେ ସାମରିକ କ୍ଷମତାରେ ଏହାର ଜବାବ ଦିଆଯିବ।

## ମାସର ପିଲାକୁ କୋଳରେ ଧରି ଭାଷଣ ଦେଲେ ସ୍ୱିଡେନ ମନ୍ତ୍ରୀ, ଭାଇରାଲ ହେଉଛି ଭିଡିଓ



ନୂଆଦିଲ୍ଲୀ ୨୭।୬; ୟୁରୋପୀୟ ସଂଘ ବୈଠକର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ, ସ୍ୱିଡେନର ଜଳବାୟୁ ମନ୍ତ୍ରୀ ରୋମିନା ପୋର୍ମୋଖତାରି ତାଙ୍କ ଛୋଟ ଛୁଆକୁ କୋଳରେ ଧରି ବୈଠକରେ ଯୋଗ ଦେଉଥିବାର ଦେଖାଯାଉଛି। ଭିଡିଓଟି ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। କାରଣ ଏଥିରେ ସେ ଏକକାଳୀନ ତାଙ୍କର ସରକାରୀ କର୍ତ୍ତବ୍ୟ ପାଳନ ଏବଂ ତାଙ୍କ ପିଲାର ଯତ୍ନ ନେଉଥିବା ଦେଖାଯାଉଛି। ସୋସିଆଲ ମିଡିଆରେ ଅନେକ ଲୋକ ଏହି ଭିଡିଓକୁ ମାତୃତ୍ୱ ଦାୟିତ୍ୱ ସହିତ ବୃତ୍ତିଗତ ଜୀବନକୁ ସନ୍ତୁଳିତ କରିବାର ଉତ୍କୃଷ୍ଟ ଉଦାହରଣ ଭାବରେ ପ୍ରଶଂସା କରିଛନ୍ତି ଏବଂ ଲୋକମାନେ ଏଥିରେ ସେମାନଙ୍କର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଭାଇରାଲ ଭିଡିଓରେ ସ୍ୱିଡେନର ଜଳବାୟୁ ମନ୍ତ୍ରୀ ରୋମିନା ତାଙ୍କ ଛୋଟ ପିଲାକୁ କୋଳରେ ଧରି ବୈଠକରେ ପହଞ୍ଚିଥିବା ନଜର ଆସିଛନ୍ତି। ବୈଠକ ସାରା ପିଲାଟି ତାଙ୍କ କୋଳରେ ରହିଥାଏ। ଗୋଟିଏ ସ୍ଥାନରେ, ପିଲାଟି କାନ୍ଦୁଥିବା ବେଳେ ମନ୍ତ୍ରୀ ବୈଠକର କାର୍ଯ୍ୟଧାରା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇ ପରିସ୍ଥିତିକୁ ବହୁତ ଶାନ୍ତ ଭାବରେ ପରିଚାଳନା କରୁଛନ୍ତି। ଭିଡିଓ ସାରା, ସେ ଏକକାଳୀନ ତାଙ୍କର ଦାୟିତ୍ୱ ଏବଂ ତାଙ୍କ ପିଲା ଉଭୟକୁ ପରିଚାଳନା କରୁଥିବା ଦେଖାଯାଉଛନ୍ତି।ପରେ ଭିଡିଓରେ, ମନ୍ତ୍ରୀ ଗଣମାଧ୍ୟମ ସହିତ କଥା ହେଉଥିବାର ଦେଖାଯାଉଛି। ତାଙ୍କ ପିଲା ତାଙ୍କ କୋଳରେ ଆରାମରେ ରହିଥାଏ। ମନ୍ତ୍ରୀ ହସିକି ସାକ୍ଷାତକାର ଦେଉଥିବା ସମୟରେ ପିଲାଟି ସମ୍ପୂର୍ଣ୍ଣ ଶାନ୍ତ ଦେଖାଯାଉଛି। ଏହି ଦୃଶ୍ୟକୁ ସୋସିଆଲ ମିଡିଆରେ ଲୋକମାନେ ବହୁଳ ଭାବରେ ପ୍ରଶଂସା କରୁଛନ୍ତି।

## କଙ୍ଗୋରେ ଭୟଙ୍କର ରୂପ ନେଉଛି 'ଇବୋଲା'
## ସଂକ୍ରମିତଙ୍କ ସଂଖ୍ୟା ୧୨୦୦ ଅତିକ୍ରମ କଲା





ନୂଆଦିଲ୍ଲୀ, ୨୭।୬: କିନଶାସା କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ପୁଣି ଥରେ ଘାତକ ଇବୋଲାଭାଇରସ କବଳରେ ପଡ଼ିଥିବା ବେଳେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇ ୧,୨୦୦ ଅତିକ୍ରମ କରିସାରିଛି। ସରକାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧,୨୦୩ ଜଣ ଏହି ଜୀବାଣୁରେ ଆକ୍ରାନ୍ତ ହୋଇଥିବା ନିଶ୍ଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୨୧ ଜଣଙ୍କର ମୃତ୍ୟୁ ଘଟିଛି। ଜନସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ, ୪୧୯ ଜଣ ରୋଗୀ ବିଭିନ୍ନ ପ୍ରତିଷ୍ଠିତ ହସ୍ପିଟାଲର ଆଇସୋଲେସନରେ ଜୀବନ ପାଇଁ ଲଢୁଛନ୍ତି ଏବଂ ୧୪୮ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହା ବ୍ୟତୀତ ଆଉ ୨୬୫ ଜଣ ସନ୍ଦିଗ୍ଧ ମାମଲା ଚିହ୍ନଟ କରାଯାଇଛି, ଯେଉଁଥିରୁ ୭୭ ଜଣଙ୍କର ମୃତ୍ୟୁ ହୋଇସାରିଥିବାରୁ ପ୍ରକୃତ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ ଇଟୁରି ଅଞ୍ଚଳରେ ଥିବା ଚିକିତ୍ସା କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭରିଯାଇଥିବା ବେଳେ ଔଷଧ ଏବଂ ସଂକ୍ରମଣ ପ୍ରତିରୋଧ ସାମଗ୍ରୀର ଘୋର ଅଭାବ ଦେଖାଦେଇଛି। ଏହି ସ୍ଥିତିରେ ଜରୁରୀକାଳୀନ ଭାବେ ପ୍ରାୟ ୨୦ଟି ନୂତନ ଆଇସୋଲେସନ କେନ୍ଦ୍ରର ଆବଶ୍ୟକତା ରହିଛି। ଗତ ମେ' ୧୫ ତାରିଖରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିବା ଏହି ''ବୁଣ୍ଡିବୁଗିଓ ଇବୋଲା ଭାଇରସ'' ପ୍ରକୋପ ୫ ସପ୍ତାହ ପରେ ମଧ୍ୟ ଶୀର୍ଷରେ ପହଞ୍ଚି ନାହିଁ ବୋଲି ଆଫ୍ରିକା ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ୍ ର ନିର୍ଦ୍ଦେଶକ ଜିନ୍ କାସେୟା ସତର୍କ କରାଇଛନ୍ତି। ଆଫ୍ରିକା 'ସିଡିସି' ଏହି ସଙ୍କଟର ମୁକାବିଲା ପାଇଁ ୧.୪ ବିଲିୟନ ଆମେରିକୀୟ ଡଲାର ସହାୟତା ପାଇଁ ଆବେଦନ କରିଥିଲେ ହେଁ, ବର୍ତ୍ତମାନ ପ୍ରତିକ୍ରିୟା କାର୍ଯ୍ୟ ପାଇଁ କେବଳ ୨୦ ମିଲିୟନ୍ ଡଲାରର ଏକ ବଡ଼ ପାଣ୍ଠି ଅଭାବର ସମ୍ମୁଖୀନ ହେଉଛି।

## ସୋଏବ ଅଖତାରଙ୍କ ଘରେ ଲଶ୍କର-ଏ-ତୋଏବାର ଆତଙ୍କବାଦୀ

ଲାହୋର, ୨୭।୬: କମୁନି ପାକିସ୍ତାନର ଆତଙ୍କୀ ପ୍ରୀତି । ବର୍ତ୍ତମାନ ସମୟରେ ସବୁ ବିଶିଷ୍ଟ ପାକିସ୍ତାନୀଙ୍କ ସମ୍ପର୍କୀୟ ହେଉଛନ୍ତି ଆତଙ୍କବାଦୀ। ଭାରତ ପ୍ରତି ସମବେଦନା ଜଣାଉଥିବା ଏବଂ ଭାରତୀୟ କ୍ରିକେଟରଙ୍କୁ ପ୍ରଶଂସା କରୁଥିବା ପାକ୍ କ୍ରିକେଟର ଘରକୁ ଆତଙ୍କବାଦୀଙ୍କୁ ନିମନ୍ତ୍ରଣ କରିଛନ୍ତି । ପାକ୍ ଦ୍ରୁତ ବୋଲର ସୋଏବ ଅଖତାରଙ୍କ ଘରକୁ ଲଶ୍କରର ଟପ୍ ଆତଙ୍କବାଦୀ ଆସିବାକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି । ଯାହାର ଫଟୋ ଭାଇରାଲ ହେବାରେ ଲାଗିଛି ।ରିପୋର୍ଟ ଅନୁସାରେ, କିଛି ଦିନ ତଳେ ସୋଏବ ଅଖତାରଙ୍କ ଭାଇ ସାହିଦ ଅଖତାର ପ୍ରାଣ ହରାଇଥିଲେ । ତାଙ୍କୁ ଇସଲାମାବାଦର ଏଚ୍-୮ କବରସ୍ଥାନରେ କବର ଦିଆଯାଇଥିଲା । ଏଥିରେ ଅନେକ ବ୍ୟକ୍ତି ସାମିଲ ହୋଇଥିଲେ । ଏପରିକି ପାକିସ୍ତାନୀ ମରକଜୀ ମୁସଲିମ୍ ଲିଗର ଅଧ୍ୟକ୍ଷ ଇନାମ-ଉର-ରେହମାନ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯାହାର ଫଟୋ ଏବଂ ଭିଡିଓ ଭାଇରାଲ ହେଉଛି । ପିଏମଏମଏଲ ନିଜ ସୋସିଆଲ ମିଡିଆରେ ଏହାକୁ ସେୟାର କରିଛି ।ଇନାମଙ୍କ ନାଁ ପୂର୍ବରୁ ଚର୍ଚ୍ଚାରେ ରହିଛି । ସେ ଯେଉଁ ଦଳର ଅଧ୍ୟକ୍ଷ ଅଛନ୍ତି ତାହା ହେଉଛି ଲଶ୍କର ଏ ତୋଏବା ସମର୍ଥିତ ରାଜନୈତିକ ପାର୍ଟି ।

## ଟ୍ରମ୍ପଙ୍କ ତୁଳନାରେ ପୁଟିନଙ୍କୁ ଅଧିକ ଭରସା କରନ୍ତି ଭାରତୀୟ



ନୂଆଦିଲ୍ଲୀ, ୨୭।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନେଇ ଦୁନିଆର ବହୁ ଦେଶର ଲୋକଙ୍କ ଭରସା ପୂର୍ବ ତୁଳନାରେ କମ୍ ହୋଇଯାଇଛି। ଏକଥା ପ୍ୟୁ ରିସର୍ଚ୍ଚ ସେଣ୍ଟରର ନୂଆ ସର୍ଭେରେ ସାମନାକୁ ଆସିଛି। ନୂତନ ସର୍ଭେ ଅନୁଯାୟୀ, ବିଶ୍ୱର ଅନେକ ଦେଶର ଲୋକମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବିଶ୍ୱାସ ହରାଇ ସାରିଛନ୍ତି। ସର୍ଭେ ଅନୁଯାୟୀ, ୩୬ଟି ଦେଶର ୭୬% ଲୋକ କହିଛନ୍ତି ଯେ ସେମାନଙ୍କର ଟ୍ରମ୍ପଙ୍କ ବିଶ୍ୱ ନେତୃତ୍ୱ ଉପରେ ବିଶ୍ୱାସର ଅଭାବ ଅଛି। କେବଳ ୨୩% କହିଛନ୍ତି ଯେ ସେମାନେ ଅନ୍ତର୍ଜାତୀୟ ବ୍ୟାପାରରେ ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ବିଶ୍ୱାସ କରନ୍ତି। ଏହି ସର୍ଭେରେ ଭାରତ ସହ ଜଡିତ ଏକ ଆକର୍ଷଣୀୟ ତଥ୍ୟ ମଧ୍ୟ ପ୍ରକାଶ ପାଇଛି। ବିଶ୍ୱର ଶ୍ରେଷ୍ଠ ନେତାମାନଙ୍କ ମଧ୍ୟରେ, ଭାରତର ଲୋକମାନେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପରେ ସବୁଠାରୁ ଅଧିକ ବିଶ୍ୱାସ ପ୍ରକାଶ କରିଥିଲେ। ୫୧% ଭାରତୀୟ କହିଛନ୍ତି ଯେ ସେମାନେ ପୁଟିନଙ୍କୁ ବିଶ୍ୱାସ କରନ୍ତି। ଏହା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ୩୯%, ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ୩୪%, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଉପରେ ୩୩%, ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲ୍ଡିମିର ଜେଲେନ୍ସକିଙ୍କ ଉପରେ ୨୯% ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଉପରେ ୨୫% ଲୋକ ବିଶ୍ୱାସ କରନ୍ତି। ଏହି ସର୍ଭେ ୨୦୨୬ ଫେବୃଆରୀ ୮ ରୁ ମେ ୧୩ ମଧ୍ୟରେ କରାଯାଇଥିଲା। ୩୬ ଟି ଦେଶର ୪୨,୧୫୧ ଜଣଙ୍କ ମତାମତ ସଂଗ୍ରହ କରାଯାଇଥିଲା। ସର୍ଭେ ଅନୁସାରେ, ଭାରତରେ ଟ୍ରମ୍ପଙ୍କ ଲୋକପ୍ରିୟତା ଗତ ବର୍ଷ ତୁଳନାରେ କମ୍ ହୋଇଛି। ୨୦୨୫ ସର୍ଭେରେ ୫୧% ଭାରତୀୟ ଟ୍ରମ୍ପଙ୍କ ଉପରେ ଭରସା ପ୍ରକାଶ କରିଥିଲେ। କିନ୍ତୁ ଚଳିତ ବର୍ଷ ଏହି ସଂଖ୍ୟା ହ୍ରାସ ପାଇଁ ୩୯% ହୋଇଯାଇଛି। ଏହାର ଅର୍ଥ ହେଉଛି ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଟ୍ରମ୍ପଙ୍କ ଉପରେ ବିଶ୍ୱାସ ୧୨ ପ୍ରତିଶତ ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ, ଭାରତୀୟମାନେ ଟ୍ରମ୍ପଙ୍କ ଅନେକ ନୀତିକୁ ନାପସନ୍ଦ କରିଥିଲେ। ଏଥିରେ ଅନ୍ୟ ଦେଶ ଉପରେ ଲାଗୁ ହୋଇଥିବା ଶୁଳ୍କ, ଇରାନ ଏବଂ ଭେନେଜୁଏଲା ପ୍ରତି ଆମେରିକାର ନୀତି, କଠୋର ପ୍ରବାସ ନିୟମ, ଅନ୍ତର୍ଜାତୀୟ ସହାୟତା ସଂସ୍ଥାଗୁଡ଼ିକୁ ବନ୍ଦ କରିବାର ନିଷ୍ପତ୍ତି ଏବଂ ଗାଜା ଯୁଦ୍ଧ ଏବଂ ରୁଷ-ୟୁକ୍ରେନ ଯୁଦ୍ଧ ଉପରେ ତାଙ୍କର ମତ ଅନ୍ତର୍ଭୁକ୍ତ। ସର୍ଭେରେ ଇସ୍ରାଏଲ ହେଉଛି ଆମେରିକା ଏବଂ ଟ୍ରମ୍ପ ଉଭୟଙ୍କ ପାଇଁ ସର୍ବାଧିକ ସମର୍ଥନ ପାଇଥିବା ଦେଶ। ସେଠାରେ ୮୧% ଲୋକ ଆମେରିକା ପ୍ରତି ସକାରାତ୍ମକ ମତ ରଖିଥିଲେ, ୬୬% କହିଛନ୍ତି ସେମାନେ ଟ୍ରମ୍ପଙ୍କ ଆନ୍ତର୍ଜାତୀୟ ନିଷ୍ପତ୍ତି ଉପରେ ବିଶ୍ୱାସ କରନ୍ତି। ତଥାପି, ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ବିଶ୍ୱର ଅଧିକାଂଶ ଦେଶ ଭଲ ଭାବରେ ଗ୍ରହଣ କରିନଥିଲେ। କେବଳ ୧୮% ଏହି ନୀତିକୁ ସମର୍ଥନ କରିଥିଲେ। ୩୨% ଲୋକ ତାଙ୍କ ପ୍ରବାସ ନୀତିକୁ ଠିକ୍ ବୋଲି କହିଥିଲେ।

# ବଙ୍ଗୀୟ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଟେଲ ମ୍ୟାନେଜର ଗିରଫ

ଭୁବନେଶ୍ୱର,(ନି.ପ୍ର): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଭରତପୁର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ରହୁଥିବା ଜଣେ ବଙ୍ଗୀୟ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଛି। ଜିଏ କଲୋନୀ ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ହୋଟେଲ କର୍ମଚାରୀଙ୍କୁ ପୋଲିସ ଟିମ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ବାଲେଶ୍ୱର ଜିଲ୍ଲା ସୋର ଥାନା ଶିରପୁରର ଜୟନ୍ତ କୁମାର ନାୟକ (୩୮)। ଶୁକ୍ରବାର ଅଭିଯୁକ୍ତ ଜୟନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୀଡିତା ଜଣକ ହେଲେ କଲିକତା ଗିରିଶ ପାର୍କ ଥାନା ଅଞ୍ଚଳର ୩୩ ବର୍ଷୀୟା ମହିଳା। ସେ ଓ ସ୍ୱାମୀ ୪ ମାସ ହେବ ଭୁବନେଶ୍ୱର ଜିଏ କଲୋନୀସ୍ଥିତ ଶତାବ୍ଦୀ ହୋଟେଲରେ ରହୁଥିଲେ। ମହିଳା ଶ୍ୱାସ ଜନିତ ସମସ୍ୟା ଦେଇ ଗତି କରୁଥିବାବେଳେ ତାଙ୍କ ସ୍ୱାମୀ ଏକ ଖଣି କମ୍ପାନୀରେ କାମ କରୁଛନ୍ତି। ଗୁରୁବାର ମହିଳାଙ୍କ ସ୍ୱାମୀ ଭୁବନେଶ୍ୱର ବାହାରକୁ ଯାଇଥିବାବେଳେ ମହିଳା ଜଣକ ଏକାକୀ ରୁମରେ ଥିଲେ। ସ୍ୱାମୀ ଫୋନ୍ କରିଥିଲେ ମଧ୍ୟ ମହିଳା କଲ୍ ରିସିଭ୍ କରିନଥିଲେ। ପରେ ହୋଟେଲ କର୍ମଚାରୀ ଜୟନ୍ତଙ୍କୁ ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ କହିଥିଲେ। ଏହାପରେ ଜୟନ୍ତ ସେହି ରୁମ ପାଖକୁ ଯାଇ କବାଟ ବାଡ଼େଇ ଥିଲା। ମହିଳା ଜଣକ କବାଟ ଖୋଲିବା ପରେ ଜୟନ୍ତ ରୁମ୍ ଭିତରକୁ ଧସେଇ ପଶିଥିଲା। ମହିଳାଙ୍କ ଲୁଗାକୁ ଟଣାଓଟରା କରିବା ସହ ବିବସ୍ତ୍ର କରି ଦେଇଥିଲା। ଏପରିକି ନାନା କଥା କହି ଦୁର୍ବ୍ୟବହାର ମଧ୍ୟ କରିଥିଲା। ମହିଳା ଜଣକ ଏନେଇ ସ୍ୱାମୀଙ୍କୁ ଜଣାଇଥିଲେ। ଏଥିସହ ଭରତପୁର ଥାନାରେ ଲିଖିତ ଏତଲା ଦେବାପରେ ପୋଲିସ ମାମଲା ୫୬୮/୨୦୨୬ ରୁଜୁ କରିଥିଲା। ମହିଳାଙ୍କ ବୟାନ ରେକର୍ଡ ସହ ଡ଼ାକ୍ତରୀ ମାଇନା କରାଯାଇଛି। ଘଟଣା ପଛରେ ପ୍ରକୃତ କାରଣ ଏବଂ ଅନ୍ୟାନ୍ୟ ଦିଗ ଉପରେ ତଦନ୍ତ ଚାଲିଥିବା ଭରତପୁର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି।

# ମହିଳାଙ୍କୁ ଗାଳି ସହ ମରଣାନ୍ତକ ଆକ୍ରମଣ : ଅଭିଯୁକ୍ତ ଗିରଫ

କଟକ,୨୭।୬ : ଜଣେ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଗତପୁର ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଛ ଡିହସାହି ଗ୍ରାମର ସମ୍ୱିତ ଜେନା ଓରଫ ଚିକୁନା(୨୨)। ପୁଲିସ ପ୍ରଦତ୍ତ ସୂଚନାମୁତାବକ ଗତ ୧୧ ତାରିଖ ରାତିରେ ସେହି ଗ୍ରାମର ସୁଲୋଚନା ବେହୁରା ତାଙ୍କ ବଡ ଭାଇଙ୍କ ନାବାଳକ ପୁଅ ସହିତ ରାସ୍ତାରେ ଯାଉଥିଲେ । ନାବାଳକ ଜଣକ ଯାଉଥିବା ସମୟରେ ମନକୁ ମନ ମାମୁନି ଥେଇ ଥେଇ ଗୀତ ଗାଉଥିଲେ । ଏହି ସମୟରେ ଅଭିଯୁକ୍ତ ଚିକୁନାଙ୍କ ଭଉଣୀ ମାମୁନି ଏହି ଗୀତ କାହିଁକି ବୋଲୁଛୁ ବୋଲି କହି ତାଙ୍କୁ ବିରୋଧ କରିଥିଲେ । ପରେ ଅଭିଯୁକ୍ତ ଚିକୁନା ଘଟଣା ସ୍ଥଳରେ ପହଞ୍ଚି ସୁଲୋଚନା ଓ ତାଙ୍କ ନାବାଳକ ପୁତୁରାଙ୍କୁ ଅସଭ୍ୟ ଭାଷାରେ ଗାଳି ଦେଇଥିଲା । ସୁଲୋଚନା ଘରେ ପହଞ୍ଚିବା ପରେ ସମସ୍ତ ଘଟଣା ଜଣାଇଥିଲେ। ଏହାପରେ ସୁଲୋଚନା ଏବଂ ତାଙ୍କ ମାଆ ଅଭିଯୁକ୍ତ ଚିକୁନାଙ୍କ ଘରକୁ ଯାଇ ଗାଳି କରିବାର କାରଣ ପଚାରିଥିଲେ। ଏଥିରେ ଚିକୁନା ଉତକ୍ଷିପ୍ତ ହୋଇ ଗାଳି ଦେବା ସହ ସୁଲୋଚନାଙ୍କ ଚୁଟିକୁ ଧରି ଟଣାଓଟରା କରିଥିଲା ଓ ଘରୁ ଏକ ଧାରୁଆ କଟୁରୀ ଆଣି ତାଙ୍କୁ ଆକ୍ରମଣ କରିଥିଲା । ଏଥିରେ ସୁଲୋଚନାଙ୍କ ବାମ ହାତ ପାପୁଲିରେ କ୍ଷତ ହେବା ସହ ରକ୍ତଶ୍ରାବ ହୋଇଥିଲା । ଆକ୍ରମଣ କରିବା ପରେ ଚିକୁନା ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଏନେଇ ଗତ ୧୨ ତାରିଖ ଦିନ ସୁଲୋଚନା ଜଗତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଉଭୟ ପରିବାର ମଧ୍ୟରେ ଦୀର୍ଘ ଦିନରୁ ମନାନ୍ତର ରହିଥିବା ଜଣାପଡିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ଚଢ଼ଉ ଜାରି ରଖିଥିଲା । ଗତକାଲି ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଅଭିଯୁକ୍ତ ଚିକୁନାଙ୍କୁ ତାଙ୍କ ଘରୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାସମଲ ସୂଚନା ଦେଇଛନ୍ତି ।

# ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ନୟାଗଡ଼ (ନିପ୍ର): ନୟାଗଡ଼ ସଦରଥାନା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମର ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଗତ ୧୮ ତାରିଖ ଷଡ଼ଯନ୍ତ୍ର କରି ଇଟାମାଟି ଥାନା ପାଲାଗୁଣ୍ଠୁଣି ଗ୍ରାମରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ କଟକ ବଡ଼ ଡାକ୍ତରଖାନା ନିଆଯାଇଛି। ଗତ ୨୨ ତାରିଖ ଚିକିତ୍ସା ପରେ ଯୁବକଙ୍କ ମାନସିକ ଅବସ୍ଥା ଠିକ ନ ଥିବାରୁ ଡାକ୍ତର ଡିସଚାର୍ଜ କରି ଦେଇଛନ୍ତି। ଯୁବକ ଜଣକ ସଙ୍କଟାପନ୍ନ ଅବସ୍ଥାରେ କଣ୍ଟାବଣିଆସ୍ଥିତ ନିଜ ଘରେ ପଡ଼ିଥିବା ବେଳେ ହଣାଯାଇଥିବା ହାତ ପଚି ଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏଣେ ଇଟାମାଟି ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାରୁ ଗ୍ରାମବାସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଇଟାମାଟି ଥାନା ପୁଲିସକୁ ସିଧା ସିଧା ଶୁଣାଇଛନ୍ତି ଗ୍ରାମବାସୀ । ନ୍ୟାୟ ନ ମିଳିଲେ ଜିଲ୍ଲାର ସମସ୍ତ ରାସ୍ତାକୁ ଅବରୋଧ କରାଯିବାକୁ ଚେତାବନୀ ଦେଇଛନ୍ତି। ସୂଚନାରୁ ପ୍ରକାଶ କଣ୍ଟାବଣିଆ ଗ୍ରାମର ଗୋବିନ୍ଦ ମହାନ୍ତି ପାଲାଗୁଣ୍ଠୁଣି ଗ୍ରାମର ବିଦ୍ୟାଧର ଦାଶଙ୍କ ଝିଅ ପୁଷ୍ପାଞ୍ଜଳିଙ୍କୁ ବିବାହ କରିଥିଲେ । ପୁଷ୍ପାଞ୍ଜଳି ସ୍ୱାମୀଙ୍କ ସହ ନ ରହି ନୟାଗଡ଼ ସହରରେ ପିଲାଙ୍କୁ ନେଇ ରହୁଥିଲେ। ପାରିବାରିକ ବିବାଦ ତଥା ଅନ୍ୟାନ୍ୟ କାରଣ ପାଇଁ ଗୋବିନ୍ଦ ମାନସିକ ସନ୍ତୁଳନ ହରାଇ ବସିଥିଲେ । ଗତ ୧୮ ତାରିଖ ସେ ଶଶୁର ଘର ପାଲାଗୁଣ୍ଠୁଣି ଯାଇଥିଲେ । ୧୯ ତାରିଖ ସକାଳେ ପାଲାଗୁଣ୍ଠୁଣି ମୌଜାରୁ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା । ତାଙ୍କ ହାତ, ଗୋଡ଼କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପଛରେ ଶଶୁର ବିଦ୍ୟାଧର ଦାଶ, ସ୍ତ୍ରୀ ପୁଷ୍ପାଞ୍ଜଳି, ଶାଶୂ ଉଷା ଦାଶ, ଶଳା ତପନ କୁମାର ଦାଶଙ୍କ ସମ୍ପୃକ୍ତି ଥିବା ଗୋବିନ୍ଦଙ୍କ ଭାଇ ମଧୁସୂଦନ ମହାନ୍ତି ଇଟାମାଟି ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଛି। ଘଟଣାକୁ ସପ୍ତାହେ ବିତିଥିବା ବେଳେ ପୁଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର କଣ୍ଟାବଣିଆ ଗାଁକୁ ଇଟାମାଟି ଥାନାର ଜଣେ ମହିଳା ଅଧିକାରୀ ତଦନ୍ତ ପାଇଁ ଯାଇଥିବା ବେଳେ ଗ୍ରାମବାସୀ ପୁଲିସକୁ ସିଧା ସିଧା ଶୁଣାଇଛନ୍ତି । ଅଭିଯୁକ୍ତଙ୍କୁ ଗିରଫ କର, ନଚେତ୍ ଆନ୍ଦୋଳନ ହେବ ବୋଲି କହିଛନ୍ତି । ଅନ୍ୟପକ୍ଷେ, କଟକ ବଡ଼ ଡାକ୍ତରଖାନାରୁ ଫେରିବା ପରେ ଗୋବିନ୍ଦଙ୍କ ଅବସ୍ଥା ଦିନକୁ ଦିନ ଗୁରୁତର ହେଉଛି।

# ୩ ଛାତ୍ରୀଙ୍କୁ ଯୌନ ନିର୍ଯାତନା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ନି.ପ୍ର): ଭରତପୁର ଥାନା ଅଞ୍ଚଳର ଏକ ଷ୍ଟୁଡିଓରେ ଜଣେ +୩ ଛାତ୍ରୀଙ୍କୁ ଯୌନ ନିର୍ଯାତନା ନେଇ ଅଭିଯୋଗ ପରେ ଭରତପୁର ଥାନା ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତର ନାମ ଲୋକନାଥ ଦାସ୍। ପୋଲିସ୍ ସୂଚନା ଅନୁସାରେ, ଛାତ୍ରୀ ଜଣକ ସେହି ଷ୍ଟୁଡିଓରେ ପାର୍ଟ ଟାଇମ୍ କାମ କରୁଥିଲେ। ଅଭିଯୁକ୍ତ ବାରମ୍ବାର ତାଙ୍କୁ ଅନୁଚିତ ପ୍ରସ୍ତାବ ଦେଉଥିଲେ। ଛାତ୍ରୀ ସେହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ଅଭିଯୁକ୍ତ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ଛାତ୍ରୀ ଜଣକ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭରତପୁର ପୋଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଲୋକନାଥ ଦାସଙ୍କୁ ଗିରଫ କରିଛି। ବର୍ତ୍ତମାନ ଅଭିଯୁକ୍ତଙ୍କୁ ପୋଲିସ୍ ହାଜତରେ ରଖି ଜେରା କରାଯାଉଛି। ପୋଲିସ୍ ଘଟଣାର ବିସ୍ତୃତ ତଦନ୍ତ କରୁଛି ଏବଂ ଷ୍ଟୁଡିଓର ସିସିଟିଭି ଫୁଟେଜ୍ ସହ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରୁଛି।

# ଭୁଶୁଡିଲା ଗାର୍ଡୱାଲ: ଚାପି ହୋଇ ମହିଳା ମୃତ

## କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକ



ହିଞ୍ଜିଳିକାଟୁ, (ନିପ୍ର) : ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ତଥା ପୁରୁଷୋତ୍ତମପୁର ବ୍ଲକ ଅନ୍ତରିଗାଁ ଋଷିକୂଲ୍ୟା ନଦୀ ପାର୍ଶ୍ୱ ଗାର୍ଡ ୱାଲ ଭୁଶୁଡି ପଡିଛି। ଗାର୍ଡୱାଲ ତଳେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ହିଞ୍ଜିଳି ଥାନା ଅନ୍ତରିଗାଁ ଗ୍ରାମର ପାଞ୍ଚାଳି ଗୌଡ (୪୫) । ନିକଟରେ ଉପସ୍ଥିତ ସ୍ୱାମୀ ଓ କିଛି ଲୋକେ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର, ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ -୧୨/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ହିଞ୍ଜିଳି ଥାନା ତଥା ପୁରୁଷୋତ୍ତମପୁର ବ୍ଲକ ଅନ୍ତରିଗାଁ ଗ୍ରାମ ଋଷିକୂଲ୍ୟା ନଦୀ ନିକଟରେ ହନୁମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ପ୍ରତିମୂର୍ତ୍ତି ପାର୍ଶ୍ୱରେ ପଞ୍ଚାୟତ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ସକାଶେ ଗତବର୍ଷ ଗାର୍ଡୱାଲ ନିର୍ମାଣ କରାଯାଇଥିଲା। ଶନିବାର ଅପରାହ୍ନରେ ସେହି ଗ୍ରାମର କାମେଶ୍ୱର ଗୌଡଙ୍କ ସମେତ ତାଙ୍କ ସ୍ତ୍ରୀ ପାଞ୍ଚାଳି ଓ ପୁଅ, ଝିଅ ମିଶି ଗାର୍ଡୱାଲ ପାର୍ଶ୍ୱରେ ଥିବା ଛେଳି ଗୁହାଳ ସଫା କରୁଥିଲେ। ସେହି ସମୟରେ ଗାର୍ଡୱାଲ ଭୁଶୁଡି ପଡିବା ସହ ଛେଳି ଗୁହାଳ ଉପରେ ଢଳି ପଡିଥିଲା। ଗୁହାଳ ଭିତରେ ସଫା କରୁଥିବା ବେଳେ ଭୁଶୁଡି ପଡିଥିବା ଗାର୍ଡୱାଲ ତଳେ ମହିଳା ଜଣଙ୍କ ଚାପି ହୋଇ ପଡିଥିଲେ। ସୌଭାଗ୍ୟ ବଶତଃ ସେହି ସମୟରେ ମହିଳାଙ୍କ ସ୍ୱାମୀ ଓ ପୁଅ ଝିଅ ବାହାରେ ଥିଲେ। ସ୍ୱାମୀଙ୍କ ସମେତ ନିକଟରେ ଉପସ୍ଥିତ ଥିବା ଗ୍ରାମର କିଛି ଲୋକେ ଗାର୍ଡୱାଲ ତଳେ ଚାପି ହୋଇ ରହିଥିବା ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଶନିବାର ଏଭଳି ଅଘଟଣ ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବର ପାଇ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି ଓ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ସରଜମିନ ତଦନ୍ତ ଆରମ୍ଭ କରିଛି। ମୃତା ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକ କରିଛନ୍ତି।

# ରାଜଧାନୀରେ ଅବକାରୀ ଟିମ୍ ସକ୍ରିୟ

## ୨୫ ଲକ୍ଷର ବ୍ରାଉନସୁଗର ଜବତ,ବ୍ୟବସାୟୀ ଗିରଫ

ଭୁବନେଶ୍ୱର,(ନି.ପ୍ର): ଭୁବନେଶ୍ୱର ଏକ୍ସାଇଜ୍ ରେଞ୍ଜ-୧ର ଇନ୍ସପେକ୍ଟରଙ୍କ ନେତୃତ୍ୱରେ ଶନିବାର ସକାଳେ ଲକ୍ଷ୍ମୀସାଗର ହଳଦୀପଡ଼ିଆ ଅଞ୍ଚଳରେ ଏକ ବଡ଼ ବ୍ରାଉନ୍ ସୁଗର୍ (ହିରୋଇନ୍) ଚୋରାଚାଲାଣ ମାମଲା ଧରାପଡ଼ିଛି। ଏହି ଅଭିଯାନରେ ୨୫୬ ଗ୍ରାମ୍ ବ୍ରାଉନ୍ ସୁଗର୍ ଏବଂ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ମାରୁତି ଏର୍ଟିଗା କାର୍ ଜବତ୍ କରାଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସତ୍ୟବାଦୀ ପରିଡ଼ା ଓରଫ୍ ବାବୁ (୩୪) ତା କାର୍ ଭିତରେ ବସି ହଳଦୀପଡ଼ିଆ ମଣ୍ଡପ ନିକଟରେ ଜଣେ ଆସକ୍ତ ବ୍ୟକ୍ତିଙ୍କୁ ବ୍ରାଉନସୁଗର୍ ବିକ୍ରି କରୁଥିବା ସମୟରେ ଏକ୍ସାଇଜ୍ ଟିମ୍ ଧରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ସମ୍ପ୍ରତି ଭୁବନେଶ୍ୱରରେ ଏକ୍ସାଇଜ୍ ବା ଅବକାରୀ ଟିମ୍ ଅତ୍ୟନ୍ତ ସକ୍ରିୟ ରହିଛି। ଶୁକ୍ରବାର ମଧ୍ୟ ସାଲିଆ ସାହି ଇଡକୋ ବସ୍ତିରେ ଅବକାରୀ ଟିମ୍ ରେଡ୍ କରି ୧୧୦୦ ଲିଟର୍ ଆଇଡି ଲିକର୍ ଏବଂ ୭୦୦୦ ଲିଟର୍ ଫର୍ମେଣ୍ଟେଡ୍ ୱାଶ୍ ବା ପୋଚ ନଷ୍ଟ କରିଥିଲା। ସେହି ଅଭିଯାନରେ ଗୋଟିଏ ମୋଟରସାଇକଲ୍ ଜବତ୍ ହୋଇଥିବାବେଳେ ୨ଟି ମାମଲା ରୁଜୁ ହୋଇଥିଲା। ସେହି ସମୟରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଚାଲିଥିଲା। ଏବେ ବି ନିଶା ନିବାରଣ ସଚେତନତା ସହର ସାରା ଚାଲିଥିବାବେଳେ ନିଶାଦ୍ରବ୍ୟ ଚୋରାଚାଲାଣ ଏବଂ ଅବୈଧ ମଦ ବ୍ୟବସାୟର ବିରୋଧରେ ସହରର ବିଭିନ୍ନ ଅଞ୍ଚଳରେ ଲଗାତାର ରେଡ୍ ଚାଲୁ ରହିବ ବୋଲସି ଅବକାରୀ ଅଧିକାରୀମାନେ କହିଛନ୍ତି।

# ରୋଗୀ ମୃତ୍ୟୁ ପରେ ଡାକ୍ତରଙ୍କୁ ଆକ୍ରମଣ, ଏମ୍ସରେ ଉତ୍ତେଜନା

ଭୁବନେଶ୍ୱର,(ନି.ପ୍ର): ଭୁବନେଶ୍ୱର ହସ୍ପିଟାଲରେ ରୋଗୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ଉତ୍ତେଜନା ସୃଷ୍ଟି ହୋଇଛି। ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ମୃତ ରୋଗୀଙ୍କ ସମ୍ପର୍କୀୟମାନେ ଜଣେ ଇଣ୍ଟର୍ଣ୍ଣ ଡାକ୍ତରଙ୍କ ସହ ହସ୍ପିଟାଲ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଡାକ୍ତର ଆହତ ହୋଇଥିବା ସୂଚନା ମିଳିଛି। ଘଟଣା ପରେ ମେଡିସିନ ବିଭାଗର ବି-୬ ୱାର୍ଡରେ କିଛି ସମୟ ପାଇଁ ଅସ୍ଥିର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଏମସ ପକ୍ଷରୁ କୌଣସି ପ୍ରତ୍ରକ୍ରିୟା ମିଳିନାହିଁ। ସୂଚନା ଅନୁସାରେ, ଭୁବନେଶ୍ୱର ଉପକଣ୍ଠ ଯାଁଳା ଅଞ୍ଚଳର ୩୪ ବର୍ଷୀୟ ଶିବଶଙ୍କର ବେହେରା ଜୀବନ ହାରିବାକୁ ଉଦ୍ୟମ କରି ୩ ଦିନ ପୂର୍ବେ ଗୁରୁତର ହୋଇ ଏମସରେ ଭର୍ତ୍ତି ହୋଇଥିଲେ। ଶନିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିଲା ଏବଂ ସେ ସମସ୍ତଙ୍କ ସହ କଥାବାର୍ତ୍ତା କରୁଥିଲେ। କିନ୍ତୁ ଶନିବାର ହଠାତ୍ ତାଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ, ମୃତକଙ୍କ ପରିବାର ଏବଂ କିଛି ଗ୍ରାମବାସୀ ଚିକିତ୍ସାରେ ଅବହେଳା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ। ମୃତକଙ୍କ ଭାଇ ଶଙ୍କର ବେହେରା ଅଭିଯୋଗ କରିଛନ୍ତି, ଡାକ୍ତରମାନେ ଦୀର୍ଘ ସମୟ ଧରି ରୋଗୀ ଭେଣ୍ଟିଲେଟରରେ ଥିବା କହୁଥିଲେ, କିନ୍ତୁ ସ୍ୱାସ୍ଥ୍ୟ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଉନଥିଲେ। ଏପରିକି ଡାକ୍ତରଙ୍କୁ କୌଣସି ପ୍ରଶ୍ନ ନକରିବାକୁ ମଧ୍ୟ କୁହାଯାଇଥିବା ମୃତକଙ୍କ ଭାଇ କହିଛନ୍ତି।

# ହାତ ଉଧାରି ଦେଇ ବନ୍ଧା ହେଲେ ବେପାରୀ

## ୧୮ ମୋବାଇଲ ଓ ୧୭ ମୋଟର ସାଇକେଲ ଜବତ




ଆସିକା (ନିପ୍ର): ଆସିକା ଥାନା ଇଲକାରେ ହାତ ଉଧାରୀ ଦେଇ ଅଧିକ ସୁଧ ନେବା ଓ ସାଧାରଣ ଲୋକଙ୍କୁ ଠକୁଥିବା ଅଭିଯୋଗରେ ଆସିକା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆସିକା ଥାନା ଅନ୍ତର୍ଗତ ମାମୁଁଡିଆ ଗ୍ରାମର ଲକ୍ଷ୍ମଣ କୁମାର ପାଣି (୫୬)। ପ୍ରକାଶ ଥାଉକି ଆସିକା ଥାନା ଅଧୀନ ଦେବଭୂମି ପଞ୍ଚାୟତର ମାମୁଁଡିଆ ଗ୍ରାମରେ ଲକ୍ଷ୍ମଣ ପାଣି ଲୋକଙ୍କ ଅସୁବିଧା ସମୟରେ ଲୋକଙ୍କ ମୂଲ୍ୟବାନ ଜମି ବାଡ଼ି, ମୋବାଇଲ, ମୋଟର ସାଇକେଲ ସୁନା ବ୍ୟାଙ୍କ ଏଟିଏମ ଆଦି ବନ୍ଧକ ରଖି ହାତ ଉଧାରୀ ଦେଇ ଲୋକଙ୍କ ଠାରୁ ଅଧିକ ଦରରେ ସୁଧ ଦେବା ନେବା କରିଥାନ୍ତି । ଉକ୍ତ ଗ୍ରାମର ପୁନିଆ ନାଇକଙ୍କ ପୁଅ ଗୋବିନ୍ଦ ନାଇକ (୨୯) ଗତ କିଛି ଦିନ ତଳେ ତାର କିଛି ଟଙ୍କା ଦରକାର ହେବାରୁ ଲକ୍ଷ୍ମଣ ପାଣିଙ୍କୁ ତାଙ୍କର ପଲସର ମୋଟର ସାଇକେଲ ବନ୍ଧକ ରଖି ୧୫ ହଜାର ଟଙ୍କା ଧାର ନେଇଥିଲେ। କିଛିଦିନ ପରେ ଗୋବିନ୍ଦ ଧାର ନେଇଥିବା ଟଙ୍କା ସୁଝି ବନ୍ଧକ ଥିବା ମୋଟର ସାଇକେଲ ଫେରସ୍ତ ମାଗିବାରୁ ଲକ୍ଷ୍ମଣ ତାକୁ ମୋଟର ସାଇକେଲ ଫେରାଇବାକୁ ମନା କରିଦେଇଥିଲେ। ଏହାକୁ ଭିତ୍ତି କରି ଗୋବିନ୍ଦ ଆସିକା ଥାନାରେ ଦ୍ୱାରସ୍ତ ହୋଇଥିଲେ। ଏହାପରେ ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କ ଘରେ ଆସିକା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା ଚଢ଼ାଉ ବେଳେ ୧୭ଟି ମୋଟର ସାଇକେଲ, ୧୮ଟି ମୋବାଇଲ ଫୋନ, ନଗଦ ୩୧ ହଜାର ଟଙ୍କା, ୧୫ଟି ଡ୍ରାଇଭିଂ ଲାଇସେନ୍ସ ଓ ୧୦ ଟି ଏଟିଏମ୍ କାର୍ଡ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସହ ଗୋଟିଏ ଡ଼ାଏରୀ ପୋଲିସ ହାତରେ ଲାଗିଛି। ଯେଉଁଥିରେ ଲକ୍ଷ୍ମଣ କାହାକୁ କେତେ ଟଙ୍କା ସୁଧକୁ ଦେଇଛନ୍ତି ତାହା ଉଲ୍ଲେଖ ଥିବା କଥା ଆସିକା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ ଓ ଆଇଆଇସି ସୁଧୀର ସାହୁ ସୂଚନା ଦେଇଥିଲେ। ଏହି ଘଟଣାରେ ଆସିକା ଥାନା କେସ୍ ନଂ–୩୩୯, ତାରିଖ ୨୬.୦୬.୨୦୨୬, ବିଏନଏସ୍‌ର ଧାରା ୩୧୬(୨), ୩୧୮(୪) ଓ ୩୦୮(୨)ରେ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର ଜେଏମଏଫସି ଅଦାଲତକୁ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଅଘୋଷିତ ବିଦ୍ୟୁତ କାଟ୍, ଟାୟାର ଜାଳି ରାସ୍ତା ଅବରୋଧ




ବୁଗୁଡା (ନିପ୍ର): ରାଜ୍ୟ ସରକାର ଚବିଶି ଘଣ୍ଟିଆ ବିଦ୍ୟୁତ୍ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଟାଟାର ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି। ମେଘ ଘୋଟିଲେ କିମ୍ବା ସାମାନ୍ୟ ପବନ ହେଲେ ବିଦ୍ୟୁତ ଯୋଗାଣ ଠପ୍ ହୋଇଯିବା ଅଞ୍ଚଳବାସୀଙ୍କ ପାଇଁ ସାଧାରଣ ଘଟଣା ପାଲଟିଥିବା ବେଳେ ବିନା ମେଘ ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ମାଡ ଭଳି ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ କିମ୍ବା ଖବର ପ୍ରକାଶ ପାଇଲେ ମଧ୍ୟ ବିଦ୍ୟୁତ ବିଭାଗର ଖାତିର ନାହିଁ। ବିଶେଷକରି ବୁଗୁଡା ସହରର ପ୍ରେମଚାନ୍ଦ ନଗର, ମହୁଲିଆତୋଟା ସାହି, ବୁଦ୍ଧଖୋଲ ରୋଡ ସାହି, ଅନ୍ନପୂର୍ଣ୍ଣା ନଗରରେ ଦୀର୍ଘ ଚାରି ମାସ ହେଲା ବିଦ୍ୟୁତ୍ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ଗତ ଗୁରୁବାର ରାତିରେ ଲୋକେ ପୁରୁଣା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ମୁଖ୍ୟ ସଡକରେ ଗଛଡାଳ ପକାଇ ଓ ଟାୟାର ଜାଳି ପ୍ରତିବାଦ କରିଥିଲେ। ରାସ୍ତା ଜାମ ଯୋଗୁଁ ଯାନବାହାନ ଚଳାଚଳ ପୁରାପୁରି ଠପ୍ ହୋଇଯାଇଥିଲା। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପ୍ରତିବାଦକାରୀଙ୍କୁ ବୁଝାଶୁଝା କରିବାକୁ ପ୍ରୟାସ କରୁଥିବା ବେଳେ ପୁଣି ଇଲେଭେନ୍ କେଭି ତାର ପୁଣି ଛିଡିଥିଲା। ପରିସ୍ଥିତି ଜଟିଳ ହେବାରୁ ଘଟଣା ସ୍ଥଳରେ ଭଞ୍ଜନଗର ଏସଡିପିଓ ପହଞ୍ଚିଥିଲେ । ବିଦ୍ୟୁତ ବିଭାଗୀୟ ଜେଇଙ୍କୁ ଘଟଣା ସ୍ଥଳକୁ ଡକାଯାଇଥିଲା। ରାତି ପ୍ରାୟ ଦୁଇଟା ବେଳକୁ ନୂଆଁ କେବୁଲ ପକାଯାଇଥିଲା ବେଳେ ତିନିଟା ବେଳକୁ ବିଦ୍ୟୁତ୍ ଯୋଗାଣ ଠିକଠାକ୍ ହୋଇଥିଲା ଏବଂ ଲୋକେ ଘରକୁ ଫେରିଥିଲେ। ପ୍ରକାଶଯୋଗ୍ୟ ଯେ, ଏଭଳି ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବୁଗୁଡା ସହରର ଅନେକ ସାହିରେ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇ ଲୋକେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏଥି ସହ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଇନଭେଟର୍ ମଧ୍ୟ କାମ କରୁନଥିବାରୁ କେବଳ ସରକାରୀ କାର୍ଯ୍ୟାଳୟ ନୁହେଁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି। କେଉଁ କାରଣରୁ ଏଭଳି ଅଘୋଷିତ ବିଦ୍ୟୁତ କାଟ ହେଉଛି ସେନେଇ ବିଦ୍ୟୁତ୍ ବିଭାଗୀୟ ଅଧିକାରୀମାନେ କୌଣସି ଯୁକ୍ତିଯୁକ୍ତ ତଥା ସନ୍ତୋଷଜନକ ଉତ୍ତର ଦେଇ ପାରୁନଥିବା ବେଳେ ଅଞ୍ଚଳର ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଉଛି । ସ୍ଥାନୀୟ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀ ମହଲରୁ ଏହି ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜନ ଆନ୍ଦୋଳନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ବେଳେ ଅସନ୍ତୁଷ୍ଟ ଜନତା ବିଦ୍ୟୁତ୍ ବିଭାଗର ମନମାନି ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାଯାଇଥିଲା ବେଳେ ତାହା ଦେଖିବାକୁ ମିଳିଥିଲା।

# ନିର୍ମାଣ କାମରେ ଅଘଟଣ; ସୁପରଭାଇଜରଙ୍କ ବେକରେ ରଡ୍ ପଶିଗଲା

ଭୁବନେଶ୍ୱର,୨୭।୬(ନି.ପ୍ର): ଖଣ୍ଡଗିରି ଛକ ନିକଟରେ ଏକ ନିର୍ମାଣ କାର୍ଯ୍ୟ ସ୍ଥଳରେ ଦୁର୍ଘଟଣା ଘଟିଛି। ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ଜଣେ ସୁପରଭାଇଜରଙ୍କ ଗୋଡ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ ଏବଂ ସେହି ସମୟରେ ଏକ ଲୁହା ରଡ୍ ତାଙ୍କ ବେକରେ ପଶିଯାଇଥିଲା। ଆଘାତ ଗମ୍ଭୀର ହୋଇଥିବାରୁ ତାଙ୍କୁ ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଥିବା ଖଣ୍ଡଗିରି ଥାନା ପୋଲିସ୍ କହିଛି। ଘଟଣାର ବିବରଣୀ ଅନୁସାରେ, ଶନିବାର ସୁପରଭାଇଜର ଜଣକ ତଳେ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ସନ୍ତୁଳନ ହରାଇ ତଳେ ପଡ଼ିଯାଇଥିଲେ ଏବଂ ସେଠାରେ ପଡ଼ିଥିବା ଏକ ଲୁହା ରଡ୍ ତାଙ୍କ ବେକରେ ଗଭୀର ଭାବେ ପଶିଯାଇଥିଲା। ଘଟଣା ସ୍ଥଳରେ ଉପସ୍ଥିତ ସହକର୍ମୀ ଓ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ନିକଟସ୍ଥ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇଥିଲେ।

# ଜଙ୍ଗଲରୁ ଚାରି ମାସର ଶିଶୁପୁତ୍ର ଉଦ୍ଧାର

ଭୁବନେଶ୍ୱର, (ନିପ୍ର): ଗଞ୍ଜାମ ଜିଲ୍ଲା ଚିକିଟି ଅଞ୍ଚଳର କେ. ନୂଆଗାଁ ଥାନା ଅଧୀନ କେ. ନୂଆଗାଁ ଗ୍ରାମସ୍ଥିତ ରତ୍ନେଶ୍ୱରୀ ମନ୍ଦିର ନିକଟ ଜଙ୍ଗଲରୁ ଏକ ଚାରି ମାସର ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। କେହି ଦୁର୍ବୃତ୍ତ ଶିଶୁଟିକୁ ସେଠାରେ ପରିତ୍ୟାଗ କରି ପଳାଇଯାଇଥିବା ସନ୍ଦେହ କରାଯାଉଛି ।ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ହାତିବାଡ଼ି ଗ୍ରାମର ଜଣେ ଶ୍ରମିକ କାମ ସାରି ଘରକୁ ଫେରୁଥିବା ବେଳେ ଜଙ୍ଗଲ ମଧ୍ୟରୁ ଶିଶୁର କାନ୍ଦ ଶୁଣିଥିଲେ।

# ଇନ୍ଦୁପୁର ହାବେଳୀରେ ପ୍ରସ୍ତାବିତ ବିଦେଶୀ ମଦ କାଉଣ୍ଟରକୁ ବିରୋଧ

## ଶତାଧିକ ମହିଳାଙ୍କ ରାସ୍ତାରୋକ, ଟାୟାର ଜାଳି ପ୍ରତିବାଦ



କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ହାବେଳୀ ଗ୍ରାମରେ ପ୍ରସ୍ତାବିତ ବିଦେଶୀ ମଦ କାଉଣ୍ଟର ଖୋଲିବାକୁ ବିରୋଧ କରି ଶନିବାର ଶତାଧିକ ମହିଳା ରାସ୍ତାକୁ ଓହ୍ଲାଇଥିଲେ। ମହିଳା ସଭାନେତ୍ରୀ କନକଲତା ମହାପାତ୍ର ଓ ୱାର୍ଡ ମେମ୍ବର ଅପର୍ଣ୍ଣା ବାରିକଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ଗ୍ରାମର ବହୁ ମହିଳା ଯୋଗଦେଇ ଇନ୍ଦୁପୁର–କେନ୍ଦ୍ରାପଡ଼ା ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ କିଛି ସମୟ ପାଇଁ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା। ପ୍ରତିବାଦକାରୀ ମହିଳାମାନେ କହିଥିଲେ ଯେ, ହାବେଳୀ ଗ୍ରାମରେ ନୂତନ ବିଦେଶୀ ମଦ କାଉଣ୍ଟର ଖୋଲାଗଲେ ସ୍ଥାନୀୟ ଅଞ୍ଚଳର ସାମାଜିକ ପରିବେଶ ଅଧିକ ଅବନତି ଘଟିବ। ପୂର୍ବରୁ ମଦ୍ୟପାନକୁ କେନ୍ଦ୍ର କରି ଅନେକ ପରିବାରରେ ଅଶାନ୍ତି, ପାରିବାରିକ କଳହ ଓ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଥିବା ବେଳେ ନୂତନ ମଦ ଦୋକାନ ଖୋଲିଲେ ପରିସ୍ଥିତି ଆହୁରି ଜଟିଳ ହେବ। ଅନେକ ପରିବାର ଆର୍ଥିକ ଓ ସାମାଜିକ ଭାବେ କ୍ଷତିଗ୍ରସ୍ତ ହେବା ସହ ଯୁବପିଢ଼ି ମଧ୍ୟ ଏହାର କୁପ୍ରଭାବରେ ପଡ଼ିବେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଥିଲେ ଓ ବିକ୍ଷୋଭକାରୀଙ୍କ ଅଭିଯୋଗ ଅନୁଯାୟୀ, ଏହି ପ୍ରସଙ୍ଗରେ ସେମାନେ ବାରମ୍ବାର ସ୍ଥାନୀୟ ସରପଞ୍ଚ ଓ ଅନ୍ୟ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡ଼ା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଇନଥିବାରୁ ବାଧ୍ୟ ହୋଇ ରାସ୍ତାରୋକ ଭଳି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବା ସେମାନେ କହିଥିଲେ। ଆନ୍ଦୋଳନକାରୀ ମହିଳାମାନେ ସ୍ପଷ୍ଟ କରି କହିଥିଲେ ଯେ, କୌଣସି ପରିସ୍ଥିତିରେ ହାବେଳୀ ଗ୍ରାମରେ ନୂତନ ମଦ କାଉଣ୍ଟର ଖୋଲିବାକୁ ଦିଆଯିବ ନାହିଁ। ପ୍ରଶାସନ ତୁରନ୍ତ ଏହି ନିଷ୍ପତ୍ତିକୁ ବାତିଲ୍ କରିବା ସହ ଲୋକଙ୍କ ଭାବନାକୁ ସମ୍ମାନ ଜଣାଇବାକୁ ସେମାନେ ଦାବି କରିଥିଲେ। ଏଥିସହ ମଦ କାଉଣ୍ଟର ଖୋଲିବା ପ୍ରକ୍ରିୟାରେ ସଂପୃକ୍ତ ବ୍ୟକ୍ତିଙ୍କୁ ମଧ୍ୟ ଏହି ସ୍ଥାନରେ ଦୋକାନ ନଖୋଲିବାକୁ ଚେତାବନୀ ଦିଆଯାଇଥିଲା। ପ୍ରତିବାଦକାରୀମାନେ କହିଛନ୍ତି, ଯଦି ପ୍ରଶାସନ ସେମାନଙ୍କ ଦାବିକୁ ଗୁରୁତ୍ୱର ସହ ବିଚାର ନକରେ ଏବଂ ମଦ କାଉଣ୍ଟର ଖୋଲିବା ଉଦ୍ୟମ ଜାରି ରହେ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଓ ସାମାଜିକ ପରିବେଶର ସୁରକ୍ଷା ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ମହିଳାମାନେ ଦୃଢ଼ ସ୍ୱରରେ ପ୍ରକାଶ କରିଥିଲେ।




ଭୁବନେଶ୍ୱର: ଉଦ୍ୟମୀ ଓଡ଼ିଶା ଏମଏସଏମ୍‌ଇ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ ବୁକ୍‌ଲେଟ୍ ଉନ୍ମୋଚନ କରୁଛନ୍ତି । (ଫଟୋ-ଦିନଲିପି)

# ଦେବସ୍ନାନ ପୂର୍ଣ୍ଣିମା: ପୁରୀରେ ଏକାଧିକ ମାର୍ଗ 'ନୋ-ଭେହିକିଲ୍ ଜୋନ୍' ଘୋଷିତ

ଭୁବନେଶ୍ୱର/ପୁରୀ, ୨୭।୬(ନିପ୍ର): ଶ୍ରୀଜଗନ୍ନାଥ ମନ୍ଦିରରେ ଆସନ୍ତା ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତିକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ସହ ଭକ୍ତଙ୍କ ସୁବିଧା ପାଇଁ ପୁରୀ ପୋଲିସ ପକ୍ଷରୁ ସହରର ଏକାଧିକ ପ୍ରମୁଖ ରାସ୍ତାକୁ 'ନୋ-ଭେହିକିଲ୍ ଜୋନ୍' ଘୋଷଣା କରାଯାଇଛି । ପୋଲିସ ପକ୍ଷରୁ ଜାରି ଟ୍ରାଫିକ୍ ପରାମର୍ଶ ଅନୁଯାୟୀ, ମାର୍କେଟ ଛକରୁ ଗ୍ରାଣ୍ଡ ସେଣ୍ଟର ଦେଇ ଜଗବଳିଆ ଲଜ୍ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଯାନବାହନ ଚଳାଚଳ ଉପରେ କଟକଣା ରହିବ । ସେହିପରି ମାର୍କେଟ ଛକରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) କାର୍ଯ୍ୟାଳୟ ଓ ଦୋଳବେଦୀ କୋଣା ଦେଇ ଗଦନ୍ତି ଛକ ପର୍ଯ୍ୟନ୍ତ ମଧ୍ୟ କୌଣସି ଯାନବାହନ ଚଳାଚଳ କରିପାରିବ ନାହିଁ । ଏହାବ୍ୟତୀତ ମୋଚିସାହି ଛକରୁ ଜଗବଳିଆ ଲଜ୍, ସୋଲାଖିଆ ବରଗଛ ଛକରୁ କାକୁଡ଼ିଖାଇ ଛକ, ବୃଷଭ ଛକରୁ ଗଣ୍ଡୁଆ ଚଉରା ଛକ, ପାଣ୍ଡେ ଜାଗାରୁ ଗଦନ୍ତି ଛକ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିସରର ସମସ୍ତ ସଂଲଗ୍ନ ରାସ୍ତାରେ ମଧ୍ୟ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ ହେବ । ପୁରୀ ପୋଲିସ କହିଛି ଯେ, ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବିପୁଳ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଭିଡ଼ ନିୟନ୍ତ୍ରଣ ଏବଂ ଧାର୍ମିକ ନୀତିକାନ୍ତିକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଏହି ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି । ତେବେ ଆମ୍ବୁଲାନ୍ସ, ଅଗ୍ନିଶମ ସେବା ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବା ସହ ଜଡ଼ିତ ଯାନବାହନ ଏହି କଟକଣାରୁ ବାଦ ପଡ଼ିବେ ଏବଂ ସେମାନଙ୍କୁ ନୋ-ଭେହିକିଲ୍ ଜୋନ୍‌ରେ ଚଳାଚଳ କରିବାକୁ ଅନୁମତି ମିଳିବ । ଅନ୍ୟପକ୍ଷରେ, କଟକଣା ଅବଧି ମଧ୍ୟରେ ହାତ ଟଣା ରିକ୍ସା ଚଳାଚଳ ଉପରେ ମଧ୍ୟ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି । ପୁରୀ ପୋଲିସ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଜାରି ହୋଇଥିବା ଟ୍ରାଫିକ୍ ପରାମର୍ଶକୁ ପାଳନ କରିବା ସହ ଦେବସ୍ନାନ ପୂର୍ଣ୍ଣିମାର ସୁରୁଖୁରୁ ଆୟୋଜନ ପାଇଁ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରିଛି ।

### ଶିମିଳିପାଳରେ ବଂଶବୃଦ୍ଧିର ନୂଆ ଅଧ୍ୟାୟ

## ଟ୍ରାପ କ୍ୟାମେରାରେ ଜଣାପଡ଼ିଲା 'ଜିନ୍ନତ' ଓ ତାର ଶାବକ



ବିଶୋଇ, ୨୭।୬: ଶିମିଳିପାଳ ଅଭୟାରଣ୍ୟରୁ ଆସିଛି ଏକ ଖୁସିର ଖବର । ମହାରାଷ୍ଟ୍ରରୁ ଓଡ଼ିଶା ଅଣାଯାଇଥିବା ବାଘୁଣୀ 'ଜିନ୍ନତ' ଶିମିଳିପାଳ ଜଙ୍ଗଲରେ ନିଜ ଶାବକମାନଙ୍କ ସହ ନିର୍ଭୟରେ ବୁଲୁଥିବାର ଦୃଶ୍ୟ ଟ୍ରାପ୍ କ୍ୟାମରାରେ କଏଦ ହୋଇଛି । ବନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ସ୍ୱତନ୍ତ୍ର ଫଟୋ ଓ ଭିଡିଓରେ ଜିନ୍ନତ ନିଜ ଶାବକମାନଙ୍କ ସହ ଜଙ୍ଗଲର ମୁକ୍ତ ପରିବେଶକୁ ଉପଭୋଗ କରୁଥିବା ସ୍ପଷ୍ଟ ହୋଇଛି । ଶାବକଙ୍କ ବୟସ ପ୍ରାୟ ଦୁଇ ମାସ ହେବ ବୋଲି ଅନୁମାନ କରାଯାଉଛି । ସମସ୍ତ ଶାବକ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସୁରକ୍ଷିତ ଥିବା ସୂଚନା । ବନ ବିଭାଗ ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ୨୪ ଘଣ୍ଟିଆ ସ୍ୱତନ୍ତ୍ର ନଜର ରଖାଯାଇଛି । ଏହି ଖବର ସାମ୍ନାକୁ ଆସିବା ପରେ ପରିବେଶବିତ୍ ଏବଂ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଶିମିଳିପାଳରେ ବାଘ ସଂରକ୍ଷଣ ଏବଂ ସେମାନଙ୍କ ବଂଶବୃଦ୍ଧି ପାଇଁ ସରକାର ଓ ବନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଯେ ସଫଳ ହେଉଛି, ଏହି ଘଟଣା ତାର ଏକ ଶକ୍ତିଶାଳୀ ପ୍ରମାଣ । ମହାରାଷ୍ଟ୍ରରୁ ଅଣାଯାଇଥିବା ଏହି ବାଘୁଣୀ ଓଡ଼ିଶାର ଜଳବାୟୁ ଓ ଶିମିଳିପାଳର ପରିବେଶ ସହ ନିଜକୁ ସମ୍ପୂର୍ଣ୍ଣ ଭାବେ ଖାପଖୁଆଇ ନେଇଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି । ଏହି ନୂତନ ଅତିଥିମାନଙ୍କ ଆଗମନ ଆଗାମୀ ଦିନରେ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

# ଶିଳ୍ପ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ଏମସିଏଲ୍‌ର ଉପଭୋକ୍ତା ସମ୍ମିଳନୀ




ସମ୍ବଲପୁର, ୨୭।୬: ମହାନଦୀ କୋଲ୍‌ଫିଲ୍ଡ୍‌ସ୍ ଲିମିଟେଡ୍ (ଏମସିଏଲ୍) ବିଦ୍ୟୁତ କ୍ଷେତ୍ରର ଗ୍ରାହକମାନଙ୍କ ସହ ନିଜର ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ କମ୍ପାନୀର ମୁଖ୍ୟାଳୟରେ ଏକ ଉପଭୋକ୍ତା ସମ୍ମିଳନୀ ଆୟୋଜନ କରିଛି । ଏହି ବୈଠକରେ ଏମସିଏଲ୍‌ର ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷ ଏବଂ ପ୍ରମୁଖ ଅଂଶୀଦାରମାନେ ଏକାଠି ହୋଇ ଆଗାମୀ ନୀତିଗତ ପଦକ୍ଷେପ, କାର୍ଯ୍ୟକ୍ଷମତା ବୃଦ୍ଧି, କୋଇଲା ଯୋଗାଣ ପ୍ରକ୍ରିୟାକୁ ସହଜ କରିବା, ସ୍ୱଚ୍ଛତା ଆଣିବା ଏବଂ ଇନ୍ଧନ ଯୋଗାଣ ଚୁକ୍ତିର ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ଆଲୋଚନା କରିଥିଲେ । ଏମସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏହି ବୈଠକର ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା; କୋଲ୍ ଇଣ୍ଡିଆ ଲିମିଟେଡ୍‌ର ବରିଷ୍ଠ ପରାମର୍ଶଦାତା (ରେଳବାଇ ଓ ମାର୍କେଟିଂ) ଏସ୍.କେ. ଷଡ଼ଙ୍ଗୀ; ସିଆଇଏଲ୍‌ର ବରିଷ୍ଠ ପରାମର୍ଶଦାତା ମନୋଜ କୁମାର; ସିଆଇଏଲ୍‌ର ପରାମର୍ଶଦାତା ପି.ଏସ୍. ସକ୍ସେନାଙ୍କ ସମେତ ଏମସିଏଲ୍‌ର ମହାପ୍ରବନ୍ଧକ, ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସିଏମଡି କାଓଲେ ଗ୍ରାହକଙ୍କ ଆଶା ପୂରଣ କରିବା ସହ ଉପଯୁକ୍ତ ସମୟରେ ଗୁଣବତ୍ତାପୂର୍ଣ୍ଣ କୋଇଲା ଯୋଗାଇବା ପାଇଁ ଏମସିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ । ସେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଗ୍ରାହକମାନଙ୍କ ସହ ନିୟମିତ ଆଲୋଚନା ଦ୍ୱାରା ସେବା ପ୍ରଦାନରେ ସୁଧାର ଆସିବା ସହ ସ୍ୱଚ୍ଛତା ବୃଦ୍ଧି ପାଇଥାଏ ଏବଂ କୋଇଲା ଯୋଗାଣ ଶୃଙ୍ଖଳାରେ ଦେଖାଦେଉଥିବା ନୂତନ ଆହ୍ୱାନଗୁଡ଼ିକର ସମାଧାନ କରିବାରେ ଏହା ସହାୟକ ହୋଇଥାଏ । ଏହି ସମ୍ମିଳନୀରେ ମହାଜେନକୋ, ଆପିଜେନକୋ, ଟିଏନପିଜିସିଏଲ, ଅଦାନୀ ପାୱାର ଲିମିଟେଡ୍, ଜିନ୍ଦଲ ପାୱାର ଲିମିଟେଡ୍, ବେଦାନ୍ତ ଲିମିଟେଡ୍, ଜିନ୍ଦଲ ଇଣ୍ଡିଆ ପାୱାର ଲିମିଟେଡ୍, ଜିଏମଆର କମଳାଙ୍ଗା ଏନର୍ଜି ଜେନେରେସନ ଲିମିଟେଡ୍, ଡିବି ପାୱାର ଲିମିଟେଡ୍, ଆର.କେ.ଏମ୍. ପାୱାର ଲିମିଟେଡ୍, ଏସଇଆଇଏଲ୍ ଏନର୍ଜି, ଏସକେଏସ୍ ପାୱାର, ହଳଦିଆ ଏନର୍ଜି ଲିମିଟେଡ୍ ଭଳି ଦେଶର ଅଗ୍ରଣୀ ବିଦ୍ୟୁତ ପ୍ରସ୍ତୁତକାରୀ କମ୍ପାନୀର ପ୍ରତିନିଧି ଏବଂ ଏମସିଏଲ୍‌ର ଅନ୍ୟାନ୍ୟ ପ୍ରମୁଖ ଗ୍ରାହକମାନେ ଯୋଗ ଦେଇଥିଲେ । ଏଭଳି ଏକ ପାରସ୍ପରିକ ଆଲୋଚନାର ମାଧ୍ୟମ ପ୍ରସ୍ତୁତ କରାଯାଇଥିବାରୁ ସେମାନେ ଏମସିଏଲ୍‌କୁ ପ୍ରଶଂସା କରିବା ସହ ଦେଶର ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏମସିଏଲ୍ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ନିଜର ସହମତି ପ୍ରକାଶ କରିଥିଲେ ।

## ତାମିଲନାଡୁ ଗ୍ୟାସ ଲିକ୍ ଘଟଣା, ମୃତ୍ୟୁସଂଖ୍ୟା ୧୨ ଏନଏଚ୍‌ଆରସିରେ ମାମଲା ରୁଜୁ

କେନ୍ଦୁଝର, ୨୭।୬: ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟାପାଲ୍ଲୀଆମ ନିକଟରେ ଥିବା ସେଣ୍ଟ ପିଟର୍ସ ପର୍ଲ ସି -ଫୁଡ ଏକ୍ସପୋର୍ଟ କମ୍ପାନୀରେ ଏମୋନିଆ ଗ୍ୟାସ ଲିକ୍ ଘଟଣାରେ ଆଉ ଜଣେ ଓଡ଼ିଆ ଯୁବତୀ ଙ୍କ ମୃତ୍ୟୁ ହୋଇଛି । ମୃତ ଯୁବତୀ ଜଣକ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଟାଙ୍ଗିରି ଦୁବନାଳି ସାହିର ବୃନ୍ଦା ଜୁଆଙ୍ଗଙ୍କ ଝିଅ କବିତା ଜୁଆଙ୍ଗ ବୋଲି ଜଣାପଡିଛି ।ଦୁର୍ଘଟଣା ଦିନ ଠାରୁ କବିତା ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଥିଲେ । ଗତକାଲି ସୁଦ୍ଧା ଏଇ ଦୁର୍ଘଟଣାରେ ୧୧ ଜଣ ଯୁବତୀ ଙ୍କ ମୃତ୍ୟୁ ହୋଇଥିଲା ଆଜି ସଂଖ୍ୟା ୧୨ରେ ପହଞ୍ଚିଛି ।କୋରାପୁଟର ଜଣେ ଆଇନଜୀବୀ ଅନୁପ କୁମାର ପାତ୍ରଙ୍କ ଅଭିଯୋଗ ପରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ତାମିଲନାଡୁରେ ସମ୍ପ୍ରତି ଘଟିଥିବା ଆମୋନିଆ ଗ୍ୟାସ ଲିକ୍ ଦୁର୍ଘଟଣାରେ ଏକ ମାମଲା ରୁଜୁ କରିଛି ।

---

## ପୀତବାସ ପଣ୍ଡା ହତ୍ୟା ଘଟଣା: କାଳୁଆ ଯାତ୍ରାରେ ହୋଇଥିଲା ପ୍ଲାନ୍ ?

ବ୍ରହ୍ମପୁର, ୨୭।୬: ବ୍ରହ୍ମପୁରର ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ସାମ୍ନାକୁ ଆସିଛି ନୂଆ ତଥ୍ୟ । ପୀତବାସଙ୍କୁ ହତ୍ୟା କରିବା ପାଇଁ ବିଜିପୁର କାଳୁଆ ଯାତ୍ରାରେ ପ୍ଲାନ ହୋଇଥିବା ପର୍ଦ୍ଦାଫାସ ହୋଇଛି । ଚାର୍ଜସିଟରେ ଉଲ୍ଲେଖ ଥିବା ଦୁଇ ସାକ୍ଷୀଙ୍କ ବୟାନ ଆଧାରରେ ଏହି ତଥ୍ୟ ବାହାରକୁ ଆସିଛି । ୩୧୯ ପୃଷ୍ଠା ସମ୍ବଳିତ ଚାର୍ଜସିଟ୍ ଏଡିଜେ-୩ କୋର୍ଟରେ ଦାଖଲ କରିଥିଲା ପୋଲିସ । ପୋଲିସ ନିକଟରେ ଦୁଇ ଜଣ ସାକ୍ଷୀ ଦେଇଥିବା ବୟାନରେ ଉଲ୍ଲେଖ ରହିଛି ଯେ, ବିଜିପୁରର କାଳୁଆ ଯାତ୍ରା ଚାଲିଥିବା ସମୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାସ, ବିଜେଡି ନେତା ମଦନ ଦଳେଇ, କର୍ପୋରେଟର ମଳୟ ବିଷୋୟୀ, ଶୂନ୍ୟ ଚନ୍ଦ୍ର ଦାସ ସେଠାରେ ପୀତବାସ ପଣ୍ଡାଙ୍କୁ ହତ୍ୟା କରିବା ନେଇ ମାଷ୍ଟର ପ୍ଲାନ କରିଥିଲେ । ବିକ୍ରମ ପଣ୍ଡା ମଦନ ଦଳେଇ, ମଳୟ ବିଷୋୟୀ, ପିଣ୍ଟୁ ଦାସଙ୍କୁ କହୁଥିଲେ କି ୬ରୁ ୭ ମାସ ହେଲାଣି ଗୋଟିଏ କାମ କରିପାରୁନ । ଏହା ପରେ ମଦନ, ମଳୟ, ପିଣ୍ଟୁ କହିଥିଲେ ଯେ, ଏହି କୁମାର ପୂର୍ଣ୍ଣିମା ଦିନ ପୀତବାସ ପଣ୍ଡାର ଲେଖା ଛିଡ଼ିଯିବ । ସେପଟେ ମଦନ ଦଳେଇ କହିଥିଲେ ଯେ, ସେ ସବୁ ସେଟ୍ କରି ଓଡ଼ିଶା ବାହାରକୁ ପଳାଇବ । ଯେପିରିକି ପିଣ୍ଟୁ ଓ ବିକ୍ରମଙ୍କର ସଂପୃକ୍ତିର କୌଣସି ଗନ୍ଧ ପାଇବନି ପୋଲିସ । ସେହିପରି ଏହି ହତ୍ୟା କେସ୍‌ଟି ରମେଶ ଜେନା ଆଡେ ଯିବ । ପୋଲିସ କୌଣସି ପ୍ରକାରର ଟେର୍ ପାଇପାରିବ ନାହିଁ ।

### ପ୍ରଥମ ଗୁଦଗୁଦା କପ୍ ରାତ୍ରି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ

# ଫାଇନାଲରେ କଟକ ସ୍ପୋର୍ଟସ ହଷ୍ଟେଲ



କୁଚିଣ୍ଡା, ୨୭।୬(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଥଲେଟିକ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ମୁକୁନ୍ଦି ଷ୍ଟାଡିୟମଠାରେ ପ୍ରଥମଥର ପାଇଁ ରାତ୍ରୀକାଳୀନ ରାଜ୍ୟ ସ୍ତରୀୟ ଗୁଦଗଦା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୮ ଗୋଟି ଫୁଟବଲ୍ ଟିମ ଅଂଶଗ୍ରହଣ କରିଛନ୍ତି । ଶନିବାର ତୃତୀୟ ଦିବସ ଖେଳରେ ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, କୁଚିଣ୍ଡା ଏଥେଲେଟିକ ଏସୋସିଏସନର ସଭାପତି ତଥା ଉପ-ଜିଲ୍ଲାପାଳ ସରଭନନ୍ ସ, କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଶାନ୍ତିନଗର ଏଫସି ଝାରସୁଗୁଡା ଓ କଟକ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ହୋଇଥିଲା । ଏଥିରେ କଟକ ସ୍ପୋର୍ଟସ ହଷ୍ଟେଲ ୪-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି । କଟକ ସ୍ପୋର୍ଟସ ହଷ୍ଟେଲ ପକ୍ଷରୁ କ୍ରିଷ୍ଣା ବେହେରା, ନିଲେସ ଟିକ୍କା, ଶଙ୍କର ହେମ୍ବ୍ରମ ଓ ଭେଙ୍କଟେଶ ଓରାମ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ବେଷ୍ଟ ସ୍କୋରର ଭାବେ ନିଲେସ ଟିକ୍କାଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚଟି ବରଗଡ଼ ୟୁନାଇଟେଡ ଓ ୟୁନାଇଟେଡ ସ୍ପୋର୍ଟସ ଜଲଦା ମଧ୍ୟରେ ହୋଇଥିଲା । ରିପୋର୍ଟ ଲେଖା ପର୍ଯ୍ୟନ୍ତ କେହି କାହାକୁ ଗୋଲ ଦେଇନଥିଲେ । ରେଫରୀ ଭାବେ ଶିବଶଙ୍କର ପଣ୍ଡା, ପପୁନ ବେହେରା, ପଞ୍ଚାନନ ପାତ୍ର, ଦିଲୀପ ରାଉତ ଖେଳ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟ ପରିଚାଳନାରେ ତାପସ ନାଏକ, ସୁବ୍ରତ ଶର୍ମା, ସଞ୍ଜୟ ମହାନନ୍ଦ, ରାଧେଶ୍ୟାମ କଉଡ଼ି, ଦିଲୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଫ୍ଲଡ ଲାଇଟ୍ ମାଧ୍ୟମରେ ରାତ୍ରୀକାଳୀନ ମ୍ୟାଚ୍ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା ।

# ନିଟ୍ ଦୁର୍ନୀତି ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସର ବିକ୍ଷୋଭ



ଭୁବନେଶ୍ୱର, ୨୭।୬: ନିଟ୍ ପରୀକ୍ଷାରେ ଦୁର୍ନୀତି ଅଭିଯୋଗକୁ ନେଇ ଶନିବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଯୁବ କଂଗ୍ରେସ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛି । ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ଆରମ୍ଭ ହୋଇଥିବା ଏକ ରାଲି ମାଷ୍ଟର କ୍ୟାଣ୍ଟିନ୍ ଦେଇ ବିଜେପି କାର୍ଯ୍ୟାଳୟ ଦିଗକୁ ଅଗ୍ରସର ହେଉଥିଲା । ଏହି ସମୟରେ ପୋଲିସ ରାଲିକୁ ବାରିକେଡ୍ ଲଗାଇ ରୋକିଥିଲା । ଯୁବ କଂଗ୍ରେସ କର୍ମୀମାନେ ବାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିବାରୁ ପୋଲିସ ସେମାନଙ୍କୁ ଅଟକାଇ ଭ୍ୟାନରେ ଉଠାଇ ନେଇଥିଲା । ଘଟଣାସ୍ଥଳରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ବିଜେପି ସରକାର ଅଧୀନରେ ଦେଶର ଶିକ୍ଷା ବ୍ୟବସ୍ଥା ଗଭୀର ସଙ୍କଟରେ ପଡ଼ିଛି । ନିଟ ପରୀକ୍ଷା ପରିଚାଳନାରେ ଅନିୟମିତତା ଓ ଦୁର୍ନୀତି ହୋଇଥିବାରୁ ଲକ୍ଷାଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି । ତେଣୁ ଶିକ୍ଷାମନ୍ତ୍ରୀଙ୍କ ଦାୟିତ୍ୱହୀନତାକୁ ନେଇ ସେ ଇସ୍ତଫା ଦାବି କରିଛନ୍ତି ।

# ମହାପ୍ରଭୁଙ୍କୁ ଦର୍ଶନକଲେ ସୁଜାତା

ପୁରୀ, ୨୭।୬(ନିପ୍ର): ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ । ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସହିତ ଆଶୀର୍ବାଦ ଲାଭ କରିଛନ୍ତି । ଏଥିସହ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କରିଛନ୍ତି । ସୁଜାତାଙ୍କ ସହିତ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବିଜେଡି ରାଜ୍ୟ ଉପ ସଭାପତି ସଞ୍ଜୟ ଦାସ ବର୍ମା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଦର୍ଶନ ସାରି ଫେରିବା ପରେ ସୁଜାତା ରାଉତ ପ୍ରତିକ୍ରିୟା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଇଚ୍ଛା ବିନା ପତ୍ରଟିଏ ମଧ୍ୟ ହଲେ ନାହିଁ । ଓଡ଼ିଶାର ବିକାଶ ପାଇଁ ଆମେ ସମସ୍ତେ ମହାପ୍ରଭୁଙ୍କ ପାଖରେ ସମର୍ପିତ । ଆଜି ମହାପ୍ରଭୁଙ୍କ ଅପାର କରୁଣାରୁ ସୁନ୍ଦର ଭାବେ ଦର୍ଶନ ହେଲା । ଏହି ସ୍ଥାନ କେବଳ ଭକ୍ତି, ଭାବ ଓ ସମର୍ପଣର ।ଏଠି କୌଣସି ରାଜନୀତି ଚର୍ଚ୍ଚାର ସ୍ଥାନ ନାହିଁ ।

## ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁ କେବଳ ସିଂହଦ୍ୱାର ଦେଇ କରିବେ ପ୍ରବେଶ

ପୁରୀ, ୨୭।୬: ଦିନକ ପରେ ଶ୍ରୀଜିଉଙ୍କ ପବିତ୍ର ସ୍ନାନଯାତ୍ରା । ଏନେଇ ଚଳଚଞ୍ଚଳ ହୋଇପଡିଛି ଶ୍ରୀକ୍ଷେତ୍ର । ସ୍ନାନଯାତ୍ରାର ସ୍ୱତନ୍ତ୍ର ନୀତିକାନ୍ତି ପାଇଁ ୧୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶନିବାର ଅବଗତ କରାଯାଇଛି । ଶନିବାର ରାତି ସାଢ଼େ ୧୦ଟା ପରଠାରୁ ଆପାତତଃ ରବିବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶ୍ରୀଜିଉଙ୍କ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଏପରିକି ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁମାନେ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ସ୍ନାନ ମଣ୍ଡପରେ ଦର୍ଶନ ପରେ ଶ୍ରୀମନ୍ଦିରର ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ । ସେହିପରି ବଡ଼ଦାଣ୍ଡରେ ମାର୍କେଟ ଛକ ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ହୋଇଥିବା ବ୍ୟାରିକେଡ଼ର କିଛି ଅଂଶ ଖୋଲା ରହିବ ।ଫଳରେ ବ୍ୟାରିକେଡରେ ଥିବା ଭକ୍ତ ମଧ୍ୟ ବଡ଼ଦାଣ୍ଡରେ ଥାଇ ସ୍ନାନ ମଣ୍ଡପରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିପାରିବେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ବରିଷ୍ଠ ଅଧିକାରୀଙ୍କ ସହ ଦେବସ୍ନାନ ପାଇଁ ଗ୍ରହଣ କରାଯାଇଥିବା ସମସ୍ତ ବ୍ୟବସ୍ଥାର ଟିକିନିଖି ସମୀକ୍ଷା କରିଛନ୍ତି ।

### ।। ନିର୍ଦ୍ଦେଶନାମାକୁ ପାଳନ କରୁନାହାନ୍ତି କର୍ମଚାରୀ ।।

# ଏସ୍‌ସିବି ନିରାମୟ କେନ୍ଦ୍ର ପାଲଟିଛି ପାର୍କିଂ ସ୍ଥାନ




କଟକ, ୨୭।୬(ନିପ୍ର): ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନିରାମୟ ଔଷଧ କେନ୍ଦ୍ର କର୍ମଚାରୀଙ୍କ ଗାଡି ପାର୍କିଂ ସ୍ଥାନ ପାଲଟିଛି । ଗାଡ଼ି ପାର୍କିଂ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲେ ମଧ୍ୟ କର୍ମଚାରୀମାନେ ମନମୁଖି ପାର୍କିଂ କରୁଛନ୍ତି । ଯାହାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ସନ୍ଧ୍ୟା ପରେ ରୋଗୀ ଓ ସମ୍ପର୍କୀୟଙ୍କ ଗହଳି କମ ରହୁଥିବାରୁ ନିରାମୟ କେନ୍ଦ୍ରରେ ବେଧଡ଼କ ଭାବେ ପାର୍କିଂ କରାଯାଉଛି । ରୋଗୀ ଔଷଧ ଆଣିବା ଲାଗି ଯିବାକୁ ହେଲେ ଗାଡ଼ିକୁ ଡେଇଁ ଯିବାକୁ ବାଧ୍ୟ ହେଉଛନ୍ତି । ସୂଚନାଯୋଗ୍ୟ, ରାଜ୍ୟ ସରକାର ଏସସିବିରେ ରୋଗୀଙ୍କ ଲାଗି ଚିକିତ୍ସା ସହ ପରୀକ୍ଷା ନିରୀକ୍ଷା ଏବଂ ଔଷଧ ମାଗଣାରେ ପ୍ରଦାନ କରୁଛନ୍ତି । ଉନ୍ନତ ଚିକିତ୍ସା ପାଇବା ଆଶାରେ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଏଠାକୁ ଧାଇଁ ଆସିଥାନ୍ତି । ସକାଳେ ଯେତିକି ରୋଗୀ ଆସୁଛନ୍ତି ସନ୍ଧ୍ୟାରେ ମଧ୍ୟ ଦୁର୍ଘଟଣା ଆକ୍ରାନ୍ତ ଓ ଅନ୍ୟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଲାଗି ରୋଗୀ ଆସିଥାନ୍ତି । ଡାକ୍ତରଙ୍କ ପରାମର୍ଶ ପରେ ଔଷଧ ସେବନ ଲାଗି କହିଥାନ୍ତି । ଯାହା ନିରାମୟ କେନ୍ଦ୍ରରୁ ଆଣିବାକୁ ଡାକ୍ତର କୁହନ୍ତି । ରୋଗୀମାନେ ଯେପରି ସୁବିଧାରେ ଔଷଧ ପାଇବେ ସେଥିଲାଗି ଟ୍ରମା କେନ୍ଦ୍ର ସମ୍ମୁଖ ଓ ଚକ୍ଷୁ ବିଭାଗ କେନ୍ଦ୍ର ନିକଟରେ ୨୪ ଘଣ୍ଟିଆ ନିରାମୟ କେନ୍ଦ୍ର ଖୋଲାଯାଇଛି । ନନ୍ ଟ୍ରମା କାଜୁଆଲିଟିରେ ଚିକିତ୍ସିତ ହେଉଥିବା ରୋଗୀ ଚକ୍ଷୁ ବିଭାଗ କେନ୍ଦ୍ରକୁ ଆସି ଔଷଧ ନେଇଥାନ୍ତି । ଗୁରୁତ୍ୱପୂର୍ଣ୍ଣ ନିରାମୟ କେନ୍ଦ୍ର ହୋଇଥିଲେ ମଧ୍ୟ ମେଡିକାଲ କର୍ମଚାରୀ ନିଜ ଗାଡ଼ିକୁ ରାତ୍ରିରେ ନିରାମୟ କେନ୍ଦ୍ର ସମ୍ମୁଖରେ ରଖୁଛନ୍ତି । ଗୁରୁବାର ଓଡ଼ି ୦୫-ଏଭି ୦୯୧୧ର ଏକ ବାଇକ୍ ଗାଡ଼ି ରଖାଯାଇଥିଲା । ଘଣ୍ଟା ଘଣ୍ଟା ଧରି ସେହି ସ୍ଥାନରେ ଗାଡ଼ିଟି ଠିଆ ହୋଇ ରହିଥିଲା । ଅନ୍ୟପକ୍ଷରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସୁରକ୍ଷାକର୍ମୀମାନେ ଗାଡ଼ି ପାର୍କିଂ ଲାଗି ସେଠାରେ ରହି ପରାମର୍ଶ ଦିଅନ୍ତି । ହେଲେ ସନ୍ଧ୍ୟା ପରେ ତାହା ସେମାନଙ୍କର ନାହିଁ । କୌଣସି କର୍ମଚାରୀଙ୍କ ପ୍ରତି ଲଗାମ ନଥିବାରୁ କର୍ମଚାରୀମାନେ ମନମୁଖି କାର୍ଯ୍ୟ କରୁଛନ୍ତି । କର୍ମଚାରୀମାନେ ସିଏ ଯେଉଁଠି ଚାହିଁଲା ଗାଡ଼ି ରଖି କାମ କରିବାକୁ ପଳାଉଛନ୍ତି । ଗାଡ଼ି ରଖିବା ଯୋଗୁଁ ସାଧାରଣ ଲୋକ ନାହିଁ ନଥିବା ହରକତ ହେଉଛନ୍ତି । ଏସସିବିରେ ସାଧାରଣ ଲୋକ, ରୋଗୀ, ଡାକ୍ତର, କର୍ମଚାରୀଙ୍କ ଲାଗି ଗାଡ଼ି ପାର୍କିଂ ଲାଗି ସ୍ଥାନ ଚିହ୍ନଟ ହୋଇଛି । ସେହି ସ୍ଥାନରେ ପାର୍କିଂ ନ କଲେ ଜରିମାନା ମଧ୍ୟ ଆଦାୟ କରିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଛନ୍ତି । ହେଲେ ଏହି ନିୟମକୁ କର୍ମଚାରୀମାନେ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି । ସାଧାରଣ ଲୋକଙ୍କ ଲାଗି ଯେଉଁ ନିୟମ ରହିଛି ତାହା କର୍ମଚାରୀଙ୍କ ଉପରେ ଲାଗୁ କରିବାକୁ ଲାଗି ଦାବି କରାଯାଉଛି । ଫଳରେ ପାର୍କିଂ ଲାଗି କର୍ମଚାରୀ ସଚେତନତା ହେବା ସହ ରାତି ସଠିକ୍ ସ୍ଥାନରେ ରଖିପାରିବେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ